# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 10/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 286 | ମୂଲ୍ୟ ₹୭/-




**'ବ୍ୟାଟଲ୍ ଅଫ୍ ଗଲ୍‌ୱାନ': ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍**

'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍' ଫିଲ୍ମରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଲୁକ୍ ଉପରୁ ମଙ୍ଗଳବାର ପରଦା ଉଠିଛି। ୦୫


୧୪ **ନିଖତ କ୍ୱାର୍ଟର ଫାଇନାଲରେ**

ଭାରତର ନିଖତ ଜରିନ ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



# ରାଧାକ୍ରିଷ୍ଣନ୍ ୧୫ତମ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯



ସି.ପି. ରାଧାକ୍ରିଷ୍ଣନ

ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ବିଜୟୀ ହୋଇଛନ୍ତି। ତାଙ୍କୁ ୪୫୨ ଭୋଟ ମିଳିଥିବାବେଳେ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ ଭୋଟ ମିଳିଥିବା ରିଟର୍ନିଂ ଅଫିସର ତଥା ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଘୋଷଣା କରିଛନ୍ତି। ଭୋଟ ଟାଲିକୁ ଦେଖିଲେ କେତେଜଣ ବିରୋଧୀ ଦଳ ଏମ୍‌ପି ରାଧାକ୍ରିଷ୍ଣନଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା ଜଣାପଡୁଛି। ଅନ୍ୟୂନ ୧୫ ଜଣ ବିରୋଧୀ ଦଳ ସଦସ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭାଜପାର କେତେଜଣ ନେତା ଦାବି କରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ☞ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

**ଆସିପାରେ ୪ରୁ ଅଧିକ ପ୍ରସ୍ତାବ**

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ସାଢ଼େ ୫ଟାରେ ଅନୁଷ୍ଠିତ ହେବାକୁଥିବା ଏହି କ୍ୟାବିନେଟ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଭଳି ୪ଟି ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯିବାକୁ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାର ବିକାଶକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାକୁ ନେଇ ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ରୋଧର ଶିକାର**

**ନେପାଳରେ ଅରାଜକତା**

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେଲେ

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନେପାଳ ସରକାର ନିଷେଧାଦେଶ ଲଗାଇବା ପରେ ଦେଶରେ ବିଦ୍ରୋହର ନିଆଁ ଜଳିଛି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋମବାର ଅନେକ ହଜାର ଯୁବ ଛାତ୍ର ବିକ୍ଷୋଭରେ ସାମିଲ ହେବା ପରେ ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବାରୁ ୨ ଦିନରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସ୍କୁଲ ପିଲା ରହିଛନ୍ତି। ଏପରି କି ସୁରକ୍ଷା ଯବାନମାନେ ହସ୍ପିଟାଲରେ ପ୍ରବେଶ କରି ଚିକିତ୍ସିତ ହେଉଥିବା ଆହତମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଦୁର୍ନୀତି ବିରୋଧରେ କହିବାରୁ ମହିଳା ଓ ଝିଅମାନଙ୍କୁ ସେମାନଙ୍କ ଘରେ ବଳାତ୍କାର କରାଯାଇଥିଲା। ଏହି ଘଟଣା ଆନ୍ଦୋଳନକାରୀଙ୍କୁ ଆହୁରି କ୍ରୋଧିତ କରିଥିଲା। ସ୍ଥିତି ସୁଧାରିବାକୁ ଯାଇ ସରକାର ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇ ସୋମବାର ବିଳମ୍ବିତ ରାତିରେ ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ କ୍ରୋଧ ପ୍ରଶମିତ ହୋଇନାହିଁ। ମଙ୍ଗଳବାର ଆନ୍ଦୋଳନ ଆହୁରି ବ୍ୟାପକ ହେବା ସହ ଉତ୍ତେଜିତ ଆନ୍ଦୋଳନକାରୀ ପାର୍ଲାମେଣ୍ଟ ଭବନ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ମଧ୍ୟ ଜାଳି ଦେଇଛନ୍ତି। ଦେଶରେ ରାଜନୈତିକ ଅଚଳାବସ୍ଥା ଦେଖାଦେଇଥିବାବେଳେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଇଛନ୍ତି। ବ୍ୟାପକ ଆନ୍ଦୋଳନ ନେପାଳକୁ ଦୋହଲାଇ ଦେଇଛି। ରାଜନୈତିକ ନେତୃତ୍ୱର ଅନୁପସ୍ଥିତିରେ ନେପାଳୀ ସେନା ଦେଶର ସୁରକ୍ଷା ସ୍ଥିତି ନିଜ ହାତକୁ ନେଇଥିବା ଏକ ବିବୃତିରେ କହିଛି। ଆନ୍ଦୋଳନକାରୀ ଆଲୋଚନା ଜରିଆରେ ସଙ୍କଟର ସମାଧାନ ପାଇଁ ନେପାଳୀ ସେନା ଏବଂ ଅନ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ମଙ୍ଗଳବାର ମିଳିତ ଭାବେ ନିବେଦନ କରିଛନ୍ତି। ରାଜନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଖୋଜିବା ପାଇଁ ସେମାନେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।




କାଠମାଣ୍ଡୁରେ ସରକାର ବିରୋଧୀ ଆନ୍ଦୋଳନବେଳେ ଜଣେ ବିକ୍ଷୋଭକାରୀ ପୋଲିସ ଜ୍ୟାକେଟ୍ ପିନ୍ଧି ସ୍ଲୋଗାନ ଦେଉଛନ୍ତି।

- **ଇସ୍ତଫା ଦେଲେ ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**
- **ପାର୍ଲାମେଣ୍ଟ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ପୋଡ଼ିଦେଲେ**
- **ଅର୍ଥମନ୍ତ୍ରୀ, ସଚିବଙ୍କୁ ଗୋଡ଼ାଇ ପିଟିଲେ ବିକ୍ଷୋଭକାରୀ**

କାଠମାଣ୍ଡୁ,୯।୯(ପି.ଟି./ଏଜେନ୍ସି)

୨୦୦୧ ଜୁନ୍ ୧ରେ କାଠମାଣ୍ଡୁସ୍ଥିତ ନେପାଳ ରାଜପ୍ରାସାଦରେ ତତ୍କାଳୀନ ରାଜା ବୀରେନ୍ଦ୍ର ବୀର ବିକ୍ରମ ଶାହା ଓ ରାଣୀ ଐଶ୍ୱର୍ଯ୍ୟାଙ୍କ ସମେତ ରାଜପରିବାରର ୯ ଜଣଙ୍କୁ ରାଜକୁମାର ଦୀପେନ୍ଦ୍ର ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ଏହା ପରେ ବୀରେନ୍ଦ୍ରଙ୍କ ସାନଭାଇ ଜ୍ଞାନେନ୍ଦ୍ରଙ୍କ ରାଜ୍ୟାଭିଷେକ କରାଯାଇଥିଲା। ତେବେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଲଗାତର ଆନ୍ଦୋଳନ ପରେ ୨୦୦୮ରେ ୨୩୯ ବର୍ଷ ପୁରୁଣା ନେପାଳ ରାଜତନ୍ତ୍ରକୁ ଉଚ୍ଛେଦ କରାଯାଇଥିଲା। ସେବେଠୁ ଦେଶରେ ବିଭିନ୍ନ ଦଳର ୧୪ ସରକାର ଗଠିତ ହୋଇଥିଲେ ମଧ୍ୟ କାହା ଶାସନ ଟିକିପାରିନାହିଁ। ୨୦୨୪ ଜୁଲାଇରେ ଖଡ୍ଗ ପ୍ରସାଦ ଶର୍ମା ଓଲି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରଠୁ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ଦେଶ ଭ୍ରଷ୍ଟାଚାର ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବାବେଳେ ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ଥର ଆନ୍ଦୋଳନ ମୁଣ୍ଡ ଟେକିଛି। ଇତିମଧ୍ୟରେ ଗତ ୪ ତାରିଖରେ ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏମ୍‌ଏଲ)-ନେପାଳୀ କଂଗ୍ରେସ ମେଣ୍ଟ ସରକାର ଦେଶରେ ଫେସ୍‌ବୁକ୍, ☞ପୃଷ୍ଠା-୪


ODISHA
INDIA'S BEST KEPT SECRET.

DSPL-251



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶୁଭାରମ୍ଭ

"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"
ଟ୍ରେନ୍



ଏହି ତୀର୍ଥଯାତ୍ରାରେ ୫ ଗୋଟି ପ୍ରାରମ୍ଭ ଷ୍ଟେସନରୁ ୧୦ ଗୋଟି ତୀର୍ଥଯାତ୍ରା ଟ୍ରେନ୍ ନିର୍ଦ୍ଧାରିତ ତୀର୍ଥସ୍ଥଳୀକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ଯାତ୍ରା କରିବେ।
ପ୍ରତ୍ୟେକ ତୀର୍ଥଯାତ୍ରା ଟ୍ରେନ୍‌ରେ ୮୦୦ ଜଣ ତୀର୍ଥଯାତ୍ରୀ ଯାତ୍ରା କରିବାର ସୁବିଧା ରହିଅଛି।

ତୀର୍ଥଯାତ୍ରା ସମୟ: ପୂର୍ବାହ୍ନ ୧୧.୦୦ ଘଟିକା

| ଯାତ୍ରା ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ୍‌ର ନାମ | ଅନ୍ତର୍ଭୁକ୍ତ ଜିଲ୍ଲାର ନାମ | ଭ୍ରମଣ ସ୍ଥାନ | ଯାତ୍ରା ପ୍ରାରମ୍ଭ ତାରିଖ | ଯାତ୍ରା ସମାପ୍ତ ତାରିଖ |
|---|---|---|---|---|---|
| ୧ | ଭୁବନେଶ୍ୱର | ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଜଗତସିଂହପୁର | ୧. ଅଯୋଧ୍ୟା-ବାରଣାସୀ | ୧୦.୦୯.୨୦୨୫ | ୧୫.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୨୫.୧୧.୨୦୨୫ | ୩୦.୧୧.୨୦୨୫ |
| ୨ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, ନୟାଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୧୯.୦୯.୨୦୨୫ | ୨୪.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୧୭.୧୧.୨୦୨୫ | ୨୨.୧୧.୨୦୨୫ |
| ୩ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୦୮.୧୦.୨୦୨୫ | ୧୩.୧୦.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୫.୧୨.୨୦୨୫ | ୧୦.୧୨.୨୦୨୫ |
| ୪ | ରାୟଗଡ଼ | ରାୟଗଡ଼, କୋରାପୁଟ, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି | ୧. ଅଯୋଧ୍ୟା-ବାରଣାସୀ | ୨୯.୧୦.୨୦୨୫ | ୦୩.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୧୫.୧୨.୨୦୨୫ | ୨୦.୧୨.୨୦୨୫ |
| ୫ | ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର | ୧. ଅଯୋଧ୍ୟା-ବାରଣାସୀ | ୦୭.୧୧.୨୦୨୫ | ୧୨.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୭.୦୧.୨୦୨୬ | ୧୨.୦୧.୨୦୨୬ |



OIPR-37001/13/0057/2526

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର | www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

## ହିମସ୍ଖଳନରେ ୩ ଯବାନଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୯।୯

ଲଦାଖର ସିଆଚେନ୍ ବେସ୍‌କ୍ୟାମ୍ପଠାରେ ମଙ୍ଗଳବାର ବଡ଼ ଧରଣର ହିମ ସ୍ଖଳନରେ ୩ ଜଣ ସେନା ଯବାନ ପ୍ରାଣ ହରାଇଛନ୍ତି। ବିଶ୍ୱର ସର୍ବୋଚ୍ଚ ଯୁଦ୍ଧଭୂମି ଭାବେ ପରିଚିତ ସିଆଚେନ୍‌ରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯବାନମାନେ ମାହାର ରେଜିମେଣ୍ଟର ହୋଇଥିବାବେଳେ ସେମାନଙ୍କ ଘର ଗୁଜରାଟ, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡରେ। ବରଫ ଅତଡ଼ା ତଳେ ସେମାନେ ୫ ଘଣ୍ଟା ରହିଯିବାରୁ ମୃତ୍ୟୁ ଘଟିଥିଲା। ତେବେ ଜଣେ ସେନା କ୍ୟାପ୍‌ଟେନ୍‌ଙ୍କୁ ବରଫ ତଳୁ ଉଦ୍ଧାର କରାଯାଇଛି। ପାଖାପାଖି ୨୦ ହଜାର ଫୁଟ୍ ଉଚ୍ଚରେ ଥିବା ନିୟନ୍ତ୍ରଣ ରେଖାର ଉତ୍ତର ପାର୍ଶ୍ୱରେ ସିଆଚେନ୍ ଗ୍ଲେସିୟର ଅବସ୍ଥିତ। ସେଠାରେ ତାପମାତ୍ରା ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବାବେଳେ ହିମସ୍ଖଳନ ସାଧାରଣ କଥା। ୨୦୨୧ରେ ହିମସ୍ଖଳନ ଘଟି ୨ ଯବାନ ପ୍ରାଣ ହରାଇଥିବାବେଳେ ଦୀର୍ଘ ୬ ଘଣ୍ଟାର ଅଭିଯାନ ପରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ୨୦୧୯ରେ ଆଉ ଏକ ହିମସ୍ଖଳନରେ ୪ ଯବାନ ଓ ୨ ଜଣ ପୋର୍ଟରଙ୍କ ମୃତ୍ୟୁ ଘଟିଥିଲା।

## ପୁଞ୍ଚ୍‌ରେ ମାଟି ଦବି ୫୦ ବିଲ୍ଡିଂ କ୍ଷତିଗ୍ରସ୍ତ

ଜମ୍ମୁ,୯।୯

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ପାହାଡ଼ ଗଡ଼ାଣିରେ ଥିବା ଏକ ଗାଁର ମାଟି ଦବିଯିବାରୁ ୫୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଜମ୍ମୁ-କଶ୍ମୀର ମନ୍ତ୍ରୀ ତଥା ମେନ୍ଧର ବିଧାୟକ ଜାଭେଦ ଅହମଦ ରାଣା କାଲାବାନ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ଥଇଥାନ ପ୍ରତିଶ୍ରୁତି ଦେଇଛନ୍ତି। ୨୫ରୁ ଊର୍ଦ୍ଧ୍ୱ ଆବାସିକ ଘର, ୩ଟି ସ୍କୁଲ୍ ବିଲ୍ଡିଂ, ଗୋଟିଏ ମସ୍‌ଜିଦ, ଗୋଟିଏ କବରସ୍ଥାନ ଏବଂ ଉକ୍ତ ଗାଁକୁ ଯାଇଥିବା ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟ ୨୦ଟି ଘରେ ଫାଟ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳର ମାଟି ଦବିବା ଜାରି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ପୁଞ୍ଚ୍, ରାଜୌରୀ ଓ କଶ୍ମୀରର ବିଭିନ୍ନ ଭାଗରେ ଭୂମି ଦବୁଥିବା ମନ୍ତ୍ରୀ ରାଣା କହିଛନ୍ତି।

ଦିଲ୍ଲୀରେ ଆଜି




ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଏମ୍‌ପି ଏଚ୍.ଡି. ଦେବେଗୌଡ଼ା ଭୋଟ ଦେଉଛନ୍ତି। (ଫଟୋ- ଚମନ ଗୌତମ)

# ଆର୍‌ଏସ୍‌ଏସ୍ ସଦସ୍ୟରୁ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯(ପି.ଟି.)

ଚନ୍ଦ୍ରପୁରମ୍ ପୋନ୍ନୁସାମି ରାଧାକ୍ରିଷ୍ଣନ୍ ମଙ୍ଗଳବାର ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସଦସ୍ୟତାରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ନମ୍ରଭାଷୀ ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ହୋଇପାରିଛନ୍ତି। ରାଜନୈତିକ ଓ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଭଲ ଅଭିଜ୍ଞତା ରହିଥିବାରୁ ରାଜ୍ୟ ସଭାର ଅଧ୍ୟକ୍ଷ ଭାବେ ସେ ନିଜ ଭୂମିକାକୁ ସୁଚାରୁ ରୂପେ ତୁଲାଇବେ ବୋଲି କୁହାଯାଉଛି। ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ସମସ୍ତଙ୍କୁ ଚକିତ କରି ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା ଦେଇଥିଲେ। ଏହି ପଦବୀ ଗ୍ରହଣ କରିବାରେ ରାଧାକ୍ରିଷ୍ଣନ ତାମିଲନାଡୁର ତୃତୀୟ ନେତା। ୬୭ ବର୍ଷୀୟ ରାଧାକ୍ରିଷ୍ଣନଙ୍କୁ ତାଙ୍କ ଶୁଭେଚ୍ଛୁମାନେ 'ପାଚାଇ ତିମିଝାନ' (ସଚ୍ଚା ତାମିଲ) କହିଥାନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ତାଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ବେଳେ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ୨ ଥର କୋଏମ୍ବାଟୁରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ତାଙ୍କ ନାଁ ମନ୍ତ୍ରୀପଦ ପାଇଁ ଚର୍ଚ୍ଚା ହେଉଥିଲା। ତେବେ ନାମକୁ ନେଇ ଭାଜପାର ତତ୍କାଳୀନ ଗୃହ ପରିଚାଳନାକାରୀଙ୍କ ଭୁଲ୍ ବୁଝାମଣାରୁ ୧୯୯୮ରେ ପୋନ୍ ରାଧାକ୍ରିଷ୍ଣନ ମନ୍ତ୍ରୀ ହୋଇଥିଲେ।



ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ପାଖରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ ଏବଂ ଜେ.ପି. ନଡ୍ଡା ଅଛନ୍ତି।

୧୯୫୭ ମେ' ୪ରେ ଜନ୍ମିତ ରାଧାକ୍ରିଷ୍ଣନ ୧୬ ବର୍ଷ ବୟସରୁ ଆର୍‌ଏସ୍‌ଏସ୍ ସହ ଜଡ଼ିତ ହୋଇ ପରେ ଜନସଂଘରେ ସାମିଲ ହୋଇଥିଲେ। କଲେଜ ପଢ଼ା ସମୟରେ ରାଧାକ୍ରିଷ୍ଣନ ଟେବୁଲ ଟେନିସ୍ ଚାମ୍ପିୟନ୍ ହେବା ସହ ମାରାଥନ ରନର ଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ୧୯୯୬ରେ ତାମିଲନାଡୁ ଶାଖାର ସମ୍ପାଦକ ହୋଇଥିଲେ। ୨୦୦୩ରୁ ୨୦୦୬ ସେ ତାମିଲନାଡୁ ଭାଜପା ସଭାପତି ରହିଥିଲେ। ସେ ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଓ ପଣ୍ଡିଚେରୀର ରାଜ୍ୟପାଳ ରହିଥିଲେ। ରାଜ୍ୟପାଳ ଭାବେ ସେ ସାଧାରଣ ନାଗରିକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦେଉଥିଲେ। ବ୍ୟବସ୍ଥାପିକା ଓ ସମ୍ବିଧାନ ଉପରେ ତାଙ୍କର ପର୍ଯ୍ୟାପ୍ତ ଜ୍ଞାନ ରହିଛି। ଏନ୍‌ଡିଏ ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ ଚୟନ କରିବା ପରେ ସେ ଜଣେ ପ୍ରେରଣାଦାୟୀ ଉପରାଷ୍ଟ୍ରପତି ହେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।

## ପଞ୍ଜାବ, ହିମାଚଳରେ ବନ୍ୟାସ୍ଥିତି ଅନୁଧ୍ୟାନ କଲେ ମୋଦି

ନୂଆଦିଲ୍ଲୀ,୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପଞ୍ଜାବ ଓ ହିମାଚଳପ୍ରଦେଶର ବନ୍ୟା ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ସେ ଲଗାଣ ବର୍ଷା ଓ ଭୂସ୍ଖଳନଜନିତ କ୍ଷୟକ୍ଷତି ଆକଳନ କରିବା ସହ ହିମାଚଳପ୍ରଦେଶ ପାଇଁ ତୁରନ୍ତ ୧,୫୦୦ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୃତକଙ୍କ ପରବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ରାଜ୍ୟର ଉଚ୍ଚ ପଦାଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ସହାୟତା ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଜାବର ଗୁରଦାସପୁରରେ ପ୍ରଧାନମନ୍ତ୍ରୀ ଓହ୍ଲାଇ ପ୍ରଭାବିତ ଲୋକମାନଙ୍କ ସମେତ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ସହ କଥା ହୋଇଥିଲେ। ଗୁରଦାସପୁରରେ ସେ ଅଫିସରମାନଙ୍କ ସହ ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ। ବୈଠକରେ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ, ପଞ୍ଜାବ କୃଷିମନ୍ତ୍ରୀ ଗୁରମିତ୍ ସିଂ ଖୁଡ୍ଡିଆନ୍, କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଉପସ୍ଥିତ ଥିଲେ।

# ଭ୍ରଷ୍ଟ ଶାସନତନ୍ତ୍ର ବିରୋଧୀ ବିକ୍ଷୋଭରୁ ହିଂସା




କାଠମାଣ୍ଡୁରେ ଛାତ୍ରମାନେ ନେପାଳ ସରକାରଙ୍କ ବିରୋଧରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି।

କାଠମାଣ୍ଡୁ, ୯।୯

ନେପାଳରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ଜାରି ନିଷେଧାଦେଶ ବିରୋଧରେ ଯୁବପିଢ଼ିଙ୍କ ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିଛି। ସୋମବାର ପୋଲିସ ଗୁଳିରେ ୨୩ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ବିକ୍ଷୋଭକାରୀମାନେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ବାସଭବନକୁ ଜାଳି ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ହିଂସ୍ର ରୂପ ନେବା ପରେ ମଙ୍ଗଳବାର ନେପାଳ ସରକାର ସୋସିଆଲ ମିଡିଆ ଉପରୁ ନିଷେଧାଦେଶ ହଟାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଭାରତର ଏହି ପଡ଼ୋଶୀ ଦେଶରେ ଶାନ୍ତି ଫେରି ଆସିପାରି ନାହିଁ। ଏଥିରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଏହି ଆନ୍ଦୋଳନର ଏକମାତ୍ର କାରଣ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ନେଇ ଦେଶର ଅନେକ ବୁଦ୍ଧିଜୀବୀ କହିଛନ୍ତି। ନେପାଳ ସରକାରରେ ପ୍ରଚଳିତ ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ କ୍ଷମତାରେ ଥିବା ରାଜନେତା ତଥା ବ୍ୟୁରୋକ୍ରାଟ୍‌ଙ୍କ ପିଲାମାନଙ୍କୁ ଦିଆଯାଉଥିବା ଅନୁଚିତ ଲାଭକୁ ନେଇ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ଗତ କିଛି ବର୍ଷ ଧରି ରହିଥିବା ଆକ୍ରୋଶର ଏହା ପ୍ରତିଫଳନ ବୋଲି ସେମାନେ କହିଛନ୍ତି।

ନେପାଳରେ ଏହି ହିଂସାତ୍ମକ ଆନ୍ଦୋଳନ ସୋମବାର ଆରମ୍ଭ ହୋଇଥିବା ବେଳେ ଏହାର କିଛିଦିନ ତଳେ ଦେଶରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନେପୋକିଡ୍ସ, ନେପୋବେବି, ପଲିଟିସିଆନ୍ସନେପୋବେବି ପରି ହ୍ୟାଶ୍‌ଟ୍ୟାଗ୍ ଟ୍ରେଣ୍ଡ୍ କରୁଥିଲା। ସୋସିଆଲ ମିଡିଆରେ ଲୋକମାନେ ଦେଶର ଯୁବପିଢ଼ିଙ୍କ ତୁଳନା ନେତା ତଥା ବ୍ୟୁରୋକ୍ରାଟ୍‌ଙ୍କ ପିଲାଙ୍କ ସହ କରୁଥିଲେ। ଯୁବପିଢ଼ି ୨ ଓଳିର ରୁଟି ଖାଇବା ପାଇଁ ସଂଘର୍ଷ କରୁଥିବା ବେଳେ କ୍ଷମତାସୀନ ରାଜନେତା ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପିଲାମାନେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ଦେଶ ଆର୍ଥିକ ସଙ୍କଟ ଓ ଦୁର୍ନୀତି ମଧ୍ୟରେ ପେଶି ହେଉଥିବା ବେଳେ ଉକ୍ତ ଟ୍ରେଣ୍ଡ୍ ବିଦେଶରେ ରାଜନେତାଙ୍କ ପିଲାମାନଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ପ୍ରଦର୍ଶିତ କରିଥିଲା। ନେପାଳୀ ଯୁବପିଢ଼ି ଦେଶରେ ଶିକ୍ଷା, ନିଯୁକ୍ତି ଆଦି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଥିବା ବେଳେ କ୍ଷମତାସୀନ ଲୋକଙ୍କ ପିଲାମାନେ ବିଦେଶରେ ବିଳାସପୂର୍ଣ୍ଣ ଜୀବନଶୈଳୀ ବିତାଉଥିବା ଦର୍ଶାଇ ଏହା ନେପାଳ ଶାସନ ବ୍ୟବସ୍ଥାରେ ଅସମାନତାର ନଗ୍ନ ଉଦାହରଣ ବୋଲି ଅନେକ ନେପାଳୀ ୟୁଜର୍ସ ପୋଷ୍ଟ କରିଥିଲେ।

ନେପାଳର ଦାରିଦ୍ର୍ୟ ଓ ବେକାରିକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଆକ୍ରୋଶ ରହିଆସିଛି। ଏକ ରିପୋର୍ଟ ଅନୁଯାୟୀ, ନେପାଳର ପ୍ରାୟ ୧୯% ଯୁବପିଢ଼ି ବେରୋଜଗାର ରହିଛନ୍ତି। ରୋଜଗାର ପାଇଁ ଅଧିକାଂଶ ଯୁବକଙ୍କୁ ଦେଶ ବାହାରକୁ ଯିବାକୁ ପଡୁଛି। ଦେଶରେ ଏପରି ବେକାରି ସ୍ତର ରହିଛି, ଯେଉଁଥିରେ ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧରେ ନେପାଳୀ ଲୋକଙ୍କୁ ଭଡ଼ାଟିଆ ସୈନିକ ଭାବରେ କାମ କରିବାକୁ ବାଧ୍ୟ କରାଯାଉଛି। ନେପାଳୀ ଯୁବପିଢ଼ିଙ୍କ ଏହି ଆକ୍ରୋଶ ଚରମସୀମାରେ ଥିବାବେଳେ ଦେଶର ସରକାରଙ୍କ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ପାଇଁ ନିର୍ଦ୍ଦେଶନାମା ସେମାନଙ୍କ ଆକ୍ରୋଶକୁ ବଢ଼ାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

## ଚର୍ଚ୍ଚାରେ ବାଲେନ୍ ଶାହ

ନେପାଳରେ ଜେନ୍ ଜେଡ୍‌ଙ୍କ ହିଂସ୍ର ଆନ୍ଦୋଳନ ମଧ୍ୟରେ ବାଲେନ୍ ଶାହାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବାଲେନ୍‌ଙ୍କୁ ଦେଶର ନୂତନ ପ୍ରଧାନମନ୍ତ୍ରୀ କରି ଶାସନତନ୍ତ୍ର ହସ୍ତାନ୍ତର କରିବାକୁ ଯୁବପିଢ଼ି ଦାବି କରୁଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ବାଲେନ୍ ହେଉଛନ୍ତି କାଠମାଣ୍ଡୁର ମେୟର। ନେପାଳର ଯୁବପିଢ଼ିଙ୍କ ମଧ୍ୟରେ ତାଙ୍କର ଢେର୍ ଲୋକପ୍ରିୟତା ରହିଛି। ପ୍ରାୟତଃ ବିଭିନ୍ନ ପ୍ରସଙ୍ଗକୁ ନେଇ ତାଙ୍କ ପୋଷ୍ଟ ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କରିଥାଏ ଏବଂ ଖୁବ୍‌ଶୀଘ୍ର ଟ୍ରେଣ୍ଡ୍ ମଧ୍ୟ ହୋଇଥାଏ। ଟାଇମ୍ ମାଗାଜିନ ପକ୍ଷରୁ ୨୦୨୩ର ଶ୍ରେଷ୍ଠ ୧୦୦ ବ୍ୟକ୍ତିତ୍ୱଙ୍କ ତାଲିକାରେ ତାଙ୍କ ନାମ ସାମିଲ ଥିଲା। ସୋସିଆଲ ମିଡିଆ ନିଷେଧ ବିରୋଧୀ ଜେନ୍ ଜେଡ୍‌ର ଆନ୍ଦୋଳନକୁ ସମର୍ଥନ କରି ବାଲେନ୍ ଖୁବ୍ ସହଜରେ ଯୁବପିଢ଼ିଙ୍କ ସମର୍ଥନକୁ ନିଜ ସପକ୍ଷରେ ହାଇଜ୍ୟାକ୍ କରିଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।





କାଠମାଣ୍ଡୁରେ ନେପାଳୀ କଂଗ୍ରେସ ପାର୍ଟିର କାର୍ଯ୍ୟାଳୟକୁ ମଙ୍ଗଳବାର ବିକ୍ଷୋଭକାରୀମାନେ ଜାଳି ଦେଇଛନ୍ତି।

## ଭାରତ-ନେପାଳ ସୀମାରେ ସୁରକ୍ଷା ବୃଦ୍ଧି

ଭାରତ ଏବଂ ନେପାଳ ମଧ୍ୟରେ ରହିଥିବା ୧,୭୫୧ କିଲୋମିଟର ଲମ୍ବା ବାଡ଼ହୀନ ସୀମାର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଏହି ସୀମାର ସୁରକ୍ଷା ପାଇଁ ନିୟୋଜିତ ଥିବା ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଏହାର ସମସ୍ତ ସୀମା ପୋଷ୍ଟରେ ସୁରକ୍ଷାକୁ ବଢ଼ାଇଛି। ସେହିପରି ସତର୍କ ରହିବାକୁ ଏସ୍‌ଏସ୍‌ବି କମାଣ୍ଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୀମାରେ ଥିବା ଏସ୍‌ଏସ୍‌ବିର ୨୨ଟି ଆଉଟ୍‌ପୋଷ୍ଟରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ସେହିପରି ଭାରତ-ନେପାଳ ସୀମାନ୍ତ ଅଞ୍ଚଳରେ ଥିବା ୫ଟି ଥାନାର ଅଧିକାରୀମାନେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଲୋକଙ୍କ ଉପରେ କଡ଼ା ନଜର ରଖୁଥିବା ନେଇ ଉତ୍ତରପ୍ରଦେଶ ବଳରାମପୁର ଜିଲାର ଏସ୍‌ପି ବିକାଶ କୁମାର ସୂଚନା ଦେଇଛନ୍ତି।

## ନେପାଳ ନ ଯିବାକୁ ଭାରତୀୟଙ୍କୁ ପରାମର୍ଶ

ନେପାଳରେ ହିଂସା ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟମାନଙ୍କ ପାଇଁ ଆଡ୍‌ଭାଇଜରି ଜାରି କରାଯାଇଛି। ସ୍ଥିତିରେ ଉନ୍ନତି ନ ଆସିବା ପର୍ଯ୍ୟନ୍ତ ନେପାଳ ନ ଯିବା ପାଇଁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ପ୍ରତି ନେପାଳରେ ଫସିଥିବା ଭାରତୀୟ ନାଗରିକମାନେ ରାସ୍ତାକୁ ନ ବାହାରିବା ସହ ସତର୍କତା ଅବଲମ୍ବନ କରିବାକୁ ଆଡ୍‌ଭାଇଜରିରେ କୁହାଯାଇଛି। ସ୍ଥାନୀୟ ନେପାଳୀ ଅଧିକାରୀ ଓ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସର ସୁରକ୍ଷା ନିର୍ଦ୍ଦେଶକୁ ପାଳନ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସହାୟତାର ଆବଶ୍ୟକ ହେଲେ ନେପାଳରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ହେଲ୍‌ପ୍‌ଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ଜରୁରୀ ସ୍ଥିତିରେ +୯୭୭ - ୯୮୦ ୮୬୦ ୨୮୮୧ ଏବଂ +୯୭୭ - ୯୮୧ ୦୩୨ ୬୧୩୪ ନମ୍ବରକୁ କଲ୍ କରିବା ପାଇଁ ନେପାଳରେ ଥିବା ଭାରତୀୟମାନଙ୍କୁ ଆଡ୍‌ଭାଇଜରିରେ ପରାମର୍ଶ ଦିଆଯାଇଛି। ନେପାଳର ସ୍ଥିତି ଉପରେ ଭାରତର କଡ଼ା ନଜର ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## କାଠମାଣ୍ଡୁକୁ ବିମାନ ଉଡ଼ାଣ ବାତିଲ କଲା ଏୟାର ଇଣ୍ଡିଆ, ଇଣ୍ଡିଗୋ

ଦିଲ୍ଲୀ ଏବଂ କାଠମାଣ୍ଡୁ ମଧ୍ୟରେ ୪ଟି ବିମାନ ଉଡ଼ାଣକୁ ମଙ୍ଗଳବାର ଏୟାର ଇଣ୍ଡିଆ ବାତିଲ କରିଛି। ସେହିପରି ନେପାଳରେ ହିଂସା ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ଇଣ୍ଡିଗୋ ଏୟାରଲାଇନ୍ସ ମଧ୍ୟ କାଠମାଣ୍ଡୁର ତ୍ରିଭୁବନ ଏୟାରପୋର୍ଟରୁ ନିଜ ବିମାନ ଉଡ଼ାଣକୁ ବାତିଲ କରିଛି। ରିପୋର୍ଟ ଅନୁଯାୟୀ, କାଠମାଣ୍ଡୁ ବିମାନବନ୍ଦର ନିକଟରେ ଧୂଆଁ ଦେଖାଯିବାରୁ ଏୟାର ଇଣ୍ଡିଆର ଏକ ବିମାନ ମଙ୍ଗଳବାର ୟୁଟର୍ନ ନେଇ ନୂଆଦିଲ୍ଲୀ ଫେରିଆସିଛି।




# ବନ୍ଦ ହେବ ଅକାମୀ ଯୋଜନା

**ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)**

ରାଜ୍ୟରେ ୫ ବର୍ଷରୁ ଅଧିକ ଦିନ ଧରି ପଡ଼ିରହିଥିବା ପୁରୁଣା ତଥା ଅକାମୀ ଯୋଜନା ବନ୍ଦ ହେବ। ଏହାବାଦ୍ ଯେଉଁ ଯୋଜନାଗୁଡ଼ିକ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନ ଥିବ ସେଗୁଡ଼ିକୁ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏନେଇ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ସବୁଠାରୁ ବଡ଼କଥା ହେଲା, କେଉଁ(ଆର୍ଥିକ ପରିମାଣ) ଯୋଜନାକୁ କେଉଁ ସ୍ତରରେ ଅନୁମୋଦନ ମିଳିବ ସେନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଅବଗତ କରାଇଛନ୍ତି।

ଅର୍ଥବିଭାଗ ପ୍ରମୁଖ ଶାସନସଚିବ ମିଶ୍ର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ବିଭାଗୀୟ ସଚିବଙ୍କ କ୍ଷମତା ୫ କୋଟି ଟଙ୍କା ରହିଛି। ସଚିବ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିପାରିବେ। ସେହିପରି ୫ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ବିଭାଗୀୟ ମନ୍ତ୍ରୀଙ୍କ ରହିଛି। ଏହାବାଦ୍ ବିଭାଗୀୟ ମନ୍ତ୍ରୀ, କ୍ୟାବିନେଟ୍ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲେ ୫୦ରୁ ୨୫୦ କୋଟି ଟଙ୍କାର ଯୋଜନାକୁ ଅନୁମୋଦନ ମିଳିପାରିବ।

**ସବୁ ବିଭାଗକୁ ଅର୍ଥ ବିଭାଗର ଚିଠି**

ରାଜ୍ୟରେ ନୂତନ ଯୋଜନା କାର୍ଯ୍ୟକାରୀ ନେଇ ୨୦୨୧ ମାର୍ଚ୍ଚ ୨୨ରେ ଏକ ମାର୍ଗଦର୍ଶିକା ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିଲା। ଏହାକୁ ସରକାରଙ୍କ ପକ୍ଷରୁ ସଂଶୋଧନ କରାଯାଇଛି, ଯେଉଁଥିରେ ବିଭିନ୍ନ ବିଭାଗରେ ପଡ଼ିରହିଥିବା ପୁରୁଣା ଯୋଜନାକୁ ବନ୍ଦ କରାଯିବ। ଯେଉଁ ଯୋଜନାଗୁଡ଼ିକ ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଅକାମୀ ହୋଇରହିଥିବ ତାକୁ ବନ୍ଦ କରାଯାଇପାରିବ ନଚେତ୍ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏଥିସହିତ କୌଣସି ଯୋଜନା ମିଶ୍ରଣ ବେଳେ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗର ସମ୍ପୂର୍ଣ୍ଣ କ୍ଷମତା ରହିଛି। ସେମାନେ ଚାହିଁଲେ ବନ୍ଦ କରିପାରିବେ କିମ୍ବା ମିଶ୍ରଣ କରିପାରିବେ ନଚେତ୍ ଏହାର ପୁନରୁଦ୍ଧାର ମଧ୍ୟ କରିପାରିବେ। ଏନେଇ ଆଗାମୀ ଆର୍ଥିକବର୍ଷ ୨୦୨୬-୨୭ ବଜେଟ୍ ପ୍ରସ୍ତୁତି ବେଳେ ବିଭାଗ ପକ୍ଷରୁ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି। ତେବେ ଯୋଜନା ପ୍ରସ୍ତାବ ପ୍ରସ୍ତୁତ କରିବାବେଳେ ପ୍ରଶାସନିକ ଅଧିକାରୀମାନେ ଯୋଜନାଟି ସାଧାରଣ ଲୋକଙ୍କ ପାଇଁ କେତେଦୂର ଲାଭବାନ୍ ହେବ ତାହାକୁ ଦୃଷ୍ଟି ଦେବାକୁ ପଡ଼ିବ। ଯୋଜନାର ସଫଳତାକୁ ନେଇ ତା'ର ମାନଦଣ୍ଡ ସ୍ଥିରୀକୃତ ହେବ। ଯେପରିକି ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସମାଜରେ ସମାନତା ଆସିପାରିବ, ଆର୍ଥିକ ଭାରସାମ୍ୟ ଓ ପ୍ରଭାବୀ ରହିବ। ପ୍ରମୁଖ ଶାସନ ସଚିବ ଆହୁରି ମଧ୍ୟ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ତା'ର ପରିବେଶ ପ୍ରଭାବ ଦିଗକୁ ମଧ୍ୟ ଆକଳନ କରିବାକୁ ହେବ। ଯଦି ଯୋଜନାଟି ପରିବେଶ ପ୍ରତିକୂଳ ପ୍ରଭାବ ପକାଉଥିବ ତେବେ ତାହା ଗ୍ରହଣୀୟ ହେବନାହିଁ। ଯେପରିକି ଗଛ କାଟିବା, ଜମି ଅଧିଗ୍ରହଣ କରିବା, ବିସ୍ଥାପନ ଓ ଥଇଥାନ ସମସ୍ୟା ଉପୁଜିବାର ଆଶଙ୍କା ଥିବ ସେକ୍ଷେତ୍ରରେ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ। ସେହିପରି ଯୋଜନା ପ୍ରସ୍ତୁତି ବେଳେ ବିପର୍ଯ୍ୟୟ ମୁକାବିଲା ଦିଗକୁ ଧ୍ୟାନ ଦେବା ସହିତ ନିରନ୍ତର ବିକାଶ ଲକ୍ଷ୍ୟ ଯେଭଳି ସାଧିତ ହୋଇପାରିବ ତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାସହିତ ଯୋଜନାଟି ମହିଳା ଓ ଶିଶୁ ବିକାଶକେନ୍ଦ୍ରିକ ହୋଇଥିବ କିମ୍ବା ଆଞ୍ଚଳିକ ଭାରସାମ୍ୟ ହ୍ରାସରେ ଯେପରି ସହାୟକ ହେଉଥିବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ୩ ବିଭାଗର ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର,୯।୯(ସୁଜିତ୍ ମିଶ୍ର)**

ସୁଭଦ୍ରା ଯୋଜନାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏକ ସମୀକ୍ଷା ବୈଠକ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ସାମିଲକରିବା ଲାଗି ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଏହାସହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍‌ଦେବା ଲାଗି ଯୋଜନା କରାଯିବ। ସୁଭଦ୍ରା ସମୀକ୍ଷା ବୈଠକ ପୂର୍ବରୁ ୩ଟି ବିଭାଗକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ତଥ୍ୟ ଲୋଡ଼ାଯାଇଥିଲା। ପରିବହନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ତଥ୍ୟ ମଗାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତାହାର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। କେଉଁ ମହିଳାମାନଙ୍କ ନାଁରେ ୩ ଚକିଆ ଯାନ ରହିଛି ସେମାନଙ୍କ ରିପୋର୍ଟ ପ୍ରଦାନ କରିବାକୁ ପରିବହନ ବିଭାଗକୁ କୁହାଯାଇଥିଲା। ଏହି ସମସ୍ତ ୩ ବିଭାଗ ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ପ୍ରଦାନ କରାଯାଇସାରିଛି। ଉକ୍ତ ତଥ୍ୟ ଆଧାରରେ ସୁଭଦ୍ରା ଯୋଜନାର ସମୀକ୍ଷା ଖୋଦ୍ ଉପମୁଖ୍ୟମନ୍ତ୍ରୀ କରିବେ।

**ଆଜି ସୁଭଦ୍ରା ସମୀକ୍ଷା ବୈଠକ**

# ବିଷାକ୍ତ ସାପ କାମୁଡ଼ାରେ ଭଉଣୀ ଭାଇ ମୃତ

**ଉମରକୋଟ, ୯।୯(ସନ୍ତୋଷ ଶତପଥୀ)**

ଯେକୌଣସି ରୋଗ ହେଉ କିମ୍ବା ସାପ କାମୁଡ଼ୁ ଏ ସବୁ କ୍ଷେତ୍ରରେ ଗୁଣିଆ ଦିଶାରୀଙ୍କ ପାଖକୁ ନ ଯାଇ ଡାକ୍ତରଖାନାକୁ ଯିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। କିନ୍ତୁ ଲୋକେ ଏବେ ବି ସଚେତନ ହେଉନାହାନ୍ତି। ଫଳରେ ଅନେକ ଜୀବନ ଚାଲିଯାଉଛି। ଏହାର ସଦ୍ୟ ଉଦାହରଣ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ରାଜପୁର ଗ୍ରାମରେ ଦେଖିବାକୁ ମିଳିଛି। ଶୋଇଥିବା ଅବସ୍ଥାରେ ସୋମବାର ରାତିରେ ଏକ ବିଷାକ୍ତ ସାପ ସୁକୁରାମ ହରିଜନଙ୍କ ଝିଅ ଅମିତା (୧୧) ଓ ୯ ମାସର ପୁଅ ଋତୁରାଜଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ସେମାନଙ୍କୁ ପ୍ରଥମେ ଗୁଣିଆଙ୍କ ପାଖକୁ ନେଇଥିଲେ। ଅଧିକ ଗୁରୁତର ହେବାରୁ ସେଠାରୁ ଡାକ୍ତରଖାନା ଆଣିଥିଲେ, କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ ସୋମବାର ରାତିରେ ସୁକୁରାମ ତାଙ୍କ ସ୍ତ୍ରୀ ହେମବତୀ, ଝିଅ ଅମିତା, ପୁଅ ଋତୁରାଜ ଓ ପରିବାରର ଅନ୍ୟ ସଦସ୍ୟମାନେ ରାତ୍ରିଭୋଜନ ପରେ ଶୋଇଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ଅମିତା ଓ ଋତୁରାଜଙ୍କୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଝିଅ ଓ ପୁଅଙ୍କୁ ଗୁରୁତର ଅବସ୍ଥାରେ ଦେଖି ପରିବାର ଲୋକେ ଏହାର କାରଣ ଜାଣିପାରି ନ ଥିଲେ। କିଛି ସମୟ ପରେ ଘର ଭିତରେ ବୁଲୁଥିବା ବିଷାକ୍ତ ସାପକୁ ଦେଖିଥିଲେ। ପିଲାମାନଙ୍କୁ ସାପ କାମୁଡ଼ିଥିବା ଅନୁମାନକରି ଉଭୟଙ୍କୁ ଗାଁ ନିକଟରେ ଥିବା ଜଣେ ଗୁଣିଆଙ୍କ ପାଖକୁ ନେଇ ଚିକିତ୍ସା କରିଥିଲେ। କିନ୍ତୁ ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଭୋର ୪ଟାରେ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହୁଏତ ପିଲା ୨ ଜଣଙ୍କ ଜୀବନ ବଞ୍ଚିପାରିଥାଆନ୍ତା ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପଣ୍ଡା କହିଛନ୍ତି। ଘଟଣାକୁ ନେଇ ଡାବୁଗାଁ ଥାନା ଅଧୀନ ସିଂସାରୀ ଫାଣ୍ଡିରେ କେସ୍ ନଂ. ୨୭/୨୫ ଓ ୨୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଫାଣ୍ଡି ଏସ୍ଆଇ ହରିହର ଭତ୍ରା ତଦନ୍ତ କରୁଛନ୍ତି। ଉମରକୋଟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଜପୁର ଗ୍ରାମରେ ଅମିତା ଓ ଋତୁରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ଚିକିତ୍ସା ଅବହେଳାରୁ ରାୟଗଡ଼ା ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ମାମଲା**

**କଟକ,୯।୯(କାର୍ତ୍ତିକ ସାହୁ)**

ଚିକିତ୍ସା ଅବହେଳାରୁ ରାୟଗଡ଼ାର ଦୁର୍ଗାପଡୁ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଆଗତ ମାମଲାରେ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତ (ଓଏଚ୍ଆର୍‌ସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପ୍ରବୀର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଆୟୋଗ ୩ ମାସରେ ମୃତକଙ୍କ ପରିବାରକୁ ଉପରୋକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ତଥ୍ୟ କମିଶନଙ୍କ ନିକଟରେ ଦାଖଲ କରିବାକୁ ଆୟୁକ୍ତ ଆଦେଶରେ ସ୍ପଷ୍ଟ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଚିକିତ୍ସା ପ୍ରଦାନରେ ଅବହେଳାରୁ ରାୟଗଡ଼ାର ଦୁର୍ଗାପଡୁ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ମନିଷା ମଡ଼ାଙ୍ଗୀଙ୍କ ୨୦୨୪ ଜୁଲାଇ ୮ରେ ମୃତ୍ୟୁ ଘଟିଥିଲା। ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଅଧୀନରେ ପରିଚାଳିତ ଏହି ଆଶ୍ରମ ସ୍କୁଲରେ ଅଧ୍ୟୟନରତ ଛାତ୍ରୀ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କୁ ଚିକିତ୍ସା ପ୍ରଦାନରେ ବିଳମ୍ବ କରିଥିଲେ। ଫଳରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଆବେଦନକାରୀ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଓଏଚ୍ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଦାୟୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଥିଲେ।




# ଭିତରକନିକାରେ ବଢ଼ିଲେ ୬୭୩ ଦେଶୀୟ ପକ୍ଷୀ

**ରାଜନଗର,୯।୯ (ଭାସ୍କର ରାଉତରାୟ)**

ଚଳିତବର୍ଷ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି। ଏବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ଏବର୍ଷ ୧୪୦୯ ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଛି। ରାଜନଗର ଡିଏଫ୍ଓ ଭରଦରାଜ ଗାଓଁକରଙ୍କ ସୂଚନା ମୁତାବକ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ଯାଏ ୩ ଦିନ ଧରି ଭିତରକନିକାର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବନ ବିଭାଗର ୩ ଟି ଟିମ ଓ ବାହାରେ




୨ଟି ଟିମ୍ ପକ୍ଷୀଗଣନା କରିଥିଲେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡ଼ିକ ମଧ୍ୟରେ ଗେଣ୍ଡାଳିଆ, ରାଣୀ ବଗ, ମଝିଆ ବଗ, ଛୋଟ ବଗ, ଖଇରା ବଗ, ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡିଆରେ ୧୩,୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭,୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡିଆରେ ୨୭,୧୮୮ ବଡ଼ପକ୍ଷୀ ଓ ୩୬,୩୬୪ ଶାବକ, ଦୁର୍ଗାପ୍ରସାଦଡିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡ଼ପକ୍ଷୀ ଓ ୧୯୪୪ ଶାବକଙ୍କୁ ଗଣନା ସମୟରେ ଠାବ କରାଯାଇଥିଲା। ସୂଚନାଯୋଗ୍ୟ, ଜୁନ୍ ଶେଷଭାଗରୁ ଭିତରକନିକାକୁ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରିଯିବେ। ମୌସୁମୀ ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି।

# 'ମହିଳା, କନ୍ୟାଙ୍କ ସୁରକ୍ଷା ପୋଲିସର ପ୍ରାଥମିକ କର୍ତ୍ତବ୍ୟ'

- **ଅପରାଧ ରୋକିବାକୁ ଡିଜିପିଙ୍କ ଆହ୍ୱାନ**
- **୧୩ ଜିଲାର ଏସ୍‌ପିଙ୍କୁ ମାନପତ୍ର ପ୍ରଦାନ**

**ଭୁବନେଶ୍ୱର,୯।୯ (ସତ୍ୟଜିତ୍ ରାଉତ)**

ରାଜ୍ୟରେ ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ। ଆଗାମୀ ଦିନରେ ବିକଶିତ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ। ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ। ମହିଳାମାନେ ହେଲେ ସମାଜର ଭିତ୍ତିଭୂମି। ସମାଜକୁ ଠିକ୍ ଢଙ୍ଗରେ ପରିଚାଳନା କରିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ। ବିଭିନ୍ନ ସମୟରେ ମହିଳାମାନେ ବଳାତ୍କାର, ଯୌନ ଅତ୍ୟାଚାର, ଘରୋଇ ହିଂସା, ସାଇବର ଅପରାଧ ଆଦିର ଶିକାର ହେଉଛନ୍ତି। ଏହାକୁ ରୋକିବାକୁ ସବୁ ସ୍ତରରେ ଯତ୍ନବାନ ହେବାକୁ ପଡ଼ିବ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ କହିଛନ୍ତି। ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ମଙ୍ଗଳବାର ଆୟୋଜିତ ମହିଳା ଓ ଶିଶୁ ସୁରକ୍ଷା ସଂକ୍ରାନ୍ତ ଦିନିକିଆ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଡିଜିପି ଉଦ୍‌ଘାଟନ କରି କହିଲେ ଯେ, ମହିଳାମାନଙ୍କ ଉପରେ ହେଉଥିବା ଅପରାଧ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟର ୫୩୭ଟି ଥାନାରେ ଖୋଲାଯାଇଥିବା ମହିଳା ଓ ଶିଶୁ ଡେସ୍କର ଠିକ ପରିଚାଳନା ଓ ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଳିମିଶି ସୁରକ୍ଷିତ ଓଡ଼ିଶା ଗଢ଼ିବା ଲାଗି ଆଗେଇ ଆସିବାକୁ ସବୁ ପୋଲିସ ଅଧିକାରୀଙ୍କୁ ଡିଜିପି ଖୁରାନିଆ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଜିଲାରେ ସଂଘଟିତ ହୋଇଥିବା ଗଣବଳାତ୍କାର ଭଳି ସଙ୍ଗିନ ଘଟଣା ସମାଜରେ ମହିଳାମାନଙ୍କ ମନୋବଳକୁ ଦୁର୍ବଳ କରିଛି। ଏସବୁ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୋଷୀଙ୍କୁ ଦଣ୍ଡ ଦେବାରେ ଅଗ୍ରଣୀ ଭୂମିକା ତୁଲାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଏଭଳି ମାମଲାର ଦଣ୍ଡାଦେଶ ହାର ୯.୧% ମାତ୍ର, ଯାହା ଯଥେଷ୍ଟ ନୁହେଁ। ତଦନ୍ତରେ ଗତିଶୀଳତା, ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପୀଡ଼ିତାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ଦ୍ୱାରା ଦଣ୍ଡାଦେଶ ହାରକୁ ବୃଦ୍ଧି କରିହେବ ବୋଲି ସେ କହିଥିଲେ। ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣ ରୋକିବା ତଥା ନିଖୋଜଙ୍କୁ ଠାବ କରି ଫେରାଇ ଆଣିବାକୁ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ପକ୍ଷରୁ ୩୭ଟି ଆଣ୍ଟି ହ୍ୟୁମାନ ଟ୍ରାଫିକିଙ୍ଗ୍ ୟୁନିଟ ସ୍ଥାପନ କରାଯାଇଛି। ମହିଳାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ଥାନାରେ ମହିଳା ଅଧିକାରୀଙ୍କୁ ଥାନାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ମହିଳା ଏବଂ ଶିଶୁମାନଙ୍କ ସମ୍ବେଦନଶୀଳ ଫଟୋ ଓ ଭିଡିଓ ଭାଇରାଲ ରୋକିବାକୁ ସାଇବର ପାଟ୍ରୋଲିଂ ବୃଦ୍ଧି ଓ ସୋସିଆଲ ମିଡିଆ ମନିଟରିଂକୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନାବାଳିକାଙ୍କୁ ବଳାତ୍କାର ଭଳି ସଙ୍ଗିନ ମାମଲାଗୁଡ଼ିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲାର ଏସ୍‌ପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମନ ଦାସ ଭଞ୍ଜମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ସୁଜାତା ମିଶ୍ର, ମହିଳା ଓ ଶିଶୁ ବିଭାଗ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ପ୍ରାରମ୍ଭରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଇଏମ୍‌ଏସି ସ୍କୁଲ ଅଫ୍ ହସ୍ପିଟାଲିଟି ପକ୍ଷରୁ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍, ସ୍ଥାନ: ଆଇଏମ୍‌ଏସି କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

**କଟକ**
- ଚୌଦ୍ୱାର ଗୋଡ଼ିପାଟଣା ଇନ୍ଦୁପ୍ରିୟା ଭଗବତୀ ଉତ୍ସବ, ସ୍ଥାନ: ଗୋଡିପାଟଣା ଯାତ୍ରା ପଡ଼ିଆ, ଚୌଦ୍ୱାର, ସମୟ: ସକାଳ ୯ଟା ।
- ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା ।
- କଟକ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଉପରୋକ୍ତ [illegible]–୨୦, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା ୩୦ ।

**ବାଲେଶ୍ୱର**
- ବାଘାଯତୀନଙ୍କ ଶହୀଦ ଦିବସ, ସ୍ଥାନ: ବାରବାଟୀ ବାଳିକା ବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଜିଲ୍ଲାସ୍ତରୀୟ ସାମାଜିକ–ଆର୍ଥିକ ଓ ଜାତିଭିତ୍ତିକ ସର୍ଭେ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ:ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଶହୀଦ ବାଘାଯତୀନଙ୍କ ୧୧୦ତମ ସ୍ମୃତି ଦିବସ, ସ୍ଥାନ:ଦେଉଳିଆ ପୋଖରୀ, ତଲାଖଣ୍ଡ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା
- ବାଘାଯତୀନଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା, ସ୍ଥାନ:ବାଘାଯତୀନ ହାଇସ୍କୁଲ, ଓଡ଼ଙ୍ଗୀ, ବାଲେଶ୍ୱର, ସମୟ:ମଧ୍ୟାହ୍ନ ୧୨ଟା ।
- ବାଘାଯତୀନଙ୍କ ସ୍ମୃତି ପୀଠରେ ମାଲ୍ୟାର୍ପଣ, ସ୍ଥାନ: ଜିଲା କାରାଗାର, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା ।

**ମୟୂରଭଞ୍ଜ**
- ଅମର ଶହୀଦ ବାଘାଯତୀନଙ୍କ ୧୧୦ତମ ବଳିଦାନ ଦିବସ, ସ୍ଥାନ: କପ୍ତିପଦା, ମହୁଲଡିହା ବାଘାଯତୀନଙ୍କ ସ୍ମୃତିପୀଠ, ସମୟ:ପୂର୍ବାହ୍ନ ୧୧ଟା ।
- ରଙ୍ଗମଞ୍ଚ ରାଉରକେଲା ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜୀବନ ଯେମିତି', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦ ।
- ପଲ୍ଲବୀ କରଞ୍ଜିଆ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ସେମାନେ ଆମ ପ୍ରତିବିମ୍ବ', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ରାତି ୮ଟା ୩୦ ।

**ବ୍ରହ୍ମପୁର**
- ଟ୍ରେଡ ୟୁନିୟନ ସେଣ୍ଟର ଅଫ ଇଣ୍ଡିଆ ପକ୍ଷରୁ ଗଣଧାରଣା, ସ୍ଥାନ: ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୧ଟା ।
- ଶିକ୍ଷା ବିଭାଗର ପାଠଚକ୍ର, ସ୍ଥାନ: ମହାମାୟୀ ମହିଳା କଲେଜ, ସମୟ: ମଧ୍ୟାହ୍ନ ୧୨ଟା ।

**ଗଞ୍ଜାମ**
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଟେକ୍ନିକାଲ ହାଇସ୍କୁଲ ଖେଳପଡ଼ିଆ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଋଷିକୁଲ୍ୟା ଜିଲା ଗଠନ ଦାବିରେ ଓକିଲ ସଂଘର ଶୋଭାଯାତ୍ରା, ସ୍ଥାନ: ଆସିକା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

**ଜଗତସିଂହପୁର**
- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ତିର୍ତ୍ତୋଲ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଏସଆଇଆର ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: [illegible] ବୁଡ଼ାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦ ।

**କେନ୍ଦ୍ରାପଡ଼ା**
- ମା' ପାଣ୍ଡୁଗଛିଏ, ସ୍ଥାନ:ଓଡ଼ପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା ।

**ଯାଜପୁର**
- ଧର୍ମଶାଳା ଭାଜପା ପକ୍ଷରୁ ମହାମିଶ୍ରଣ ପର୍ବ, ସ୍ଥାନ: ଜାରକା ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଗୋରଖନାଥ ସାହିତ୍ୟ ସମାଜ ପକ୍ଷରୁ ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୩ତମ ଜୟନ୍ତୀ ପାଳନ, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା ।

**ନୟାଗଡ଼**
- ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ, ସ୍ଥାନ: କର୍ଣ୍ଣିଲୋ ଜନକଲ୍ୟାଣ କ୍ଲବ, ସମୟ: ସକାଳ ୯ଟା ।
- ଜାମୁକଣ ବୈଷ୍ଣୋଦେବୀଙ୍କ ନବରାତ୍ର ପୂଜା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା ।

**ରାୟଗଡ଼ା**
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କଲ୍ୟାସ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା–୨୦୨୫, ସ୍ଥାନ: ମୁନିଗୁଡା କଲେଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

**ନବରଙ୍ଗପୁର**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ପୌରାଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗରେ ଆଲୋଚନା, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ନୋଡାଲ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକଙ୍କ ବିଦ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ।

**କୋରାପୁଟ**
- ଜିଲାପାଳଙ୍କ କୋରାପୁଟ ଓ ସେମିଳିଗୁଡ଼ା ବ୍ଲକ ପରିଦର୍ଶନ, ସ୍ଥାନ: କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାରେ ଯଶୋଦା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ ଟା ।

**ସମ୍ବଲପୁର**
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା ।
- ଦୈନିକ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି–କାଇଁଶିର ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୩ଟା ।
- ରଙ୍ଗ ଫଗୁଆ ଆୟୋଜନରେ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ, ସ୍ଥାନ: ମାଝିପାଲି ସ୍ଥିତ ହୋମିଓପାଥି ମହାବିଦ୍ୟାଳୟ ପଡିଆ, ସମୟ : ଅପରାହ୍ନ ୪ଟା ।

**ବଲାଙ୍ଗୀର**
- ବିଶ୍ୱାମ୍ବ ବିଦ୍ୟାମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ ଏବଂ ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜଙ୍କ ଜନ୍ମୋତ୍ସବ, ସ୍ଥାନ: ଆନନ୍ଦ ନିକେତନ, ଖୁଜେନପାଲି, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା( ପ୍ରଥମ ଅଧିବେଶନ), ଅପରାହ୍ନ ୫ଟା ୩୦(ଦ୍ୱିତୀୟ ଅଧିବେଶନ) ।

**ରାଉରକେଲା**
- ୪ର୍ଥ ଏଚ୍‌ଏଓ ଷ୍ଟେଟ୍ ହକି ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ଜଗଦା ନବଜୀବନ ମଣ୍ଡଳୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା ।
- ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଏମ୍‌ଏସ୍‌ଏମ୍‌ଇ ବିକଶିତ କର୍ମଶାଳା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡିଶା ପିଆଇ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜ ଭବନ, ସମୟ: ମଧ୍ୟାହ୍ନ ୧୨ଟା ।
- ସି' ଫୁଡ ଫେଷ୍ଟିଭାଲ, ସ୍ଥାନ: ସରୋବର ପରିସର, ସେକ୍ଟର–୧୯, ସମୟ: ଅପରାହ୍ନ ୫ଟା ।
- ୩–ଗୋ ସୁରକ୍ଷା ସମିତିର ଦାନା ବିତରଣ, ସ୍ଥାନ: ବେଦବ୍ୟାସ ଗୋଶାଳା, ସମୟ: ଅପରାହ୍ନ ୫ଟା ।

**ସୁନ୍ଦରଗଡ଼**
- ଏନ୍‌ଟିପିସି ଦର୍ଲିପାଲି ତାପଜ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର, ସ୍ଥାନ: ଦର୍ଲିପାଲି, ସମୟ: ପୂର୍ବାହ୍ନ୧୦ଟା ।

**କଳାହାଣ୍ଡି**
- ଭୂ ଅଧିଗ୍ରହଣ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

**ବରଗଡ଼**
- ବ୍ଲକସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା, ସ୍ଥାନ: ଅମଠି ହାଇସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ।

**ସୁବର୍ଣ୍ଣପୁର**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ ବୀରମହାରାଜପୁର, ସମୟ: ସକାଳ ୯ଟା ।
- ସମବାୟ ବିଭାଗର ଦିନିକିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା ।

**ନୂଆପଡ଼ା**
- ଓକିଲ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଜିଲା ବାର୍ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଏନ୍‌ଜିଓଜେ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କଠାରୁ ଦୂରେଇ ରହିବା ଭଲ । ଆପଣଙ୍କ କାର୍ଯ୍ୟ ସକାଶେ କୌଣସି ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ । କୃତି ଓ କୃତିତ୍ୱ ସକାଶେ ସନ୍ତାନଙ୍କ ଖୁସୀରେ ଖୁସୀ ହୋଇପାରନ୍ତି । ବାହାରେ ଦୀର୍ଘସମୟ କଟାଇବାକୁ କେନ୍ଦ୍ରକରି ନିଜର ଘର ଲୋକମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ ।

**ବୃଷ** ସନ୍ତାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ଚିନ୍ତା ମନକୁ ଆନ୍ଦୋଳିତ କରିବ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଆନନ୍ଦ ଅନୁଭବ କରିବେ । ଆଗାମୀ କାଲିର ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି । ଯାତ୍ରା, ବାଣିଜ୍ୟ, ସ୍ଥଗିତକାର୍ଯ୍ୟ ଓ ବିବାଦୀୟ ଘଟଣାକୁ ନେଇ ବ୍ୟସ୍ତତା ଲାଗିରହିବ ।

**ମିଥୁନ** ବନ୍ଧୁଙ୍କ ପ୍ରେରଣାରେ ନୂତନ କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି । ପାରିବାରିକ କ୍ଷେତ୍ରରେ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ । ସାଧାରଣ ଘଟଣାରେ ବିତର୍କଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ । ସମସ୍ୟା ସମାଧାନ କ୍ଷେତ୍ରରେ ଉପରିସ୍ଥଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ । ଶିଳ୍ପ, ବାଣିଜ୍ୟ, ପରିବହନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସମସ୍ୟା ସମାଧାନର ଆଶା ରହିଛି । ମୂଲ୍ୟହୀନ କଥାକୁ କେନ୍ଦ୍ରକରି ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ । ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ ।

**ସିଂହ** ସମସ୍ତ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେବେ । ପୂର୍ବର କଳହ ସମ୍ପୂର୍ଣ୍ଣ ଥମି ନ ଥିବା ହେତୁ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ । ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି । ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ ।

**କନ୍ୟା** ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହୋଇପାରନ୍ତି । ଜମିଜମା, ଗୃହସୀମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ । ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିବେ ।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ପ୍ରିୟଜନଙ୍କ ଶୁଭବାର୍ତ୍ତା ମନକୁ ଆହ୍ଲାଦିତ କରିବ । ପୁରୁଣାକଥାକୁ ମନ ଭିତରେ ସ୍ଥାନ ଦେବା କାରଣରୁ ଚିତ୍ରା ନକ୍ଷତ୍ରର ମନଟା ଭଲ ଲାଗି ନ ପାରେ । ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ । ଜମି ବିବାଦ ଏବଂ କଚେରି ମାମଲାର ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ ।

**ବିଛା** କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ । ମନୋରଞ୍ଜନରେ, ବନ୍ଧୁ ମିଳନରେ କିମ୍ବା ସଭାସମିତିରେ ଯୋଗଦେବାର ସୁଯୋଗ ମିଳିବ । ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢ଼ିପାରେ । ନିଜର ମନେ ହେଉଥିବା କେତେକ ଲୋକ ଅପପ୍ରଚାର ଚଳାଉଥିବାର ଲକ୍ଷ୍ୟ କରି ପାରନ୍ତି ।

**ଧନୁ** ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବାକୁ ଚେଷ୍ଟିତ ହେବେ । କର୍ମକ୍ଷେତ୍ରର ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ । ଆଜି କୌଣସି ଦୁଃସାହସିକ କାମରେ କଠୋର ପଦକ୍ଷେପ ନେବା ଠିକ୍ ହେବନାହିଁ । ବନ୍ଧୁମାନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି ।

**ମକର** ଅଭାବ ଲାଗି ରହିଥିଲେ ମଧ୍ୟ କରଜ କରି କାମ ତୁଲାଇ ନେବେ । ପୂର୍ବଶତ୍ରୁତାରୁ ସମ୍ପର୍କୀୟ ପାଖ ମାଡ଼ିବେ ନାହିଁ । ଆଜି ପାରିବାରିକ କ୍ଷେତ୍ର, ସାମାଜିକ ସ୍ଥିତି, ଅର୍ଥନୈତିକ ପରିସ୍ଥିତି ଭଲ ରହିବ । ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ମଧ୍ୟ ଲାଭବାନ ହେବେ । ଯାନ ବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ ।

**କୁମ୍ଭ** ଗୃହକର୍ତ୍ତାଙ୍କ ପରାମର୍ଶକ୍ରମେ ଆଜି ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି । ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅନୁତାପ କରିବାକୁ ପଡ଼ିପାରେ । ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟାରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଉଥିବା କାରଣରୁ ସାମୟିକ ଖୁସୀ ରହିବେ ।

**ମୀନ** ସହକର୍ମୀଙ୍କ ପରୋକ୍ଷ ଅସହିଷ୍ଣୁତା ହେତୁ କାମରେ ପ୍ରତିବନ୍ଧକଜନିତ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ । ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ । ବ୍ୟବସାୟରେ ଲାଭ ମିଳିବ ; ମାତ୍ର ପରିସ୍ଥିତି ବଶତଃ ଅନ୍ୟ ବାଟରେ ବ୍ୟୟ ହେବାର ସୂଚନା ରହିଛି । ପଡ଼ୋଶୀଙ୍କ ଜରିଆରେ କୌଣସି ଶୁଭଖବର ପାଇ ମନ ଖୁସି ହୋଇଯିବ ।

ଆଜିସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ଆଶ୍ୱିନ କୃଷ୍ଣ ତୃତୀୟା ବୁଧବାର । ରାଶିନକ୍ଷତ୍ର–ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫.୩୬ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୧.୪୩ମି. ଗତେ ଘ.୦୧.୧୫ମି. ମଧ୍ୟେ ରାହୁ କାଳ ।

# ଇଭି ପଲିସି–୨୦୨୫ ପାଇଁ ଚିଠା ପ୍ରସ୍ତାବ ଆଣିଲେ ସରକାର

ଭୁବନେଶ୍ୱର,୯।୯(ସୁନିତ୍ ମିଶ୍ର)

ଓଡ଼ିଶା ଇଭି ପଲିସି ପାଇଁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହାର ପୂର୍ବ ଅର୍ଥାତ୍ ୨୦୨୧ ଇଭି ପଲିସି ଅନୁସାରେ ୪ ବର୍ଷ ଅର୍ଥାତ୍ ୨୦୨୫ ଅଗଷ୍ଟ ୩୧ ସୁଦ୍ଧା ୨୦ ପ୍ରତିଶତ ଇଭି ଚଳାଚଳର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ହେଲେ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ମାତ୍ର ୯ ପ୍ରତିଶତ ଇଭି ଗାଡ଼ି ରାସ୍ତାରେ ଗଡ଼ିଛି। ତେଣୁ ଲକ୍ଷ୍ୟ ହାସଲ ଲାଗି ସରକାର ଓଡ଼ିଶା ଇଭି ପଲିସି–୨୦୨୫ ଆଣିବେ । ଓଡ଼ିଶାକୁ ଦେଶର ମଡେଲ ରାଜ୍ୟ କରିବା ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ୨୦୩୬ ସୁଦ୍ଧା ଏହି ନୂଆ ପଲିସି ଅନୁଯାୟୀ ୭୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୮୦ ପ୍ରତିଶତ ଇଭି ଗଡ଼ିବା ଲକ୍ଷ୍ୟ ରଖାଯାଇଛି। ବିଜ୍ଞପ୍ତି ପ୍ରକାଶଠାରୁ ୨୦୩୦ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ପଲିସି ବଳବତ୍ତର ରହିବ । ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ୧୨ ମାସ ଭିତରେ ଇଭି ଗାଡ଼ି ଆପଣାଇବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ଏବଂ ଗୃହ ବିଭାଗକୁ ମଧ୍ୟ ବର୍ଷ ଭିତରେ ଇଭି ଗାଡ଼ି ଆପଣାଇବା ଲାଗି ପରାମର୍ଶ ଦିଆଯାଇଛି। ୨୦୨୧ ଇଭି ପଲିସି ଅନୁଯାୟୀ ଲୋକମାନେ ଯେପରି ଅଧିକ ଇଭି ଗାଡ଼ିର ବ୍ୟବହାର କରିବେ ସେଥିଲାଗି ଅଧିକ ଇନ୍‌ସେନ୍‌ଟିଭ, କର ଛାଡ଼ ଏବଂ ଚାର୍ଜିଂ ଷ୍ଟେଶନର ଉନ୍ନତୀକରଣ କରାଯାଇଥିଲା । ୨୦୨୫ ଜୁନ୍ ସୁଦ୍ଧା ରାଜ୍ୟରେ ଲୋକମାନେ ୮.୮% ଇଭି ଗାଡି ଆପଣାଇଥିଲେ। ସରକାର ନୂଆ ପଲିସି ଅନୁଯାୟୀ ଲକ୍ଷ୍ୟ ରଖିଛନ୍ତି ୨୦୩୦ ସୁଦ୍ଧା ଯେତିକି ଗାଡ଼ି ରେଜିଷ୍ଟ୍ରେଶନ ହେବ ସେଥିରୁ ୫୦ ପ୍ରତିଶତ ଇଭି ଗାଡ଼ି ହୋଇଥିବ। ଇଭି କିଣିଲେ ରୋଡ୍ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେଶନ ଫି ଛାଡ଼ ରହିବ। ଚାର୍ଜିଂ ଷ୍ଟେଶନ କ୍ଷେତ୍ରରେ ଘରୋଇ ଲୋକଙ୍କୁ ମଧ୍ୟ ସୁଯୋଗ ମିଳିବ। ଯେଉଁମାନେ ୩ ଚକିଆ ଇ–ରିକ୍ସା କିମ୍ବା ଇ–କାର୍ଟ କିଣିବେ ସେମାନଙ୍କୁ ଫ୍ଲାଟ୍ ୨୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ । ୩ ଚକିଆ ଏଲ୍‌୫ଏମ୍ କିମ୍ବା ଏଲ୍‌୫ଏନ୍ କାଟାଗୋରିର ଗାଡି କିଣିବେ ସେମାନଙ୍କୁ ୩୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ କାର୍ କିଣିଲେ ଦେଢ ଲକ୍ଷ ଟଙ୍କା ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ ପରିବହନ ଗାଡ଼ି ଯାହାର କ୍ଷମତା ସାଢେ ୩ ଟନ୍ ହୋଇଥିବ ସେହି ଗାଡି ଲାଗି ଦେଢ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ଇଲେକ୍ଟ୍ରିକ ବସ୍ ଲାଗି ୨ ଲକ୍ଷ, ଇଲେକ୍ଟ୍ରିକ୍ ଯାହାର କ୍ଷମତା ୩.୫ରୁ ୭.୫ କ୍ଷମତା ବିଶିଷ୍ଟ ଗାଡିକୁ ୫ ଲକ୍ଷ, ୭.୫ରୁ ୧୨ ଟନ୍ କ୍ଷମତାର ଗାଡିକୁ ୭ ଲକ୍ଷ, ୧୨ରୁ ୧୮.୫ ଟନ୍ କ୍ଷମତାର ଗାଡି ଲାଗି ୧୬ ଲକ୍ଷ, ୧୮.୫ରୁ ୩୫ ଟନ୍ କ୍ଷମତାର ଗାଡି ଲାଗି ୧୮ ଲକ୍ଷ, ୩୫ରୁ ୫୫ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଲାଗି ୨୦ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ ବୋଲି ଚିଠା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଏହିଭଳି ଆହୁରି ଅନେକ କଥା ସରକାର ଯୋଗାଇଦେବାକୁ ଚିଠା ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି।

# ବିଧାନସଭା ବେଳେ ସଚିବଙ୍କ ବିଦେଶ ଗସ୍ତ ବାତିଲ: ମୁଖ୍ୟ ସଚିବ

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ଚଳିତ ବିଧାନସଭା ଅଧିବେଶନ ସମୟରେ କୌଣସି ଅଧିକାରୀ ଯେଭଳି ବିଦେଶ ଗସ୍ତ କରି ନ ପାରିବେ ଏବଂ ରାଜ୍ୟ ବାହାରକୁ ନ ଯିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଗିଦ୍ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଆସନ୍ତା ୧୮ରୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବିଧାନସଭା ସମ୍ପର୍କିତ ସମସ୍ତ କାର୍ଯ୍ୟ ଗମ୍ଭୀରତା ସହ ଯଥାଶୀଘ୍ର କରିବା ଆବଶ୍ୟକ। ବିଧାନସଭା ପ୍ରଶ୍ନସମୂହ ତଥା ବୈଧାନିକ ପ୍ରକ୍ରିୟାରେ ବିଧାନସଭାରେ ଉତ୍ଥାପନ ହେଉଥିବା ଅନ୍ୟ ପ୍ରସଙ୍ଗର ସମସ୍ତ ଉତ୍ତର ଓ ତଥ୍ୟ ଯେପରି ଠିକ୍ ସମୟରେ ଦିଆଯାଇପାରିବ ସେଥିପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନଦେବା ଆବଶ୍ୟକ ବୋଲି ମୁଖ୍ୟ ସଚିବ ପତ୍ରରେ ଦର୍ଶାଇଛନ୍ତି।

ମୁଖ୍ୟ ଶାସନ ସଚିବ ମନୋଜ କହିଛନ୍ତି, ଏହି ସମୟ ମଧ୍ୟରେ ସଦର ମହକୁମାରେ ଉପସ୍ଥିତ ରହିବାକୁ ପଡ଼ିବ। ବିଭାଗୀୟ ସଚିବମାନେ ବିଦେଶଯାତ୍ରାରୁ ନିବୃତ୍ତ ହେବା ସହ ରାଜ୍ୟ ବାହାରକୁ ଗସ୍ତ ଯଥାସମ୍ଭବ ସୀମିତ କରିବା ବାଞ୍ଛନୀୟ। ଏହାସହ ପୂର୍ବରୁ ଯେକୌଣସି ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ତାହାକୁ ଘୁଞ୍ଚାଇବାକୁ ପଡ଼ିବ। ଅଧିକନ୍ତୁ ବିଧାନସଭା ପ୍ରଶ୍ନ ମୁଲତବି ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ପ୍ରଭୃତିରେ ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ, ସେମାନେ ମଧ୍ୟ ସଦର ମହକୁମାରେ ଉପସ୍ଥିତ ରହିବା ଜରୁରୀ। ବିଧାନସଭା ଅଧିବେଶନ କାଳରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟ ସ୍ତରରେ ସେମାନଙ୍କ ସଭା ଡକାଯାଇପାରିବ ନାହିଁ। ଆବଶ୍ୟକ ସ୍ଥଳେ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା ଆପଣା ଯାଇପାରିବ। ସଂପୃକ୍ତ ବରିଷ୍ଠ ଅଧିକାରୀମାନେ ଯେପରି ସଦର ମହକୁମାରେ ଉପସ୍ଥିତ ରହିବେ, ତାହାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ସଚିବ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି, ବିଧାନସଭାର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରିରେ ଯଥାଯୋଗ୍ୟ ଅଧିକାରୀଙ୍କ ଉପସ୍ଥିତିର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ରହିବା ବାଞ୍ଛନୀୟ। ବିଧାନସଭା ସମ୍ପର୍କିତ ବିଷୟ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ଆପଣଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନ ଅନିବାର୍ଯ୍ୟ। ବିଧାୟକମାନେ ଅଧ୍ୟକ୍ଷ ବା ସଭ୍ୟ ଥିବା କମିଟି ବା ବୋର୍ଡ ପ୍ରଭୃତିର ସଭା ଏହି ସମୟ ମଧ୍ୟରେ ଆହୂତ ନ କରିବାକୁ ଅଧସ୍ତନ ଅଧିକାରୀଙ୍କୁ ଯଥାଯୋଗ୍ୟ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଏହାସହ ଅଧିବେଶନ କାଳରେ ପ୍ରକାଶିତ ପ୍ରମୁଖ ଖବରଗୁଡ଼ିକ ଅନୁଧ୍ୟାନକରି ତା'ର ଠିକ୍ ବିବରଣୀ ଓ ଉଚିତ୍ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଛି ବିଭା ହେବ କୁଳର ନାରୀ**
**ଜୀଅନ୍ତେ ମରନ୍ତେ ସେ ଉପୁକାରୀ।**

ଉଚ୍ଚକୁଳ, ଶିକ୍ଷିତ ଓ ଖାନ୍‌ଦାନ୍ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଯାଏ । ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ । ତେଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ, ଲତାଗୋତା ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ବାଇଗଣ**
**ବାଆକୁ ଟଣଟଣ ।**

ବାତ୍ୟାରେ ବାଇଗଣ ଗଛର ବିଶେଷ କ୍ଷତି ହୋଇ ନ ଥାଏ । ସେହିପରି ବିପଦ ବେଳେ ବ୍ରାହ୍ମଣ ବିଚଳିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

### ରାଧାକ୍ରିଷ୍ଣନ୍ ୧୫ତମ...

ଦେବା ପାଇଁ ସମସ୍ତ ୩୧୫ ବିରୋଧୀ ଏମ୍ପି ଏକଜୁଟ ରହିଥିବା ପୂର୍ବରୁ କଂଗ୍ରେସ ଦାବି କରିଥିଲା ।

ଉପରାଷ୍ଟ୍ରପତି ନିର୍ବାଚନରେ ୭୬୭ ଜଣ ଏମ୍ପି ଭୋଟ ଦେଇଥିଲେ, ଯାହା କି ୯୮.୨ ପ୍ରତିଶତ । ସେଥିରୁ ୭୫୨ ଭୋଟ ବୈଧ ହୋଇଥିବାବେଳେ ୧୫ଟି ଅବୈଧ ଭାବେ ନିଆଯାଇଥିବା ରିଟର୍ନିଂ ଅଫିସର କହିଛନ୍ତି। ଜଣେ ଏମ୍ପି ଭୋଟ ଦେବାକୁ ମନା କରିଦେବାରୁ ଗୋଟିଏ ପୋଷ୍ଟାଲ ବାଲଟ୍ ନାକଚ ହୋଇଛି। ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୋଇଥିବା ରିଟର୍ନିଂ ଅଫିସର ଘୋଷଣା କରିବା ସହ ଏନେଇ ନିର୍ବାଚନ କମିଶନଙ୍କୁ ଜଣାଇ ଦେଇଛନ୍ତି। ସେ ଶପଥ ଗ୍ରହଣ କରିବା ପରେ ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ହେବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ହଠାତ୍ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରୁ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ହୋଇଥିଲା । ରାଜ୍ୟ ସଭାର ୨୪୫ ଏବଂ ଲୋକ ସଭାର ୫୪୩ ସଦସ୍ୟଙ୍କୁ ନେଇ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜରେ ୭୮୮ ସଦସ୍ୟ ରହିଥିବାବେଳେ ରାଜ୍ୟ ସଭାର ୧୨ ମନୋନୀତ ସଦସ୍ୟ ମଧ୍ୟ ଭୋଟ ଦେବାପାଇଁ ଯୋଗ୍ୟ । ତେବେ ସମ୍ପ୍ରତି ରାଜ୍ୟ ସଭାର ୬ ଓ ଲୋକ ସଭାର ଗୋଟିଏ ଆସନ ଖାଲିଥିବାରୁ ଇଲେକ୍ଟୋରାଲ କଲେଜ ସାମର୍ଥ୍ୟ ୭୮୧ ରହିଛି। ବିଜେଡିର ୭ ଏବଂ ବିଆର୍‌ଏସ୍‌ର ୪ ରାଜ୍ୟ ସଭା ସଦସ୍ୟ ଭୋଟ ଦେବାରୁ ବିରତ ରହିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ ।

### ଆଜି ରାଜ୍ୟ...

୧୧ଟି ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ 'ସୁଭଦ୍ରା'ଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୩,୫୦୦ଟଙ୍କା(୮୦ ବର୍ଷରୁ ଊର୍ଦ୍ଧ୍ୱ)କୁ ବୃଦ୍ଧି କରିବା ଭଳି ଲୋକାଭିମୁଖୀ ଯୋଜନା ରହିଛି। ତେବେ ବୁଧବାର ଅନୁଷ୍ଠିତ ହେବାକୁଥିବା କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର କେଉଁସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେବେ ତାହା ଉପରେ ରହିଛି ରାଜ୍ୟବାସୀଙ୍କ ନଜର।

ପ୍ରଥମ ପୃଷ୍ଠାରୁ...

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ...

ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ୍‌ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଥିଲେ । ସରକାର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୋମବାର ଅନେକ ହଜାର ଛାତ୍ରୀଛାତ୍ର ଜେନ୍ ଜେଡ୍ (୧୯୯୬ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏପରି କି ସେମାନେ ପାର୍ଲାମେଣ୍ଟକୁ ଧସେଇ ପଶିଥିଲେ, ଯାହାକୁ ନେଇ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ । ପୋଲିସ ଗୁଳିରେ ସୋମବାର ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ସମୟରେ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ସରକାର ସୋସିଆଲ ମିଡିଆ ଉପରୁ ବ୍ୟାନ୍ ହଟାଇ ଦେଇଥିଲେ ମଧ୍ୟ ଲୋକଙ୍କ ଆକ୍ରୋଶ କମି ନ ଥିଲା । ମଙ୍ଗଳବାର ଏହା ଆହୁରି ଉଗ୍ରରୂପ ଧାରଣ କରିଥିଲା ।

ସୋସିଆଲ ମିଡିଆ ଉପରେ ନିଷେଧାଦେଶ, ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣକୁ ନେଇ କ୍ଷୁବ୍ଧ ଯୁବ ପିଢ଼ି କର୍ଫ୍ୟୁକୁ ଖାତିର ନ କରି ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ଯୋଗୁ ବିଭିନ୍ନ ସହରରେ ସୁରକ୍ଷା ବଳ ସହ ସଂଘର୍ଷ ହୋଇଥିଲା । ଜେନ୍ ଜେଡ୍ ବିକ୍ଷୋଭକାରୀମାନେ ଦେଶର ବିଭିନ୍ନ ଭାଗରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ । ସେମାନେ ପାର୍ଲାମେଣ୍ଟ ଭବନ, ଦେଶର ସୁପ୍ରିମକୋର୍ଟ, ରାଷ୍ଟ୍ରପତି ପୌଡେଲ ଏବଂ ପ୍ରଧାନମନ୍ତ୍ରୀ ଓଲିଙ୍କ ଘରୋଇ ବାସଭବନରେ ନିଆଁ ଲଗାଇଦେଇଥିଲେ । ରାଷ୍ଟ୍ରପତିଙ୍କ ବାସଭବନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରୁଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଓରଫ ପ୍ରଚଣ୍ଡ ଏବଂ ଶେର୍‌ବାହାଦୁର ଦେଉବା, ଶକ୍ତିମନ୍ତ୍ରୀ ଦୀପକ ଖାଡ୍‌କାଙ୍କ ଘର ମଧ୍ୟ ଭଙ୍ଗାରୁଜାରୁ ବର୍ତ୍ତିନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖାନାଲଙ୍କ କାଠମାଣ୍ଡୁର ଡାଲ୍ଲୁ ଅଞ୍ଚଳରେ ଥିବା ଘରେ ବିକ୍ଷୋଭକାରୀ ନିଆଁ ଲଗାଇଦେବାରୁ ଭିତରେ ରହିଯାଇଥିବା ତାଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ଘଟିଛି। ସିଂହ ଦରବାର ପରିସର, ଦଳୀୟ କାର୍ଯ୍ୟାଳୟ ଓ ବରିଷ୍ଠ ନେତାମାନଙ୍କ ଘରେ ବିକ୍ଷୋଭକାରୀ ପୋଡ଼ାଜଳା କରିଛନ୍ତି। କାଠମାଣ୍ଡୁ ରାସ୍ତାରେ ସେମାନେ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଗୋଇଠା ମାରି ତଳେ ପକାଇଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଜଣକ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ଏବଂ ସରକାରଙ୍କଠାରୁ ଦୂରେଇଯିବା ପରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବା ପାଇଁ ଚାପ ଜୋର୍‌ଦାର ହୋଇଥିଲା । ଶେଷରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ପୌଡେଲ ଇସ୍ତଫା ଦେଇଛନ୍ତି। ଗତବର୍ଷ କେ.ପି. ଶର୍ମା ଓଲି ନେପାଳୀ କଂଗ୍ରେସ ସମର୍ଥନରେ ଚତୁର୍ଥ ଥର ପାଇଁ ମେଣ୍ଟ ସରକାର ଗଢ଼ିଥିଲେ । ଦେଶରେ ନେତୃତ୍ୱ ସଙ୍କଟ ଦେଖାଦେବା ପରେ ସେନା ଓ ଅନ୍ୟ ସୁରକ୍ଷା ବାହିନୀର ମୁଖ୍ୟମାନେ ଏକ ମିଳିତ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ଏବଂ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ମିଳିତ ବିବୃତିରେ ନେପାଳୀ ସେନା ମୁଖ୍ୟ ଅଶୋକ ରାଜ ସିଗ୍‌ଡେଲ୍, ନେପାଳ ସରକାରଙ୍କ ମୁଖ୍ୟ ସଚିବ ଏକନାରାୟଣ ଆର୍ୟାଲ, ଗୃହ ସଚିବ ଗୋକର୍ଣ୍ଣ ଦୱାଡ଼ି, ସଶସ୍ତ୍ର ପୋଲିସ ବଳ ମୁଖ୍ୟ ରାଜୁ ଆର୍ୟାଲ, ପୋଲିସ ଆଇଜି ଚନ୍ଦ୍ର କୁବେର ଖପୁଙ୍ଗ ଏବଂ ଜାତୀୟ ତଦନ୍ତ ବିଭାଗ ମୁଖ୍ୟ ହୁତରାଜ ଥାପା ସ୍ୱାକ୍ଷର କରିଛନ୍ତି। କାଠମାଣ୍ଡୁ ମେଟ୍ରୋପଲିଟାନ ସିଟି ମେୟର ବଲେନ ଶାହ ଅନ୍ୟ ଏକ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ପାଇଁ ନିବେଦନ କରିଛନ୍ତି। ସେନାମୁଖ୍ୟଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ହେବାକୁ ସେ କହିବା ସହ ଏହା ପୂର୍ବରୁ ପାର୍ଲାମେଣ୍ଟ ଭଙ୍ଗ ହେବା ଆବଶ୍ୟକ ବୋଲି କହିଛନ୍ତି। ଆନ୍ଦୋଳନ ଜୋର୍‌ଦାର ହେବାରୁ କାଠମାଣ୍ଡୁ ସମେତ ବିଭିନ୍ନ ବିମାନବନ୍ଦର ବନ୍ଦ ରହିଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ବାୟୁସେନାର ଜାଗା

**ଭୋଗରାଇ,୯।୯ (ପ୍ରଦୀପ ଦାସ)**

ସମ୍ପ୍ରତି ଭାରତର ଅର୍ଥନୈତିକ ଓ ସାମରିକ ଶକ୍ତି ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣବଶତଃ ବିଭିନ୍ନ ସ୍ଥାନରେ ସ୍ଥଗିତ ରହିଥିବା ପ୍ରତିରକ୍ଷା ବିଭାଗ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଇଛି। ୯୦ ଦଶକରେ ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ବେଳାଭୂମିଠାରେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା କଲେଇକୁଣ୍ଡା ବାୟୁସେନା ବିଭାଗ ପକ୍ଷରୁ ମାନବବିହୀନ କ୍ଷେପଣାସ୍ତ୍ର ପରୀକ୍ଷା ସମୁଦ୍ର ମଧ୍ୟକୁ କରାଯାଇଥିଲା। ଏଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରଥମେ ୧୦ ଏକର ଜାଗା ଚିହ୍ନଟ କରାଯିବା ପରେ ପୁଣି ୫୦ଏକର ଜାଗା ନିଆଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ସାଇନବୋର୍ଡରେ ଉକ୍ତ ଜମିର ମାଲିକାନା ରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ଅଧୀନରେ ଥିବା ସୂଚନା ଲେଖାଥିବା




ତାଳସାରୀଠାରେ ବାୟୁସେନା ପକ୍ଷରୁ ଲଗାଯାଇଥିବା ଫଳକ।

ବେଳେ ଉକ୍ତ ସ୍ଥାନରେ କୌଣସି ଯାତାୟାତ, କୋଠା ନିର୍ମାଣ, ଚାଷବାସ, ଆବର୍ଜନା ନ ପକାଇବା ପାଇଁ ନିଷେଧାଜ୍ଞା ଜାରି କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଛୋଟ ଘର କରାଯାଇ ୪ଜଣ ସିକ୍ୟୁରିଟି ଗାର୍ଡ ମଧ୍ୟ ଡ୍ୟୁଟିରେ ରହିଥିବା ନଜରକୁ ଆସିଛି। ସେଠାରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗାକୁ ବେଆଇନ ଜବରଦଖଲ କରି ତାରବାଡ଼ କରି ଘେରି ରଖିଥିବା ଅଭିଯୋଗ ହୋଇଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କୋଷ୍ଟାଲ ରେଗୁଲେଶନ ଜୋନ( ସିଆରଜେଡ) ୧୯୮୬ ଅନୁଯାୟୀ ସମୁଦ୍ରକୂଳରୁ ୫୦୦ମିଟର ଦୂର ମଧ୍ୟରେ କେହି ବ୍ୟକ୍ତି ଜମି ଅଧିଗ୍ରହଣ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ବେଳେ ତାଳସାରୀ ଚଢ଼ରେ କିପରି ବାଲି ପାହାଡ଼ କ୍ରୟ ବିକ୍ରୟ ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି। ଏପରିକି ଉକ୍ତ ମନ୍ତ୍ରଣାଳୟ ପରିସର ନିକଟରେ ସଂଖ୍ୟାଲଘୁ ଶ୍ରେଣୀର ସନ୍ଦିଗ୍ଧ ଜଣେ ବାଂଲାଦେଶୀଙ୍କ ହୋଟେଲ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ କେତେକ ବାଂଲାଦେଶୀ ମତ୍ସ୍ୟଜୀବୀ ରହିଥିବା ଅଭିଯୋଗ ହୋଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଧାର ଓ ଭୋଟ ପରିଚୟପତ୍ର ଏଏନ୍‌ଆଇ ଯାଞ୍ଚ କଲେ ସେମାନେ ଭାରତୀୟ କି ବାଂଲାଦେଶୀ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ, ଭଦ୍ରକ ହୁଇଲର ଦ୍ୱୀପରେ ଆଧୁନିକ କ୍ଷେପଣାସ୍ତ୍ର ପରୀକ୍ଷଣ, ଚିଲିକାରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ହୋଇଥିବା ବେଳେ ପ୍ରତିରକ୍ଷା କ୍ଷେତ୍ରରେ ଶତ୍ରୁରାଷ୍ଟ୍ରକୁ ଜବାବ ଦେବାକୁ ଭାରତ ପ୍ରତିରକ୍ଷା ମନ୍ତ୍ରଣାଳୟ ସଶକ୍ତ ହେଉଛି। ମୟୂରଭଞ୍ଜ ରାସଗୋବିନ୍ଦପୁର ଏୟାରବେସର ପୁନରୁଦ୍ଧାର ପାଇଁ ମନ୍ତ୍ରୀ ଓ ପ୍ରତିରକ୍ଷା ବିଭାଗ ଅଣ୍ଟା ଭିଡୁଥିବା ବେଳେ ମେଦିନୀପୁର କଲେଇକୁଣ୍ଡା ବାୟୁସେନା ତାଳସାରୀଠାରେ ବାୟୁସେନା ବିଭାଗର ଅଫିସରମାନଙ୍କର ଘନ ଘନ ତଦାରଖ, ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଟି ତଳେ ୭ କୋଟି ଟଙ୍କାର ବିଦ୍ୟୁତ ସଂଯୋଗ ନଜରକୁ ଆସିବାରୁ ସମ୍ଭାବ୍ୟ ବାୟୁସେନା ଘାଟି କିମ୍ବା ନୌସେନା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକ ତାଳସାରୀଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆମକୁ କୌଣସି ସୂଚନା ମିଳି ନ ଥିବା କହିଛନ୍ତି। ପ୍ରତିରକ୍ଷା ବିଭାଗ ନେଇଥିବା ସ୍ଥାନ ଏବଂ ଏହାର ଆଖପାଖ ସରକାରୀ ଜାଗାରୁ ବେଆଇନ ଭାବେ ଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ ଧରିତ୍ରୀକୁ ସୂଚନା ଦେଇଛନ୍ତି।

# ଖାଦ୍ୟନଳୀରୁ ବାହାରିଲା ୨୨ ସେ.ମି.ର ଦାନ୍ତକାଠି



ଖାଦ୍ୟନଳୀରୁ ବାହାରିଥିବା ଦାନ୍ତକାଠି।

## ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

**ବ୍ରହ୍ମପୁର,୯।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ମଙ୍ଗଳବାର ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଡାକ୍ତରଙ୍କ ଏକ ଟିମ୍ ପ୍ରାୟ ୧ ଘଣ୍ଟା ପରିଶ୍ରମ କରି ଜଣେ ବୃଦ୍ଧଙ୍କ ଖାଦ୍ୟନଳୀରୁ ୨୨ ସେ.ମି.ର ଦାନ୍ତକାଠି ବାହାର କରିଛନ୍ତି। ବୃଦ୍ଧ ଜଣକ ବର୍ତ୍ତମାନ ସୁସ୍ଥ ଅଛନ୍ତି।

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୭୦) କିଛିଦିନ ତଳେ ଦାନ୍ତ ଘଷୁଥିବା ବେଳେ ଦାନ୍ତକାଠି ଗିଳି ଦେଇଥିଲେ। ଏଥିଯୋଗୁ ତାଙ୍କର ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ଦୈନନ୍ଦିନ କାମରେ ଅନେକ ସମସ୍ୟା ଉପୁଜୁଥିଲା। ଏ ବିଷୟରେ ସେ ଘର ଲୋକଙ୍କୁ କହିଥିଲେ ମଧ୍ୟ ପ୍ରଥମେ କେହି ତାଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। କିନ୍ତୁ ଖାଇବାରେ ସମସ୍ୟା ହେବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ସପ୍ତାହେ ହେବ ସେ କେବଳ ତରଳ ପଦାର୍ଥ ଖାଇ ରହିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଭଞ୍ଜନଗର ଚିକିତ୍ସାଳୟରେ କୌଣସି ସୁଫଳ ନ ମିଳିବାରୁ କାମରାଜୁଙ୍କୁ ଏକାଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନା ନେଇ ଶେଷରେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ସୋମବାର କାମରାଜୁ ନାସା, ଗଳା କର୍ଣ୍ଣ (ଇଏନ୍‌ଟି) ବିଭାଗରେ ଭର୍ତ୍ତି ହୋଇଥିଲେ। ଇଏନ୍‌ଟି ବିଭାଗର ମୁଖ୍ୟ ସଞ୍ଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଯିବାରୁ ଖାଦ୍ୟନଳୀରେ ଦାନ୍ତକାଠି ଥିବା ଜଣାପଡିଥିଲା। ମଙ୍ଗଳବାର ଡା. ମିଶ୍ରଙ୍କ ନେତୃତ୍ୱରେ ଡା. ସରିତା ଦାସ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସାତୀ ସ୍ୱରୂପ, ଡା. ସରିତା ମାରାଣ୍ଡି, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ ମିଶି ଏକ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ କରି ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି: ବ୍ୟାନର ଲଗାଯିବାକୁ ନେଇ ହୋହଲ୍ଲା



ଭଦ୍ରକ କଲେଜ ଫାଟକ ସମ୍ମୁଖରେ ଛାତ୍ରମାନେ ହୋହଲ୍ଲା କରୁଛନ୍ତି।

**ଭଦ୍ରକ,୯।୯(ସନାତନ ରାଉତ)**

ଭଦ୍ରକ କଲେଜ ମୁଖ୍ୟ ଫାଟକରେ ବ୍ୟାନର ଲଗାଯିବାକୁ ନେଇ ଦୁଇଦିନ ଧରି ଛାତ୍ର ଅଶାନ୍ତି ଲାଗିରହିଛି। ସୋମବାର ରାତିରୁ କଲେଜ ପରିସରରେ ଗୋଟିଏ ଗୋଷ୍ଠୀର ଛାତ୍ର ହୋହଲ୍ଲା କରିବା ସହ ଧାରଣାରେ ବସିଥିଲେ। ମଙ୍ଗଳବାର ସକାଳ ୮ଟାରୁ ସେହି ଗୋଷ୍ଠୀର ଛାତ୍ର ଲାଗିଥିବା ବ୍ୟାନର ଖୋଲିବା ଦାବିରେ ଫାଟକରେ ବାଉଁଶ ବାନ୍ଧି ଟାୟାର ଜାଳି ଅବରୋଧ କରିଥିଲେ। କଲେଜ ଭିତରକୁ ଛାତ୍ରୀଛାତ୍ର, ଅଧ୍ୟାପକ ଏପରିକି ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରବେଶ କରିବାକୁ ଦେଇ ନ ଥିଲେ। ଭିତରେ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ବାହାରକୁ ଛାଡ଼ି ନ ଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଥିଲା। ଟାଉନ ଥାନାଅଧିକାରୀ ପ୍ରଭାଂଶୁ ମିଶ୍ର ଏବଂ କଲେଜ ଅଧ୍ୟକ୍ଷ ଦୁର୍ଗା ଶଙ୍କର ଦାଶ ଛାତ୍ରମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ବ୍ୟାନର୍ ଖୋଲିବା ଦାବିରେ ସେମାନେ ଅଟଳ ରହିଥିଲେ। ପ୍ରକାଶ ଯେ, କଲେଜର ମୁଖ୍ୟ ଫାଟକ ଗତ ୨ ବର୍ଷ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଗତ ଗଣେଶ ପୂଜା ସମୟରେ ସ୍ଥାନୀୟ ଏକ କ୍ଲବ୍‌ର ସଦସ୍ୟ

## ବାଉଁଶ ବାନ୍ଧି ଫାଟକ ଅବରୋଧ

ସେହି ଫାଟକରେ ଏକ ବ୍ୟାନର ଲଗାଇଥିଲେ। ସୋମବାର ସେହି ବ୍ୟାନରକୁ ଅନ୍ୟ ଏକ ଗୋଷ୍ଠୀର ଛାତ୍ର ବାହାର କରି ଦେଇ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଲଗାଇଥିଲେ। ଏହି ବ୍ୟାନରରେ ଆଂଶିକ ଗେରୁଆ ରଙ୍ଗ ଥିବାରୁ ଏହା ଏବିଭିପି ପକ୍ଷରୁ ଲଗାଯାଇଥିବା ଅଭିଯୋଗ କରି ଛାତ୍ର ବିଜେଡି ସମର୍ଥିତ କେତେଜଣ ଛାତ୍ର ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସେହି ବ୍ୟାନରକୁ ସୋମବାର ଅପରାହ୍ନରେ ଖୋଲି ଦିଆଯାଇଥିଲା। ଏହାକୁ ଏବିଭିପି ସମର୍ଥିତ ଛାତ୍ରମାନେ ରାତିରେ ବିରୋଧ କରି ଧାରଣା ଦେବାରୁ ପୁନର୍ବାର ଖୋଲାଯାଇଥିବା ବ୍ୟାନରକୁ ଗେଟ୍‌ରେ ଲଗାଯାଇଥିଲା। ପରେ ଛାତ୍ର ବିଜେଡିର ସମର୍ଥକମାନେ ରାତିରେ ଏହି ବ୍ୟାନର ଖୋଲିବାକୁ ଦାବି କରିବା ସହ ଧାରଣା ଦେଇଥିଲେ। ମଙ୍ଗଳବାର ସକାଳୁ ସେହି ଗୋଷ୍ଠୀର ଛାତ୍ରମାନେ ବ୍ୟାନର ଖୋଲାଯିବା ଦାବିରେ ଗେଟ୍‌ରେ ବାଉଁଶ ବାନ୍ଧି ଟାୟାର ଜାଳି ଅବରୋଧ କରିଥିଲେ। ଅଧ୍ୟକ୍ଷ ଏବଂ ଟାଉନ ଥାନାଧିକାରୀ ସେମାନଙ୍କୁ ଦୀର୍ଘ ସମୟ ଧରି ବୁଝାଶୁଝା କରିଥିଲେ ମଧ୍ୟ ଓହରି ନ ଥିଲେ। କଲେଜ ଭିତରକୁ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାୟ ଅପରାହ୍ନ ୧ଟା ପରେ ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ କଲେଜରୁ ବାହାରକୁ ଆସିବା ପାଇଁ ଛାଡ଼ି ଦିଆଯାଇଥିଲା। ଅପରାହ୍ନରେ କଲେଜ ଆଲୁମ୍ନି କମିଟି ସହ ବୈଠକ କରାଯାଇ ଫାଟକରୁ ଉକ୍ତ ବ୍ୟାନର ଖୋଲାଯାଇ କଲେଜ ପକ୍ଷରୁ ଏକ ବ୍ୟାନର୍ ଲଗାଯିବ ବୋଲି ନିଷ୍ପତ୍ତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୂର୍ବ ସରକାର ସମୟରୁ ଆରମ୍ଭ ହୋଇଥିବା ଫାଟକ ନିର୍ମାଣ କାର୍ଯ୍ୟ ପାଇଁ ନୂଆ ସରକାରରେ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରିବାକୁ ଆଲୋଚନା କରାଯାଇଥିବା ଅଧ୍ୟକ୍ଷ କହିଛନ୍ତି।

# 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ': ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍



ମୁମ୍ବାଇ: ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ଶୁଟିଂ ଆରମ୍ଭ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହାସହ ସଲ୍‌ମାନ ଫିଲ୍ମ ଶୁଟିଂ ସମୟର ଏକ ଫଟୋକୁ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଫିଲ୍ମରେ ତାଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏହି ଲୁକ୍‌ରେ ସଲମାନ ସେନା ପୋଷାକ ପିନ୍ଧିଥିବା ସହ ଦେଶପ୍ରେମରେ ବୁଡ଼ି ରହିଥିବାର ନଜରକୁ ଆସିଛନ୍ତି। ସଲ୍‌ମାନଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶନାରେ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ' ଫିଲ୍ମ ନିର୍ମିତ ହେଉଛି। ୨୦୨୦ ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନିକଙ୍କ ମଧ୍ୟରେ ହୋଇଥିବା ଭୟଙ୍କର ଯୁଦ୍ଧକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ କମାଣ୍ଡିଂ ଅଫିସର କଲୋନେଲ ବିକ୍କୁମଲ୍ଲା ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ନଜରକୁ ଆସିବେ। ସେହିପରି ଏହି ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂଙ୍କୁ ଦେଖିବାକୁ ମିଳିବ।

**MAA TARATARINI MULTI GYM REQUIRED**
Only Boy Candidate for **FRONT OFFICE EXECUTIVE & GYM TRAINER**
Interested Candidate may apply:
**sagarparida29@gmail.com**
**Qualification:** 12th above
**Salary:** Negotiable for Experience Candidate
**Contact: 9937542268/9337542268**

# ୧.୨୧ କୋଟିର ମାଦକଦ୍ରବ୍ୟ ଜବତ, ୧୪୭ ଗିରଫ

**ଭୁବନେଶ୍ୱର,୯।୯ (ରବିନାରାୟଣ ଜେନା)**

ଅବକାରୀ ବିଭାଗ ପକ୍ଷରୁ ଜାରି ରହିଥିବା ଚଢ଼ାଉ ଅଭିଯାନର ୮ମ ଦିନରେ ବଡ଼ ସଫଳତା ମିଳିଛି। ଏହି ସମୟରେ ବେଆଇନ ଭାବେ କାରବାର ହେଉଥିବା ୧.୨୧ କୋଟି ଟଙ୍କାର ମାଦକଦ୍ରବ୍ୟ ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ୨୫୮ଟି ମାମଲା ପଞ୍ଜିକୃତ ହୋଇଥିବାବେଳେ ଏଥିରେ ଜଡ଼ିତ ୧୪୭ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୧୦,୩୬୨ ବଲ୍କ ଲିଟର(ବ୍ୟାରେଲ୍) ୪୭୧ ଆଇଡି ମଦ ସହିତ ପ୍ରାୟ ୧,୦୦,୦୬୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହାସହିତ ୭,୨୯୪ କିଲୋଗ୍ରାମ୍ ମହୁଲ ଫୁଲ, ୨୪ କିଲୋଗ୍ରାମ୍ ଭାଙ୍ଗ ଏବଂ ୧୩ଟି ଯାନବାହନ ମଧ୍ୟ ଜବତ ହୋଇଛି। ମାଦକଦ୍ରବ୍ୟ କାରବାରକୁ ନେଇ ଏନ୍‌ଡିପିଏସ୍ ଆଇନ ଅନୁସାରେ ଅବକାରୀ ପୋଲିସ ପକ୍ଷରୁ ୮ଟି ମାମଲା ରୁଜୁ କରାଯାଇଥିବାବେଳେ ପ୍ରାୟ ୩୪୭ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଆଗାମୀ ଦିନରେ ଅବାଧ ମଦ ଓ ମାଦକଦ୍ରବ୍ୟ କାରବାର ଉପରେ ଜୋର୍‌ଦାର ଧରପଗଡ଼ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଦୋଷୀଙ୍କୁ ୨୦ବର୍ଷ ଜେଲ

## ମହିଳାଙ୍କୁ ବଳାତ୍କାର ମାମଲା

**ବାରିପଦା,୯।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିନୋଦ ରାମ(୩୫)। ମାମଲାର ବିବରଣୀ ଅନୁଯାୟୀ, ସ୍ୱାମୀ କାମ କରିବା ପାଇଁ ଆନ୍ଧ୍ରପ୍ରଦେଶକୁ ଯାଇଥିବା ବେଳେ ମହିଳା ଜଣକ ଘରେ ଏକାକୀ ରହୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିକୁ ନେଇ ଅଭିଯୁକ୍ତ ଜଣକ ବାରମ୍ବାର ତାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିଲେ। ୨୦୧୯ ଅକ୍ଟୋବର ୩ତାରିଖ ରାତି ୧୦ଟା ସମୟରେ ଅଭିଯୁକ୍ତ ବିନୋଦ ମହିଳାଙ୍କ ଘରକୁ ଯାଇ କବାଟ ବାଡ଼େଇ ଥିଲେ। ମହିଳା ଜଣକ କବାଟ ଖୋଲିବାରୁ ତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ। ଏନେଇ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ୨୧ ଅକ୍ଟୋବରରେ ଅଭିଯୋଗ କରିଥିଲେ।

# ମାଟି ତଳୁ ଶିଶୁ ପୁତ୍ର ମୃତଦେହ ଜବତ

**ମୋରଡା/ରାସଗୋବିନ୍ଦପୁର,୯।୯ (ସ୍ୱାରକ ମାଜୀ/ସତ୍ୟବାଦୀ ପରିଡ଼ା)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ମଙ୍ଗଳବାର ଏକ ଦେଢ଼ ବର୍ଷର ଶିଶୁ ପୁତ୍ରର ମୃତଦେହକୁ ମାଟିତଳୁ ଉଦ୍ଧାର କରିଛି। ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ନାକିଚୁଆ ପଞ୍ଚାୟତର ଭାଲୁଘେରା ଗ୍ରାମର ସମୀର ପାତ୍ରଙ୍କ ସ୍ତ୍ରୀ ଦୁଇମାସ ପୂର୍ବେ ମୃତ୍ୟୁବରଣ କରିଥିଲେ। ସମୀର ବାହାରକୁ କାମ କରିବାକୁ ଯିବାରୁ ତାଙ୍କ ଦେଢ଼ ବର୍ଷର ପୁତ୍ର ବାପୁନକୁ ସମ୍ପର୍କୀୟ ମାମୁ ରଘୁ ବେସ୍ରାଙ୍କ ଘରେ ରଖିଥିଲେ। ବାପୁନଙ୍କ ଦେହ ଅସୁସ୍ଥ ହେବାରୁ ରଘୁଙ୍କ ପରିବାର ଲୋକେ ଔଷଧ ଆଣି ଦେଇଥିଲେ ମଧ୍ୟ ବାପୁନଙ୍କ ଶରୀର ସୁସ୍ଥ ହୋଇନଥିଲା। ତେବେ ଶିଶୁ ପୁତ୍ର ବାପୁନ ଗତ ସେପ୍ଟେମ୍ବର ୭ ତାରିଖ ରବିବାର ସନ୍ଧ୍ୟାରେ ମୃତ୍ୟୁବରଣ କରିବାରୁ ତାକୁ ମାଟି ଖୋଳି ପୋତି ଦେଇଥିଲେ। ତେବେ ବାପୁନଙ୍କ ମୃତ୍ୟୁକୁ ସନ୍ଦେହ କରି ଖୁଣ୍ଟା ବ୍ଲକ ଗୌଡ଼ଗାଁ ଗ୍ରାମର ତାଙ୍କ ଅଜା ଅଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୯/୨୫)ରୁଜୁହୋଇଛି।

# ରାଜେନ୍ଦ୍ର ଢୋଲକିଆଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆପଡ଼ା,୯।୯ (ମକାରୁ ବେମାଲ)**

ନୂଆପଡ଼ା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ (୬୮)ଙ୍କ ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଖରିଆର ରୋଡ ଜୋଙ୍କ ନଦୀ କୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁଅ ଜୟ ଢୋଲକିଆ ମୁଖାଗ୍ନି ଦେଇଥିଲେ। ଏମ୍‌କେସିଜି ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀର ସ୍ୱତନ୍ତ୍ର ବିମାନରେ ରାୟପୁର ଆସି ସେଠାରୁ ସଡକ ପଥରେ ଛତିଶଗଡ ସୀମା ଟେମରିଠାରେ ପହଞ୍ଚିଥିଲା। ସେଠାରୁ ସ୍ୱତନ୍ତ୍ର ଭ୍ୟାନରେ ମର ଶରୀରକୁ ଶୋଭାଯାତ୍ରାରେ ନୂଆପଡା ଏକତା ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ଖରିଆର ରୋଡ ସହର ପରିକ୍ରମା ସମୟରେ ଜ୍ଞାନ ଜ୍ୟୋତି ବିଦ୍ୟାଳୟଠାରେ ବିଭିନ୍ନ ଦଳର ନେତା, ମନ୍ତ୍ରୀ, ସହରବାସୀ ଶେଷ ଦର୍ଶନ କରିଥିଲେ। ପରେ ଜୋଙ୍କ ନଦୀକୂଳ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ ହୋଇଛି। ସୂଚନା ଅନୁଯାୟୀ ବିଧାୟକ ଢୋଲକିଆ ୬ ମାସ ହେବ ଅସୁସ୍ଥ ହୋଇ ଚେନ୍ନାଇଠାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଆସିଥିଲେ। ପୁନଶ୍ଚ ଜୁନ ଶେଷ ଭାଗକୁ ଅସୁସ୍ଥ ହେବାରୁ ଚେନ୍ନାଇ ଯାଇ ଚିକିତ୍ସିତ ହେଉଥିଲେ । ଅଗଷ୍ଟ ୨୭ରେ ଚେନ୍ନାଇର ଏମ୍‌କେସିଜି ହସ୍ପିଟାଲରେ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ



ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

କରାଯାଇଥିଲା। ଏହା ସତ୍ତ୍ୱେ ସେପ୍ଟେମ୍ବର ୮ ପୂର୍ବାହ୍ନ ୧୧ଟାରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କୁ ସମସ୍ତେ ଆଦରରେ ରାଜୁ ଭାଇ ବୋଲି ଡାକୁଥିଲେ। ୧୯୯୨ରେ ସେ ରାଜନୀତିରେ ପ୍ରବେଶ କରି ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ପରେ ୧୯୯୭ ଓ ୨୦୦୩ ପୁଣି ଏନ୍‌ଏସି ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ ନୂଆପଡା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହେଲା ପରେ ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ରେ ବିଜେଡି ଟିକେଟରୁ ପୁଣି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ଶେଷକୃତ୍ୟ ସମ୍ପନ୍ନ ବେଳେ ବିଭିନ୍ନ ଦଳର ନେତା ସ୍ନେହାଙ୍ଗିନୀ ଛୁରିଆ, ବବି ଦାସ, ଜୟଦେବ ଜେନା, ଭକ୍ତ ଚରଣ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଦିବ୍ୟ ଶଙ୍କର ମିଶ୍ର, ଦେବେଶ ଆଚାର୍ଯ୍ୟ, ନବୀନ ଜୈନ, ଚିନ୍ମୟ ସାହୁ, ସୌଭାଗ୍ୟ ନାଏକ, ଦେବକୀ ସାହୁ, ଟୁକୁନି ସାହୁ, ଅଧୀରାଜ ମୋହନ ପାଣିଗ୍ରାହୀ, ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ଲମ୍ବୋଦର ନିଆଲ, ସରୋଜ ମେହେର, ବର୍ଷା ବରିହାଙ୍କ ସମେତ ତାଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ଭାଇବୋହୂ ମିଳନ ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ ।

**WALK-IN-INTERVIEW**

An Interview for the post of **Lecturer-in-Sanskrit** (Guest Faculty), **Lecturer-in-Political Scinece** (Self Finance), **Lecturer-in-Commerce** (Self Finance), **Peon** (Self Finance), **Night Watchman** (Self Finance), **Sweeper** (Self Finance) is scheduled to be held in Pallishree Higher Secondary School, Sindhekela on **Dt.21.09.2025 at 11 A.M. to 3 P.M.** Interested candidates for said lecturers post having at least 55% of marks in Post Graduation level may attend the interview.
**N.B.:** No TA, DA will be given to the applicants.

**Sd./- Principal-cum-Secretary**
**Pallishree H.S.S., Sindhekela**

**Contact No.: 9937697269**

सेन्ट्रल माईन प्लानिंग एण्ड डिजाइन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(कोल इण्डिया लिमिटेड की एक अनुषंगी कम्पनी)/ (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत

**सूचना / NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/ सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର**
**ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ**

**ରାଷ୍ଟ୍ରୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ 2025-2026**

**ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରାସାୟନିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କନିଷ୍ଠ ବିଜ୍ଞାନ**

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ବିଦ୍ୟାର୍ଥୀଙ୍କୁ **ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି)** ଦ୍ୱାରା **ନଭେମ୍ବର ୨୨ ଓ ୨୩, ୨୦୨୫** ଦିନ ସଞ୍ଚାଳିତ ହେବାକୁଥିବା ସମ୍ପୃକ୍ତ **ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇ)** (ବିଜ୍ଞାନ ବିଷୟଗୁଡ଼ିକ ପାଇଁ) ଦେବାକୁ ପଡ଼ିବ ।

୨୦୨୬ ମସିହାର ସମ୍ପୃକ୍ତ ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଏନ୍‌ଏସ୍‌ଇରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିଥାଏ ।

**ନାମ ପଞ୍ଜୀକରଣ ପାଇଁ:**
**ଏନ୍‌ଏସ୍‌ଇ:** https://www.iapt.org.in (ଅଗଷ୍ଟ ୨୧ – ସେପ୍ଟେମ୍ବର ୧୪, ୨୦୨୫)
ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.iapt.org.in
cbc 48143/12/0007/2526

ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢ଼ିପାରେ। ବେଳେବେଳେ ଏହା ଊର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ-ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଊର୍ଦ୍ଧ୍ୱର ଶକ୍ତି- ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। -ଶ୍ରୀଅରବିନ୍ଦ



# କ୍ରୋଧର ଶିକାର

ନେପାଳରେ ଯୁବପିଢ଼ି ସେଠାକାର ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ପରେ ଉପୁଜିଥିବା ସ୍ଥିତିକୁ ନେଇ ସେପ୍ଟେମ୍ବର ୯ରେ 'ଯୁବ ମେଣ୍ଟ' ଶୀର୍ଷକରେ ସମ୍ପାଦକୀୟ ଲେଖିଥିଲୁ। ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା ଯୁବପିଢ଼ିର କର୍ତ୍ତବ୍ୟ ବୋଲି ଦର୍ଶାଇଥିଲୁ। ପରିବର୍ତ୍ତନ ଲାଗି ନେପାଳରେ ଯୁବବର୍ଗର ପ୍ରତିବଦ୍ଧତା ଆଗରେ ସରକାର ମୁଣ୍ଡ ନୁଆଁଇଲା ଭଳି ଛବି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏବେ ଆସିବାରେ ଲାଗିଛି। ସ୍ଥିତି ଏମିତି ସ୍ତରରେ ପହଞ୍ଚିଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଝାଲନାଥ ଖନାଲଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲି ଓ ରାଷ୍ଟ୍ରପତି ଆର୍. ସି. ପୌଡେଲ ଇସ୍ତଫା ଦେଇଥିବା ବେଳେ ଅର୍ଥମନ୍ତ୍ରୀ ବିଷ୍ଣୁପ୍ରସାଦ ପୌଡେଲଙ୍କୁ ରାସ୍ତା ଉପରେ ବିକ୍ଷୋଭକାରୀ ଗୋଇଠା ବିଧା ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ରାଜନେତା ନୁହନ୍ତି, ସେଠାକାର ପ୍ରଶାସନିକ ଅଧିକାରୀଙ୍କୁ ପାଣି ଭିତରେ ଗୋଡ଼ାଇ ଗୋଡ଼ାଇ ପିଟିବାର ଦୃଶ୍ୟ ପଦାକୁ ଆସିଛି। ଏମାନେ ଭାବିପାରି ନ ଥିଲେ ଯେ 'ଜେଡ୍ ସିକ୍ୟୁରିଟି' ଓ ପୋଲିସ ସୁରକ୍ଷା ଥିବା ସତ୍ତ୍ୱେ ସେମାନଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ। କୁହାଯାଇପାରେ ଯେ, ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।

**ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।**

ଦେଖିବାକୁ ଗଲେ ତିନି ବର୍ଷ ମଧ୍ୟରେ ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ବାଂଲାଦେଶ ପରେ ଏବେ ନେପାଳ ଗଣପ୍ରତିବାଦର ସମ୍ମୁଖୀନ ହୋଇ ଶାସକଙ୍କୁ ବିତାଡ଼ିତ କରିଛି। ଜୁଲାଇ ୨୦୨୨ରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଗାଦିଚ୍ୟୁତ ହୋଇ ଦେଶଛାଡ଼ି ପଳାଇଥିଲେ। ସେହିଭଳି ଜୁଲାଇ ୨୦୨୪ରେ ବାଂଲାଦେଶର ହିଂସାତ୍ମକ ପ୍ରତିବାଦ ଯୋଗୁ ଗାଦି ଛାଡ଼ି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ୱାଜେଦ୍ ଭାରତ ପଳାଇ ଆସିଥିଲେ। ଏପରିକି ରାଜନୈତିକ ଦଳର କର୍ମୀ ମଧ୍ୟ ରାସ୍ତାରେ ବାହାରିବା ପାଇଁ ଭୟ କରିଥିଲେ। ପୋଷା ଗୁଣ୍ଡାମାନେ ଲୁଚିବା ପାଇଁ ସ୍ଥାନ ଖୋଜିଥିଲେ। ବାଂଲାଦେଶରେ ହାସିନା ସରକାର ପତନ ବେଳକୁ ଯାହା ଦୃଶ୍ୟ ଦେଖିବାକୁ ମିଳିଥିଲା ତାହା ଏବେ ନେପାଳରେ ପୁନର୍ବାର ଦେଖିବାକୁ ମିଳିଛି। ଏହା ପୂର୍ବରୁ ଶ୍ରୀଲଙ୍କାର ଗୋଟାବାୟାଙ୍କ ଶାସନ ବେଳେ ସାଧାରଣ ନାଗରିକ ଯେଉଁଭଳି ଭାବେ ସରକାରୀ ଲୋକଙ୍କୁ ନିର୍ଘାତ ମାଡ଼ ଦେଲେ ସେଥିରୁ ପ୍ରମାଣ ମିଳୁଛି ଯେ ଉତ୍ୟକ୍ତ ଜନତା ମାତିଲେ କୌଣସି ପୋଲିସ, ମିଲିଟାରୀ ବା ଦଳୀୟ ଗୁଣ୍ଡା ସୁରକ୍ଷା ଯୋଗାଇ ପାରନ୍ତି ନାହିଁ। ସମସ୍ତେ ନିଜ ନିଜର ଜୀବନ ବଞ୍ଚାଇ ଦୌଡ଼ିବା ପାଇଁ ଲକ୍ଷ୍ୟ ରଖିଥିବାରୁ ନେତା ଓ ବଡ଼ ଅଫିସରଙ୍କ ସୁରକ୍ଷା ଚିନ୍ତା ବ୍ୟସ୍ତ କରେନାହିଁ। ନେପାଳର ଯୁବବର୍ଗ ଆହୁରି ଆଗକୁ ଯାଇ କେବଳ ଶାସନରେ ଥିବା ନେତା ନୁହନ୍ତି, ଅନ୍ୟ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଦୀର୍ଘବର୍ଷ ଧରି ସେଠାରେ ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ବେକାରି ସମସ୍ୟା ଉତ୍କଟ ହେବା ସହ ସୋସିଆଲ ମିଡିଆର ବ୍ୟାନ୍ ଯୁବପିଢ଼ିର ପୁଞ୍ଜିଭୂତ କ୍ରୋଧକୁ ପରିପ୍ରକାଶ କରାଇଛି। ଏଥିରୁ ବୁଝାପଡ଼ିଯାଉଛି ଯେ, ନାଗରିକଙ୍କ ସ୍ୱାର୍ଥକୁ ଅଣଦେଖା କଲେ କୌଣସି ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ସୁରକ୍ଷିତ ଭାବେ ରହିପାରିବେ ନାହିଁ। ଏହି ଶିକ୍ଷା ଭାରତ ମଧ୍ୟ ନେବା ଦରକାର। ଯେତେବେଳେ କ୍ରୋଧ ଜାଗ୍ରତ ହେବ, ତାହା କେଉଁଭଳି ରୂପ କରିବ କହିହେବ ନାହିଁ। କେହି ଯଦି ଭାବୁଥିବେ ଭାରତରେ ଏଭଳି ହୋଇପାରିବ ନାହିଁ, ଏହା ଏକ ବିରାଟ ଦେଶ, ବଡ଼ବଡ଼ିଆମାନେ ଜେଡ୍ ପ୍ଲସ୍ ସିକ୍ୟୁରିଟିରେ ରହୁଥିବାରୁ ତାଙ୍କୁ କେହି ଛୁଇଁପାରିବେ ନାହିଁ କିମ୍ବା ବିରୋଧୀଙ୍କୁ ଦଳୀୟ କର୍ମୀ ସାମ୍ନା କରିନେବେ ଭଳି ଭ୍ରମ ଧାରଣା ପୋଷଣ କଲେ ତାହା ମାରାତ୍ମକ ମୋଡ଼ ନେଇପାରେ।

# ବୁଝିବାକୁ ୮ ବର୍ଷ ଲାଗିଲା



ସନ୍ତୋଷ କୁମାର ମହାପାତ୍ର

ଜିଏସ୍‌ଟି ବା ସାମଗ୍ରୀ ଓ ସେବା ଟିକସ ଅତ୍ୟନ୍ତ ଜଟିଳ ହେବା ସହ ଏହାର ବୋଝ ଗରିବଙ୍କ ଉପରେ ପଡୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସରେ 'ପରବର୍ତ୍ତୀ ପିଢ଼ିର' ଜିଏସ୍‌ଟି ସଂସ୍କାର ଆଣିବା ପାଇଁ ଘୋଷଣା କରିଥିଲେ। ଅଗଷ୍ଟ ୧୧ରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଦାଖଲ ପ୍ରସ୍ତାବଗୁଡ଼ିକର ସମୀକ୍ଷାକରିବା ପରେ ୩ଟି ଟ୍ୟାକ୍ସ ସ୍ଲାବ୍ ପ୍ରସ୍ତାବ ଦେଇଥିଲେ। ସେପ୍ଟେମ୍ବର ୩ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଜିଏସ୍‌ଟି ହାରରେ ପରିବର୍ତ୍ତନ କରାଯାଇଛି। ଏହା ସେପ୍ଟେମ୍ବର ୨୨ରେ ନବରାତ୍ରର ପ୍ରଥମଦିନରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ୨୦୧୭ରେ ଜିଏସ୍‌ଟି ପ୍ରଚଳନ ପରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ଏହି ସାମଗ୍ରୀ ଏବଂ ସେବା ଟିକସ ସଂସ୍କାରକୁ ପ୍ରଶଂସାକରି କହିଛନ୍ତି, ଏହା ପରିବାର ଉପରେ ବୋଝ କମ୍ କରିବ, ଛୋଟ ବ୍ୟବସାୟକୁ ପ୍ରୋତ୍ସାହିତ କରିବ ଏବଂ ସାଧାରଣ ଲୋକ, ଚାଷୀ, ମହିଳା, ଯୁବକମାନେ ଲାଭବାନ୍ ହେବେ।

କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ଆତ୍ମନିର୍ଭର ଭାରତରେ ଏହା ସହାୟକ ହେବା ସହ ଟ୍ରମ୍ପଙ୍କ ଟାରିଫ ବୃଦ୍ଧିର କୁପ୍ରଭାବକୁ ସମ୍ମୁଖୀନ ହେବାରେ ସାହାଯ୍ୟ କରିବ। ଏହା ଦରଦାମ ହ୍ରାସ କରିବ, ମୁଦ୍ରାସ୍ଫୀତି ହାର ହ୍ରାସ କରିବ, ଲୋକଙ୍କ କ୍ରୟଶକ୍ତି ବୃଦ୍ଧି କରିବ ଏବଂ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଅନେକ ଅର୍ଥନୀତିଜ୍ଞ କହୁଛନ୍ତି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ଏହି ଜିଏସ୍‌ଟି ସରଳୀକରଣରେ ଏତେ ଭଲ ହୋଇପାରିବ ତେବେ ଏହାକୁ ବୁଝିବାକୁ ସରକାରଙ୍କୁ ୮ ବର୍ଷ ଲାଗିଗଲା କାହିଁକି। ଏହାର ଅର୍ଥ ଦୀର୍ଘ ୮ ବର୍ଷ ଧରି ସରକାର ଲୋକଙ୍କଠାରୁ ବହୁମାତ୍ରାରେ ବା ଚଢ଼ା ଟିକସ ନେଇଛନ୍ତି, ଯାହାକୁ କିଛି ବର୍ତ୍ତମାନ ହ୍ରାସ କରୁଛନ୍ତି। ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ପ୍ରଚଳନ ବେଳେ ଆମେ କହିଥିଲୁ,ଏହା ଜଟିଳ। ଗରିବଙ୍କ ଉପରେ ଅଧିକ ବୋଝ ପଡ଼ିବ, କାରଣ ଗୁଡ଼ାଏ ଟିକସ ସ୍ଲାବ୍ ସହ ଟିକସ ହାର ରେକର୍ଡ ସର୍ବାଧିକ। ବର୍ତ୍ତମାନ ସେଥିରେ କିଛି ଟିକସ ହ୍ରାସ ବା ପରିବର୍ତ୍ତନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବିଶେଷ ସ୍ୱାଗତଯୋଗ୍ୟ ହେଉଛି ବ୍ୟକ୍ତିଗତ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ଉପରେ ଜିଏସ୍‌ଟି ଉଠାଇଦେବା, ଯାହା ପାଇଁ ନିଖିଳ ଭାରତ ବୀମା କର୍ମଚାରୀ ସଙ୍ଗଠନ ଦେଶବ୍ୟାପୀ ସାଂସଦମାନଙ୍କୁ ଭେଟିଥିଲା। କିନ୍ତୁ ଏହାକୁ ନେଇ ରାଜନୈତିକ ଫାଇଦା ପାଇଁ ଚେଷ୍ଟା କରିବା ନିନ୍ଦନୀୟ। ଅବଶ୍ୟ ଲୋକମାନେ ନିଶ୍ଚୟ ଉପକୃତ ହେବେ ଯଦି ବ୍ୟବସାୟୀ, ଉତ୍ପାଦନକାରୀ ବିଭିନ୍ନ ସାମଗ୍ରୀ ଓ ସେବାର ମୂଲ୍ୟ ହ୍ରାସ କରିବେ। କିନ୍ତୁ ତାହା ସମୟ କହିବ। କର୍ପୋରେଟ ଟିକସ ହ୍ରାସବେଳେ ସରକାର ପ୍ରଚାର କରୁଥିଲେ ଘରୋଇ ନିବେଶ ବୃଦ୍ଧିପାଇବ, କିନ୍ତୁ ତାହା ବିପରୀତ ହୋଇଛି।




ଜିଏସ୍‌ଟି ଆରମ୍ଭ ବେଳେ ଏହାକୁ ଏକ ଦେଶ, ଏକ ଟିକସ ଓ ଏକ ବଜାର ଆଖ୍ୟା ଦିଆଯାଇ ଏହା ଟିକସ ଫାଙ୍କି ରୋକିବା ସହ ଟିକସ ଉପରେ ଟିକସ ପଡ଼ିବାକୁ ରୋକିବ, ବିଭିନ୍ନ ମୂଲ୍ୟ ହ୍ରାସ ପାଇବ,ଦରଦାମ ହ୍ରାସ ପାଇବ ଓ ଟିକସ ଆଦାୟ ସହଜ ହେବ ବୋଲି କୁହାଯାଇଥିଲା। କିନ୍ତୁ ଦରଦାମ ହ୍ରାସ ପାଇନାହିଁ କି ଟିକସ ଫାଙ୍କି ରୋକାଯାଇପାରିନାହିଁ। ଡାଇରେକ୍ଟର ଜେନେରାଲ ଅଫ୍ ଦି ଇଣ୍ଟେଲିଜେନ୍ସ ଅନୁସାରେ ଗତ ୫ ବର୍ଷରେ ୭.୦୮ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଟିକସ ଫାଙ୍କି ହୋଇଛି। କେବଳ ୨୦୨୩-୨୪ରେ ଏହାର ପରିମାଣ ୨.୩୦ ଲକ୍ଷ କୋଟି ଟଙ୍କା। ଜିଏସ୍‌ଟି ଲାଗୁହେବା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଅଲଗା ଅଲଗା ଟିକସ ଅସୁଲ କରୁଥିଲେ। ଜିଏସ୍‌ଟିରେ ୧୭ଟି କେନ୍ଦ୍ରୀୟ ଏବଂ ରାଜ୍ୟ ଟିକସ ଓ ୧୩ଟି ସେସ୍ ଅନ୍ତର୍ଭୁକ୍ତ। ମଦ ,ତମାଖୁ ଉପରେ ରାଜ୍ୟ ଅବକାରୀ ଶୁଳ୍କ ଓ ପେଟ୍ରୋଲିୟମ ସାମଗ୍ରୀ ଉପରେ ଭାଟ୍ ପୂର୍ବପରି ଲାଗୁରହିଥିଲା। ସମ୍ପତ୍ତିରେ ଷ୍ଟାମ୍ପ ଡ୍ୟୁଟି, ବିଦ୍ୟୁତ୍ ଶୁଳ୍କ, ଯାନ ରେଜିଷ୍ଟ୍ରେଶନ ଟିକସ, ସ୍ଥାନୀୟ ସଂସ୍ଥାର ଘରବାଡ଼ି ଉପରେ ହୋଲ୍ଡିଂ ବା ସମ୍ପତ୍ତି କର ଆଦି ରାଜ୍ୟ ଆଦାୟ କରୁଛି। କେନ୍ଦ୍ରର ପେଟ୍ରୋଲିୟମ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ କି ଏହି ସଂସ୍କାର ପରେ ମଧ୍ୟ ହୋଇନାହିଁ। ଏତେଗୁଡ଼ିଏ ପରୋକ୍ଷ କର ରହିବା ଅନୁଚିତ। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ହେବା ଉଚିତ। ପେଟ୍ରୋଲିୟମ ସାମଗ୍ରୀ ଉପରେ ୫୦ରୁ ୬୦% ଶୁଳ୍କ ଆଦାୟ କରାଯାଉଛି। ୨୦୧୪ ପରଠାରୁ ୩୦୦ ପ୍ରତିଶତ ଉତ୍ପାଦ ଶୁଳ୍କ ବୃଦ୍ଧି ଯୋଗୁ ଭାରତୀୟମାନେ ଇନ୍ଧନ ଉପରେ ସେମାନଙ୍କ ଆୟର ୨୨% ଖର୍ଚ୍ଚ କରନ୍ତି, ଯାହା ବିଶ୍ୱ ସ୍ତରରେ ସର୍ବାଧିକ।

ସଂସ୍କାର ପୂର୍ବରୁ ଜିଏସ୍‌ଟି ହାର ଶୂନ, ୦.୨୫%, ୧.୫%, ୩%, ୫%, ୧୨%, ୧୮% ଏବଂ ୨୮% ରହିଛି। ବର୍ତ୍ତମାନର ୧୨% ଓ ୨୮% ଟ୍ୟାକ୍ସ ସ୍ଲାବ୍ ଉଚ୍ଛେଦ କରାଯାଇଛି। ୨ ପ୍ରକାର ଷ୍ଟାଣ୍ଡାର୍ଡ ବା ମାନକ ଓ ମେରିଟ୍ ବା ଯୋଗ୍ୟତା ଜିଏସ୍‌ଟି ସ୍ଲାବ୍ ଯଥା ୫%, ୧୮% ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଧନିକ ଶ୍ରେଣୀକୁ ସୁହାଇଲା ପରି ହୀରା, ମୂଲ୍ୟବାନ୍/ଅର୍ଦ୍ଧ ମୂଲ୍ୟବାନ୍ ପଥର, ଅଶୋଧିତ ହୀରାରେ ୦.୨୫%; ପରିଶୋଧିତ ହୀରାରେ ୧.୫%; ସୁନା,ମୁକ୍ତା ,ସୁନା ବାର୍, କଏନ, ଡିଜିଟାଲ ଗୋଲ୍ଡ, ଗହଣାରେ ୩% ଜିଏସ୍‌ଟି ପୂର୍ବପରି ରହିବ। ଏହା ବ୍ୟତୀତ ବିଳାସପୂର୍ଣ୍ଣ ଏବଂ ଉଚ୍ଚ-ସମ୍ପନ୍ନ ସାମଗ୍ରୀ ଓ ତମାଖୁ ଏବଂ ପାନମସଲା ଇତ୍ୟାଦି ନିଶା ସାମଗ୍ରୀ ଉପରେ ଯେଉଁ ୨୮% ଓ ବିଭିନ୍ନ ହାରର ସେସ୍ ଥିଲା ତାକୁ ଉଚ୍ଛେଦ କରାଯାଇଛି ଓ ୪୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ବର୍ତ୍ତମାନ ୧୨% ସ୍ଲାବ୍ ଥିବା ୯୯% ସାମଗ୍ରୀ ୫% ହାରକୁ ସ୍ଥାନାନ୍ତରିତ ହେବ ଏବଂ ୨୮% ବର୍ଗରେ ଥିବା ୯୦% ସାମଗ୍ରୀ ଏବଂ ସେବା ୧୮% ସାମଗ୍ରୀକୁ ସ୍ଥାନାନ୍ତରିତ ହେବ ବୋଲି କୁହାଯାଉଛି। କିନ୍ତୁ ୨୮% ଉପରେ ଯେଉଁ ସେସ୍ ଲାଗୁଥିଲା ତାହା ଉଠାଇ ଦିଆଯାଇଛି। ଜିଏସ୍‌ଟି ପ୍ରଚଳନ ବେଳେ ରାଜ୍ୟଗୁଡ଼ିକ ଯେଉଁ କ୍ଷତି ସହିବାକୁ ପଡ଼ିଥିଲା ତାହା ଭରଣା ପାଇଁ ସେସ୍ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହା ପରେ ଲାଗୁହେବ।

ଉଲ୍ଲେଖଯୋଗ୍ୟ, ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ, ରାଜ୍ୟଗୁଡ଼ିକ ୬୨%ରୁ ଅଧିକ ଖର୍ଚ୍ଚ ଦାୟିତ୍ୱ ବହନ କରିଲା ବେଳେ ରାଜସ୍ୱ ଆଦାୟ କରିବାର କ୍ଷମତା ମାତ୍ର ୩୭%। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ହାତରେ ରାଜସ୍ୱ ସଂଗ୍ରହ କ୍ଷମତାର ୬୩% ଥିଲାବେଳେ ମାତ୍ର ୩୮% ଖର୍ଚ୍ଚ ବହନ କରିଥାନ୍ତି। ପୁନଶ୍ଚ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ ହୋଇଛି। ଅବଶ୍ୟ ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ, କାରଣ ସେମାନେ ମୋଟ ବ୍ୟୟ ୬୨% କଲାବେଳେ ଟିକସ ଆଦାୟ କରିବାର କ୍ଷମତା ମାତ୍ର ୩୮%। ଅବଶ୍ୟ। କେନ୍ଦ୍ର ଅଧିକ ସହାୟତା ଦେଇ ପରିବର୍ତ୍ତନ ଆଣିପାରିବ। ସରକାର ୨୦୧୯-୨୦ ରୁ ୨୦୨୪-୨୫ ମଧ୍ୟରେ ୨୨.୨୧ ଲକ୍ଷ କୋଟି ଟଙ୍କା ସେସ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ରାଜ୍ୟର କୌଣସି ଅଂଶ ନାହିଁ। କେବଳ ୨୦୨୩-୨୪ରେ ୩,୮୬,୬୩୦ କୋଟି ଟଙ୍କା ସଂଗ୍ରହ ହୋଇଛି। ଯଦିଓ ଅର୍ଥ କମିଶନ ବିଭାଜିତ ପୁଲ୍‌ରୁ ରାଜସ୍ୱର ୪୨% ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ କରିବାକୁ ସୁପାରିସ କରିଛନ୍ତି, ମାତ୍ର ୩୧% ରାଜ୍ୟଗୁଡ଼ିକ ପ୍ରାପ୍ତ ହେଉଛନ୍ତି। ତେଣୁ ସେସ୍ ବିଭାଜିତ ପୁଲ୍‌ର ଅଂଶ ହେବା ଉଚିତ ଏବଂ ବିଭାଜିତ ପୁଲ୍‌ରେ ରାଜ୍ୟଗୁଡ଼ିକର ଅଂଶ ବୃଦ୍ଧି କରାଯିବା ଉଚିତ। ଜିଏସ୍‌ଟି ସଂସ୍କାର ଯୋଗୁ ରାଜ୍ୟଗୁଡ଼ିକର ଯାହା ରାଜସ୍ୱ କ୍ଷତି ହେବ ବା ଭବିଷ୍ୟତରେ ହେବା ସମ୍ଭାବନା ଅଛି, ତାକୁ କେନ୍ଦ୍ର ଭରଣା କରିବା ଉଚିତ।

ମୋ:୯୪୩୭୨୦୮୭୬୨

# ପରଲୋକରୁ ପତ୍ର



ଉପେନ୍ଦ୍ର ବିଶ୍ୱାଳ

ହେ ସ୍ନେହାସ୍ପଦ ପୁତ୍ର/ ପୌତ୍ର/ ପ୍ରପୌତ୍ରଗଣ, ପରଲୋକରୁ ତୁମମାନଙ୍କୁ ଆମର କୋଟିଏ ଆଶିଷ। ମର୍ତ୍ତ୍ୟଲୋକରେ ଏବେ ଆରମ୍ଭ ହୋଇଯାଇଛି ପିତୃପକ୍ଷ। ଆମକୁ ସ୍ମରଣ ପୂର୍ବକ ସସମ୍ମାନ ଆମ ପାଇଁ ଶ୍ରାଦ୍ଧ ଓ ତର୍ପଣର ବ୍ୟବସ୍ଥା କରୁଛ ଆଜି। ଏହି ସମୟରେ ମର୍ତ୍ତ୍ୟଲୋକରେ ତୁମେ ଯେମିତି ଆମକୁ ସ୍ମରଣ କର, ପିତୃଲୋକରେ ଥାଇ ଆମେ ବି ବେଶି ଭାଳି ହେଉ ତୁମମାନଙ୍କ କଥା। ଆଜି ସବୁଠୁ ବିଷାଦ ଏବଂ ବିଡ଼ମ୍ବନାର ବିଷୟ ଯାହା ଆମକୁ ବିଚଳିତ କରୁଛି, ତାହା ହେଲା ପିଲା ଓ ଯୁବାଙ୍କ ଭିତରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା। କିଟ୍‌ରୁ କୋଟା, ବାଲେଶ୍ୱରରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ପିଲାଙ୍କ ଆତ୍ମହତ୍ୟା ଖବର ଆମକୁ ମ୍ରିୟମାଣ କରୁଛି। ଜୀବନ ହାରିଦେବା କଦାପି ପାରିବାପଣିଆ ନୁହେଁ ବରଂ ଭୀରୁଙ୍କ ବ୍ୟାକରଣ। ହେ ଆମର ଶ୍ରଦ୍ଧେୟ ପିଲେ, ଦୟାକରି ଛୁଆଙ୍କୁ ବୁଝାଅ ଯେ ବିପଦକୁ ଡରି ଆତ୍ମହତ୍ୟା କରିବା ଅପେକ୍ଷା ତା'ସହ ଲଢ଼ିବା ହିଁ ବଞ୍ଚିବାର ବ୍ୟାକରଣ। ବିପଦକୁ ସାମ୍ନା ନ କଲେ ଜୀବନ ସଂଗ୍ରାମରେ ସେମାନେ ବିଜୟୀ ହେବେ କିପରି? ସଂସାରରେ ଯେତିକି ସମସ୍ୟା ଅଛି, ତା'ଠାରୁ ସମାଧାନର ପନ୍ଥା ତ ଅଧିକ। କାରଣ ପ୍ରତି ସମସ୍ୟାର ଏକ ବା ଅଧିକ ସମାଧାନର ସୂତ୍ର ରହିଥାଏ।

ସମସ୍ୟା ମଧ୍ୟେ କେଉଁଠି ନା କେଉଁଠି ଲୁଚି ରହିଥାଏ ସୁଯୋଗଟିଏ। ଆମେ ଧୈର୍ଯ୍ୟର ସହିତ ତାକୁ ଖୋଜି ବାହାରକରିବା ଉଚିତ। ଆଉଗୋଟେ କଥା, ରାତ୍ରି ଅନ୍ଧାରରେ ହିଁ ତ ତାରାର ଚମକ ଜଣେ ଦେଖିପାରେ। ବର୍ଷାର ବିତ୍ପାତ ପରେ ହିଁ ତ ଦେଖିବାକୁ ମିଳିଥାଏ ଇନ୍ଦ୍ରଧନୁର ବର୍ଣ୍ଣବିଭା। ଅର୍ଥାତ୍ ବାଧାବିଘ୍ନ ପାଇଲେ ବା ଦୁଃଖରେ ପଡ଼ିଲେ ଯାଇ ସତ୍ୟ ବା ସୁନ୍ଦରତାକୁ ଜଣେ ଉପଲବ୍ଧି କରିପାରିବ। ଅଗ୍ନିର ଦହନ ନ ପାଇଲେ ସୁନାର ଔଜ୍ଜ୍ୱଲ୍ୟ ବଢ଼ିବ କି? ସେମିତି ବି ଦୁଃଖରେ ନ ପଡ଼ିଲେ ମଣିଷ ଭିତରେ ଥିବା ପ୍ରକୃତ ତେଜ ଫୁଟି ବାହାରିବ କେମିତି? ଏହିପରି ପ୍ରତିଟି ପ୍ରତିକୂଳ ପରିସ୍ଥିତି ମନୁଷ୍ୟକୁ ଅଗ୍ରସର ହେବା ପାଇଁ ପ୍ରେରଣାଦିଏ। ଦୟାକରି ପିଲାଙ୍କୁ ଟିକେ ବୁଝାଅ ଯେ ପଛେଇଯିବା ବା ପଡ଼ିଯିବା ବା ବିଫଳ ହେବାକୁ ପରାଜୟ ବୋଲି ଭାବିବେ ନାହିଁ କି ଗ୍ଲାନିବୋଧ କରିବେ ନାହିଁ। ପଡ଼ିଯାଇ ନ ଉଠିବାରେ ବା ପଛେଇଗଲା ପରେ ପୁଣି ବାଟଚାଲି ଆଗକୁ ଯିବାର ଝୁଙ୍କ ନ ରଖିଲେ, ତାକୁ ହିଁ ବିଫଳତା ବୋଲି କୁହାଯାଏ। ସେତେବେଳେ ଯାଇ ମନରେ ଗ୍ଲାନିବୋଧ, ଲଜ୍ଜାବୋଧ ଆସିବା କଥା। ବିଶ୍ୱରେ ଏମିତି କେହି ସଫଳ ବ୍ୟକ୍ତି ନାହାନ୍ତି, ଯିଏ କି ଜୀବନରେ କେବେ ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନାକରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ 'ସଫଳବ୍ୟକ୍ତି' ଭାବେ ଦୁନିଆ ଆଗରେ ଉଭା ହେଇଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ପଥ ଦେଇ ଗତି କରିବାକୁ ପଡ଼ିଥାଏ। ଯେଉଁଦିନୁ ଜଣେ କଷ୍ଟକର ପରିସ୍ଥିତି ସହିତ ଲଢ଼ିବା ତ୍ୟାଗକଲା, ସେହିଦିନୁ ହିଁ ସେ ପରାଜୟକୁ ସ୍ୱୀକାର କରିନେଲା ଓ ମାନବିକ ଗରିମାଚ୍ୟୁତ ହୋଇଗଲା। ଯେପର୍ଯ୍ୟନ୍ତ ଜଣେ ହାର ମାନିନାହିଁ, ସେପର୍ଯ୍ୟନ୍ତ ତାକୁ ପରାଜୟ କରିବା ଅସମ୍ଭବ। ଯେଉଁଠୁ ସାହସ ସମାପ୍ତ ହୋଇଯାଏ, ସେଇଠୁ ପରାଜୟର ପଥ ଆରମ୍ଭ ହୁଏ। ଏଣୁ ଛାନିଆ ନ ହୋଇ ସତର୍କତା ସହିତ ଆଗକୁ ପାଦ ବଢ଼େଇଲେ, ସଫଳତା ନିଶ୍ଚେ ଚରଣ ଛୁଇଁବ।



ଜୀବନ ହେଉଛି ସମ୍ଭାବନାର ସମାହାର। ଏଣୁ ସେମାନେ କେବେ ବି ନିରାଶ ହୁଅନ୍ତୁ ନାହିଁ। ଯୁଗ ବଦଳିବା ସହିତ ପିଲାଙ୍କ ମାନସିକତା ବଦଳୁଛି। ପୁଣି ପିଲାଙ୍କ ହାତେ ଆଜି ଦାମିକା ମୋବାଇଲ; ଯାହାକି ତାଙ୍କୁ ବିପଥଗାମୀ କରୁଛି। ଏହି ସମୟରେ ତୁମେ ସେମାନଙ୍କ ସହିତ ଯେତେ ସାଙ୍ଗ ହେବ, ସେତେ ଭଲ। ତୁମର ଓ ପିଲାଙ୍କ ଭିତରେ ଯେମିତି ଦୂରତା ନ ରୁହେ, ସେଥିପ୍ରତି ଯତ୍ନବାନ ହେବ। ଏହି ସମୟରେ ପିଲାମାନେ ଭୁଲ୍ କରିବା ସ୍ୱାଭାବିକ। ପିଲାଙ୍କର ସବୁବେଳେ ସବୁକଥା ଠିକ୍ ହେଉ ବୋଲି ଭାବିବା ହେଉଛି ମାତାପିତାଙ୍କ ବଡ଼ ଭୁଲ୍। ନିଜେ ଆଗ ଧୈର୍ଯ୍ୟ ଧରି ପିଲାଙ୍କୁ ବୁଝିବାକୁ ଟିକେ ଚେଷ୍ଟାକରିବ। ତାଙ୍କୁ ଏମିତି ଦୃଢ଼ ବିଶ୍ୱାସ ଓ ଆଶ୍ୱାସନା ଦିଅ, ଯେମିତି କି ତାଙ୍କର ସବୁ କଥା/ ସମସ୍ୟା ନ ଲୁଚାଇ ସାଙ୍ଗ ଭଳିଆ ତୁମ ଆଗରେ ନିଃସଙ୍କୋଚରେ ପ୍ରକାଶ କରିବେ। ଏପରିକି ପ୍ରେମ ବ୍ୟାପାର ମଧ୍ୟ। କାରଣ ଏହି ସମୟରେ ପ୍ରେମ ପାଇଁ ସେମାନେ ପାଗଳ ହୁଅନ୍ତି। ଉଚିତ ବା ଅନୁଚିତ ବୁଝିବାକୁ ସେମାନଙ୍କ ବୁଦ୍ଧି କି ବିଚାର ଆସି ନ ଥାଏ। ସେତେବେଳେ ସେମାନେ ଅପରିପକ୍ୱ ଏବଂ ଅନ୍ଧ। ସେଭଳି ପରିସ୍ଥିତିରେ ହଠାତ୍ ଉତ୍କ୍ଷିପ୍ତ ନ ହୋଇ ଅତ୍ୟନ୍ତ ଚତୁରତାର ସହିତ ତାଙ୍କୁ ପ୍ରଥମେ ମିଛ ସମର୍ଥନ କର। ତା'ପରେ ସମୟ ସୁବିଧା ଦେଖି ଧୀରେ ଧୀରେ ତାଙ୍କ ମନ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବ। ଭୟ ଦେଖାଇ ତାଙ୍କୁ ଶାସନ କରିବା ପରିବର୍ତ୍ତେ, ତାଙ୍କର ଗୋଟାପଣେ ହୋଇ ଅତ୍ୟନ୍ତ ସାବଧାନତାର ସହିତ ତାଙ୍କୁ ସସ୍ନେହ ସମୁଚିତ ପରାମର୍ଶ ଦେବ।

ତାଙ୍କୁ ବୁଝାଅ, ମନ ବିବ୍ରତ ଥିଲାବେଳେ ସେମାନେ ଯେମିତି କିଛି ବି ନିଷ୍ପତ୍ତି ନ ନିଅନ୍ତି। ବରଂ ନିଜ ଭିତରେ ଯେଉଁ ଶକ୍ତି/ ସାମର୍ଥ୍ୟ ରହିଛି, ତାକୁ କେବଳ ଟିକେ ଜାଗ୍ରତ କରିବେ। ନିଜ ଭିତରେ ଥିବା ଆତ୍ମବଳ/ଆତ୍ମବିଶ୍ୱାସ ଯୋଗୁ ହନୁମାନ ତ ପୁଣି ବହୁ ଅସାଧ୍ୟକୁ ସାଧ୍ୟ କରିପାରୁଥିଲେ। ପିଲାଙ୍କୁ କହିବ, ସେମାନଙ୍କ ଜନ୍ମ ପଛରେ ଈଶ୍ୱରଙ୍କ ମହତ୍ ଉଦ୍ଦେଶ୍ୟ ନିହିତ। ଏଣୁ ନିଜ ମହତ୍ତ୍ୱକୁ ସେମାନେ ଆଗ ବୁଝନ୍ତୁ। ଦୁନିଆରେ କେହି ବି ନିଜ ଇଚ୍ଛାନୁଯାୟୀ ଜନ୍ମନିଏନି। ଜନ୍ମ ହେଉ ଅବା ମରଣ, ତାହା ଈଶ୍ୱରଙ୍କ ଇଚ୍ଛାଧୀନ। ଈଶ୍ୱରଙ୍କ ଇଚ୍ଛା ବିରୋଧରେ ଯାଇ ଆତ୍ମହତ୍ୟା କରିବା ଅର୍ଥ ଈଶ୍ୱରଙ୍କ ବିରୋଧରେ ଯିବା। ଅତଏବ ପିଲାଙ୍କୁ ଭରଷା ଦିଅ, ନିଜ ଉପରେ ସେମାନେ ବିଶ୍ୱାସ ରଖିବେ ଯେ ସେମାନେ ହେଉଛନ୍ତି ଈଶ୍ୱରଙ୍କ ସୁନ୍ଦରତମ ସୃଷ୍ଟି। ଏଣୁ ବିଭୁଦତ୍ତ ମହାର୍ଘ୍ୟ ମାନବ ଜୀବନକୁ କୌଣସି ପରିସ୍ଥିତିରେ ବି ସେମାନେ ହରେଇବା ଉଚିତ ନୁହେଁ। ଇତି, ପରଲୋକରୁ ତୁମ ପିତୃପୁରୁଷଗଣ।

ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ମାତାପିତାଙ୍କ ପାଇଁ ଏବେ ବଡ଼ ସମସ୍ୟା ଆଣିଛି ପିଲାଙ୍କ ମୋବାଇଲ ଆସକ୍ତି। ଅନେକ ଘଣ୍ଟା ମୋବାଇଲ ଧରି ପିଲାମାନେ ଖେଳ ଓ ପାଠରୁ ଦୂରେଇଯିବାକୁ ବସିଲେଣି। ଏଭଳି ସ୍ଥିତିରେ ସେଭଳି ପିଲାଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି ଆଇଏଏସ୍ ଅଧିକାରୀ ପ୍ରେମ୍ କ୍ରିଷ୍ଣ। ସେ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ନେଇ ସେମାନଙ୍କୁ ଖେଳପଡ଼ିଆକୁ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ବିଶେଷକରି ପିଲାମାନେ ଫୁଟ୍‌ବଲ, କ୍ରିକେଟ୍ ସହ ଅନ୍ୟାନ୍ୟ ଦଳଗତ ଖେଳ ସହ ଯୋଡ଼ି ହୋଇଛନ୍ତି। ପ୍ରେମ୍ କେରଳ ପଥାନମିଥିତାର କଲେକ୍ଟର ଭାବେ ଏଭଳି ଅଭିଯାନ ଚଳାଇଛନ୍ତି। ସେ ତ୍ରିଭେନ୍ଦ୍ରମ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ଡିଗ୍ରୀ ହାସଲ କରି ଇନ୍‌ଫୋସିସ୍ ଓ ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟ କରୁଛନ୍ତି। ପରେ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲାପାଳ ଭାବେ ଯୋଗଦେବା ପରେ " ସ୍ୱାପ୍ ୟୋର ସ୍କ୍ରିନ୍ ଫର୍ ଏ ସ୍ପୋର୍ଟ୍ସ" ଅଭିଯାନ ଚଳାଇ ପିଲାଙ୍କୁ ମୋବାଇଲରୁ ଦୂରେଇବାରେ ସଫଳ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୭୬

- ସରୋଜିନୀ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସମାଜମଙ୍ଗଳ ବୋର୍ଡ ପୁନର୍ଗଠିତ।
- ସରକାରୀ କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ହୋଇ ଭୂଦାନ ନେତା ଆଚାର୍ଯ୍ୟ ବିନୋବା ଭାବେଙ୍କ ପ୍ରସ୍ତାବିତ ଗୋବଧ ନିରୋଧ ଆନ୍ଦୋଳନ ଓ ଅନଶନ ପ୍ରତ୍ୟାହୃତ।
- ବିଶ୍ୱର ମହାନ ବିପ୍ଳବୀ ଚୀନ ଗଣସାଧାରଣତନ୍ତ୍ରର ପ୍ରତିଷ୍ଠାତା, ଚୀନ କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ ତଥା କବି ଓ ଦାର୍ଶନିକ ମାଓ ସେ ତୁଙ୍ଗଙ୍କ ୮୨ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 7 | 8 | | |
| | 5 | | | 6 | | | | |
| | 1 | | 8 | | | 4 | 7 | |
| | 2 | | | 4 | 3 | 5 | 9 | |
| 1 | | | | | | | | |
| | | | | | | 6 | 3 | |
| | 7 | 9 | | | 4 | | | |
| | | | | | | | | |
| 6 | | | 2 | 9 | 5 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 2 | 3 | 8 | 4 | 5 | 6 |
| 8 | 6 | 3 | 7 | 4 | 5 | 2 | 1 | 9 |
| 5 | 2 | 4 | 9 | 6 | 1 | 8 | 3 | 7 |
| 9 | 4 | 2 | 3 | 1 | 7 | 6 | 8 | 5 |
| 7 | 8 | 5 | 6 | 9 | 4 | 3 | 2 | 1 |
| 3 | 1 | 6 | 8 | 5 | 2 | 9 | 7 | 4 |
| 6 | 9 | 8 | 1 | 7 | 3 | 5 | 4 | 2 |
| 4 | 3 | 7 | 5 | 2 | 6 | 1 | 9 | 8 |
| 2 | 5 | 1 | 4 | 8 | 9 | 7 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେରଳ ଢାଞ୍ଚାରେ ଗ୍ରାମାଞ୍ଚଳର ବିକାଶ ହେଉ

ମହାଶୟ,

ରାଜ୍ୟ ସରକାର ନିକଟରେ ବହୁ ଛୋଟ ଛୋଟ ସହରକୁ ଏନ୍‌ଏସି ଓ ମ୍ୟୁନିସିପାଲିଟି ଭାବେ ଘୋଷଣା କରିଛନ୍ତି। ପୂର୍ବରୁ ଏହିସବୁ ଅଞ୍ଚଳରେ ଗ୍ରାମପଞ୍ଚାୟତ ମାଧ୍ୟମରେ ଯୋଜନା ପ୍ରସ୍ତୁତ ହୋଇ ଉନ୍ନତିମୂଳକ କାର୍ଯ୍ୟ ହେଉଥିଲା। ବ୍ଲକରୁ ସମସ୍ତ ପଞ୍ଚାୟତକୁ ଯାଉଥିଲା ଏବଂ ଏବେ ଢାଞ୍ଚା ବଦଳିବ। ନିକଟରେ ଘୋଷିତ ଏନ୍‌ଏସିଗୁଡ଼ିକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିବେ। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ଅଧିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ସରକାର କେରଳ ଢାଞ୍ଚାରେ ଗାଁଗୁଡ଼ିକୁ ବିକଶିତ କଲେ ଆଉ ସହରାଞ୍ଚଳ ପାଇଁ ଦାବି ହୁଅନ୍ତା ନାହିଁ। କେରଳରେ କ୍ଷୁଦ୍ର ସହରକୁ ଏନ୍‌ଏସି ବ୍ୟବସ୍ଥା ବଦଳରେ ଗ୍ରାମପଞ୍ଚାୟତକୁ ସଶକ୍ତ କରାଯାଇ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଫଳରେ ପଞ୍ଚାୟତବାସୀ ପୌରାଞ୍ଚଳ ଲାଗି ଦାବି କରୁନାହାନ୍ତି। ସାଧାରଣ ଲୋକେ ସହରାଭିମୁଖୀ ନ ହୋଇ ଗ୍ରାମରେ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ଏଣୁ ଆମ ରାଜ୍ୟରେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ସଶକ୍ତ କରିବାକୁ ଉଦ୍ୟମ ହେବା ଉଚିତ।

**-ନିର୍ମଳ ଚନ୍ଦ୍ର ସାମଲ, ପୋଖରିପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାକ ଚଳେ ନୀଡ଼େ
ଯାପିବ ରଜନୀ ପରା ପୀରତି-ନିବିଡ଼େ।
ନିଶାର ମଙ୍ଗଳ ଗାଇ ଶୁକ
ରହିଲାଣି ନୀଡ଼େ ଶାନ୍ତ ମୂକ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଜେଡିରୁ ଇସ୍ତଫା ଦେଲେ ଭାସ୍କର ରାଓ, ହିମିରିକା

ରାୟଗଡ଼ା,୯।୯
(ଆଶିଷ ରଞ୍ଜନ ପଣ୍ଡା)



ବିଜୁ ସ୍ୱାଭିମାନ ମଞ୍ଚ ପୋଷ୍ଟର ନିକଟରେ ଏନ୍.ଭାସ୍କର ରାଓ, ଲାଲବିହାରୀ ହିମିରିକା ଏବଂ ବିଜେଡିରୁ ଇସ୍ତଫା ଦେଇଥିବା ଅନ୍ୟ ନେତା ଓ କର୍ମୀ।

■ ୪୦ରୁ ଊର୍ଦ୍ଧ୍ୱ ଦଳୀୟ ନେତା, ବହୁ କର୍ମୀଙ୍କ ଇସ୍ତଫା
■ ସମାଜସେବା ପାଇଁ ଆରମ୍ଭ କଲେ ବିଜୁ ସ୍ୱାଭିମାନ ମଞ୍ଚ

ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଦକ୍ଷିଣ ଓଡ଼ିଶାର ଟାଣୁଆ ନେତା ଏନ୍. ଭାସ୍କର ରାଓ ଓ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନଙ୍କ ସହ ଦଳର ବହୁ ନେତା ଓ କର୍ମୀ ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ଲୋକମାନଙ୍କ ସେବା ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଥିବା ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାସ୍କର ରାଓ ସୂଚନା ଦେଇଛନ୍ତି।

ଗତ ୪ ତାରିଖରେ ରାୟଗଡ଼ା ବିଜେଡି ଜିଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା ପରେ ଜିଲା ବିଜେଡିରେ ତେଜିଥିଲା ବିବାଦ। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଏହି ନିଷ୍ପତ୍ତିକୁ ଜିଲାରେ ବରିଷ୍ଠ ନେତା, କର୍ମୀ ଗ୍ରହଣ କରି ନ ଥିଲେ। ଏ ନେଇ ଜିଲାର ବହୁ ନେତା ଓ କର୍ମୀ ଭାସ୍କର ରାଓଙ୍କ ଘରେ ବୈଠକ କରିଥିଲେ। କର୍ମୀଙ୍କ ନିଷ୍ପତ୍ତି ପ୍ରକାରେ ଭାସ୍କର ରାଓଙ୍କ ସହ ଜିଲାର ବହୁ ବରିଷ୍ଠ ନେତା ଓ କର୍ମୀ ମଙ୍ଗଳବାର ବିଧିବଦ୍ଧ ଭାବେ ଦଳର ପ୍ରାଥମିକ ସଦସ୍ୟ ଛାଡ଼ିବା ସାଙ୍ଗକୁ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଏଭଳିକି ୪ ତାରିଖରେ କାର୍ଯ୍ୟକାରୀ ସଭାପତି ପଦ ପାଇଥିବା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ୩ ଜିଲା ପରିଷଦ ସଭ୍ୟ, ୩ବ୍ଲକ ଅଧ୍ୟକ୍ଷଙ୍କ ସମେତ କେସିସି ବ୍ୟାଙ୍କ ନିର୍ଦ୍ଦେଶକ, ଆର୍‌ଏମ୍‌ସି ସଭାପତି, ଲ୍ୟାମ୍ପସ ସଭାପତି ଓ ଅନ୍ୟମାନେ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ରାଇସିଂ ବିଡ଼ିକା, ଭି.ଗୌରୀ ଜୟନ୍ତୀ, ଟୁନି ହୁଇକା, ହରପ୍ରସାଦ ହେପୃକା, କଣ୍ଡ ମାଝି, ସନ୍ଧ୍ୟାରାଣୀ ପୁଲାକା, ପ୍ରଶାନ୍ତ କୁଲେସିକା, ମଣିମାଳା ଶବର, ପତି କ୍ରାସ୍କା, ତିରୁପତି ବାନାଗାଡ଼ି, ବିନାୟକ କର, ଅମିୟ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇ, ଚନ୍ଦ୍ରକାନ୍ତ ସାମଲ, ଅମିତ ନାୟକ, ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ପ୍ରାୟ ୪୦ଜଣ ବିଜେଡିର ବିଭିନ୍ନ ପଦବୀରୁ ଇସ୍ତଫା ଦେବା ସହ ବହୁ ସଂଖ୍ୟାରେ କର୍ମୀ ଦଳର ପ୍ରାଥମିକ ସଦସ୍ୟତା ଛାଡ଼ିଛନ୍ତି।

ଏହି ଅବସରରେ ଖବରଦାତା ସମ୍ମିଳନୀରେ ଭାସ୍କର କହିଛନ୍ତି, ୧୯୭୪ ମସିହାରୁ ବିଜୁ ପଟ୍ଟନାୟକଙ୍କ ଆବାହନରେ ଜନତା ଦଳରେ ଯୋଗଦେଇ ରାଜନୀତି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାରମ୍ଭରୁ ବିଜେଡିରେ ରହି କଂଗ୍ରେସର ଅଭେଦ୍ୟ ଗଡ଼ ଅବିଭକ୍ତ କୋରାପୁଟ ଜିଲାରେ ବିଜେଡିକୁ ସଶକ୍ତ କରିଥିଲେ। ରାଜ୍ୟ ସଭା ସଦସ୍ୟ ସହ ଦଳୀୟ ପଦବୀରେ ରହି ନିଷ୍ଠାର ସହିତ ଦଳ ପାଇଁ କାମକରି ନିଜର ଦୁଇ ଭାଇଙ୍କୁ ହରାଇବା ସମେତ ବହୁ କିଛି ହରାଇଛନ୍ତି। ଗତ କିଛି ବର୍ଷ ହେବ ରାଜ୍ୟସ୍ତରୀୟ ନେତାମାନେ ଭାସ୍କର, ପୂର୍ବତନ ମନ୍ତ୍ରୀ ହିମିରିକାଙ୍କ ସମେତ ଜିଲାର ବହୁ ବରିଷ୍ଠ ନେତାଙ୍କୁ ଦଳରେ ଅଣଦେଖା କରିବା ଅତି ଦୁଃଖଦ ବୋଲି ଭାସ୍କର କହିଛନ୍ତି। ତେବେ ସେ ଦଳରୁ ଦୂରେଇଯାଇଥିଲେ ମଧ୍ୟ ଜିଲାବାସୀଙ୍କ ସେବା କରିବା ଛାଡ଼ିବେନାହିଁ ଏବଂ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ କାର୍ଯ୍ୟ କରିଚାଲିବେ ବୋଲି କହିଛନ୍ତି। ଏହି ଅବସରରେ ଜିଲାରେ ସମାଜସେବା କରିବା ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ନାମରେ ଏକ ସଂଗଠନର ଶୁଭାରମ୍ଭ କରିଛନ୍ତି ଭାସ୍କର ଏବଂ ତାଙ୍କ ଟିମ୍। ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ କେଉଁ ଦଳକୁ ସମର୍ଥନ କରିବେ ବୋଲି ପଚାରିବାରୁ ଉତ୍ତମ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି କହିଥିଲେ। ତେବେ ଯଦି ବିଜେଡି ପୁଣି ଥରେ ଦଳକୁ ଫେରିବାକୁ କୁହେ, କ'ଣ କରିବେ ବୋଲି ପଚାରିବାରୁ ଜିଲାର ନେତା ଓ କର୍ମୀଙ୍କ ନିଷ୍ପତ୍ତି ଆଧାରରେ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେଣୁ ସେମାନଙ୍କୁ କେବେବି ଅପମାନ ହେବାକୁ ଦେବେ ନାହିଁ ବୋଲି କହିଛନ୍ତି। ହେଲେ ଭାଜପା ଓ କଂଗ୍ରେସର ହାତ ମଧ୍ୟ ଧରିବେ ନାହିଁ ବୋଲି ଭାସ୍କର ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଥାଉକି, ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଜିଲା ବିଜେଡିରେ ଗୋଷ୍ଠୀ ବିବାଦ ଉଗ୍ର ରୂପ ନେଇଥିଲା। ଏହି ଗୋଷ୍ଠୀ ବିବାଦ କାରଣରୁ ୨୦୧୯ରେ ରାୟଗଡ଼ା ନିର୍ବାଚନମଣ୍ଡଳୀ ସମେତ କୋରାପୁଟ ଲୋକ ସଭା ଆସନ ମଧ୍ୟ ବିଜେଡି ହାତରୁ ଚାଲିଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ କୋରାପୁଟ ଲୋକ ସଭା ସମେତ ଜିଲାର ୩ଟି ବିଧାନସଭା ଆସନ ବିଜେଡି ହାତରୁ ଚାଲିଯାଇଥିଲା।

## ଆତ୍ମହତ୍ୟାର ଆଖ୍ୟାନ ପରିବର୍ତ୍ତନକୁ ଗୁରୁତ୍ୱ

### ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ



ପ୍ରତିବର୍ଷ ସମଗ୍ର ପୃଥିବୀରେ ପ୍ରାୟ ୭,୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ 'ଆତ୍ମହତ୍ୟା'ରେ ହିଁ ଯାଉଥାଏ। ପ୍ରତ୍ୟେକ ଜୀବନ ହରାଇବାର ସାମାଜିକ, ଭାବପ୍ରବଣ ଏବଂ ଆର୍ଥିକ ପରିଣାମ ରହିଛି; ଯାହା ପରିବାର, ବନ୍ଧୁ, କର୍ମକ୍ଷେତ୍ର ଏବଂ ସମଗ୍ର ସମ୍ପ୍ରଦାୟକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ତେବେ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ୨୦୦୩ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ଦ୍ୱାରା ଆରମ୍ଭ ହୋଇଥିଲା 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ'। ସେବେଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ପାଳିତ ହୋଇଆସୁଛି ଏହି ଦିବସ। ଏହି ଦିବସ ଲାଗି ରହିଥିବା ତ୍ରିବାର୍ଷିକ (୨୦୨୪-୨୦୨୬) ବିଷୟବସ୍ତୁରେ ଆତ୍ମହତ୍ୟାର ଆଖ୍ୟାନ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଇଛି। ଏହି ବିଷୟବସ୍ତୁ ଆମ ସମସ୍ତଙ୍କୁ କ୍ଷତିକାରକ ମିଥ୍ୟାକୁ ଚ୍ୟାଲେଞ୍ଜ କରିବା, ଅପମାନ ହ୍ରାସ କରିବା ଏବଂ ଆତ୍ମହତ୍ୟା ବିଷୟରେ ଖୋଲା, କରୁଣାପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବା ଲାଗି ଆହ୍ୱାନ କରେ। ଏହା ନୀରବତା ଏବଂ ଭୁଲ ବୁଝାମଣାରୁ ଖୋଲା, ସହାନୁଭୂତିପୂର୍ଣ୍ଣ ସମର୍ଥନ ଆଡ଼କୁ ପରିବର୍ତ୍ତନ କରିବା ବିଷୟରେ ସୂଚିତ କରେ। ଅର୍ଥାତ୍ ଏଭଳି ପରିବେଶ ସୃଷ୍ଟି କରିବା ଆବଶ୍ୟକ, ଯେଉଁଠାରେ ଲୋକମାନେ ଖୋଲାମନରେ କଥା ହେବାକୁ ଏବଂ ସାହାଯ୍ୟ ପାଇବାକୁ ସକ୍ଷମ ଅନୁଭବ କରନ୍ତି।

ଆତ୍ମହତ୍ୟା ପରିବର୍ତ୍ତନ କରିବା ଏବଂ ମଧ୍ୟ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିବା। ଏହା ସାର୍ବଜନୀନ ନୀତିରେ ଆତ୍ମହତ୍ୟା ନିବାରଣ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରେ। ସରକାର ଏବଂ ଅନୁଷ୍ଠାନଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରେ। ଏଥିରେ ପ୍ରମାଣ-ଆଧାରିତ ରଣନୀତି ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା, ଗୁଣାତ୍ମକ ଯତ୍ନ ପାଇଁ ପହଞ୍ଚିବା ଏବଂ ସଙ୍କଟରେ ଥିବା ଲୋକମାନଙ୍କୁ ଆବଶ୍ୟକ ସମର୍ଥନ ଦେବା ଆଦି ଅନ୍ତର୍ଭୁକ୍ତ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. CMSSBPLP252701B

କାର୍ଯ୍ୟର ବିବରଣୀ : "ଚୁକ୍ତି ଆରମ୍ଭ ହେବା ତାରିଖ ଠାରୁ 02 (ଦୁଇ) ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ନିମନ୍ତେ ଦୈନନ୍ଦିନ ସ୍ଥାନୀୟ କ୍ରୟ ବଦଳରେ (କ) ଔଷଧ, (ଖ) ସର୍ଜିକାଲ୍ ଆଇଟମ୍ ଓ (ଗ) ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଦର ଚୁକ୍ତି (Rate Contract)। ବିଡରମାନଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରୁପ୍ ନିମନ୍ତେ ପୃଥକ ଭାବରେ ପ୍ରତିଶତରେ କିମ୍ବା 01 ଟଙ୍କା ଉପରେ ରିହାତି (Discount) ଦର କୋଟ୍ (Quote) କରିବା ଆବଶ୍ୟକ।"

ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ (ପ୍ରତି ବର୍ଷ) : ₹ 9,60,000/-, EMD : ₹ 19,200/-, ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02 (ଦୁଇ) ବର୍ଷ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 23.09.2025 (ସୋମବାର) 1500 ଘଣ୍ଟିକାରେ

ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି।

ୱେବ୍‌ସାଇଟ୍ : www.ireps.gov.in

ମୁଖ୍ୟ ଚିକିତ୍ସା ଅଧିକ୍ଷକ / ଷ୍ଟୋର / ସମ୍ବଲପୁର

PR-573/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ/ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡରଗୁଡ଼ିକ ତା୨୯।୦୯।୨୦୨୫ରିଖ ୧୫.୩୦ ଘଣ୍ଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୬୫୯-ମ୍ୟାନିଂ-ଡିପୋ, ତାରିଖ: ୦୮।୦୯।୨୦୨୫ । କାର୍ଯ୍ୟର ନାମ: ଦୁଇବର୍ଷ ପାଇଁ ଚକ୍ରଧରପୁର ମଣ୍ଡଳର ଟାୱାର ୱାଗନ/କାରଗୁଡ଼ିକର ମ୍ୟାନିଂ ସମେତ ବିଭିନ୍ନ ଓଏଚ୍‌ଇ/ପିଏସ୍‌ଆଇ ଡିପୋ (୧୭ଟି)ଗୁଡ଼ିକର ନନ୍-କୋର୍ ଟ୍ରାକ୍ସନ୍ ଆସେଟ୍‌ଗୁଡ଼ିକର ମ୍ୟାନିଂ/ଦେଖାରଖା । ଟେଣ୍ଡର ମୂଲ୍ୟ: ₹୨,୫୭,୫୩,୦୦୩.୬୮ । ଅମାନତ ଜମା ରାଶି: ₹୨,୭୮,୮୦୦। ସମାପ୍ତି ଅବଧି: ୨୪ ମାସ । କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୫୫୬-ଅପରେସନ୍-ଟିଏସ୍‌ଏସ୍, ତାରିଖ: ୦୮।୦୯।୨୦୨୫ । କାର୍ଯ୍ୟର ନାମ: ଦୁଇବର୍ଷ ପାଇଁ ଚକ୍ରଧରପୁର ମଣ୍ଡଳର ମଣିକୁଇ, କେନ୍ଦପୋଷି, ବଡ଼ ଜାମଦା, ବାଂଶପାଣି, ଗୋଇଲକେରା, ଚକ୍ରଧରପୁର, ସାଲଗା ଝରି, ରାକଖରସୁଆଁ, ଭାଲୁଲତା, ବାମରା, ରାଜଗାଙ୍ଗପୁର, ଚାନ୍ଦିପୋଷି, ନୂଆଗାଁ, ଚାଇବାସା, କେଚୋବାହାଲ, ଆର୍‌ଏସ୍‌ପି (ରାଉରକେଲା), ଗରପୋଷ, ଧୁତ୍ରା, ମନୋହରପୁର, ରାଇରଙ୍ଗପୁର ଓ ବିମଳାଗଡ଼ସ୍ଥିତ ରେଳବାଇ ମାଲିକାନାଧୀନ ଟ୍ରାକ୍ସନ୍ ସବ୍ ଷ୍ଟେଶନ (୨୧ ଗୋଟି)ର କାର୍ଯ୍ୟଗୁଡ଼ିକ ପାଇଁ ମ୍ୟାନିଂ/ଆଉଟ୍‌ସୋର୍ସିଂ । ଟେଣ୍ଡର ମୂଲ୍ୟ: ₹୪,୧୨,୮୯,୬୮୫.୯୨ । ଅମାନତ ଜମା ରାଶି: ₹୩,୫୬,୫୦୦। ସମାପ୍ତି ଅବଧି: ୨୪ ମାସ। କ୍ର.ସଂ.-୩ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୬୭୫-ପିଏସ୍‌ଜେ-ୟାର୍ଡ, ତାରିଖ: ୦୮।୦୯।୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳରେ ପାଟସାହି ୟାର୍ଡଠାରେ ସମ୍ବନ୍ଧିତ ପରିବର୍ତ୍ତନ ସହିତ ଅତିରିକ୍ତ ଲୋଡିଂ/ଅନ୍‌ଲୋଡିଂ ଲାଇନ୍‌ର ନିର୍ମାଣ ସଂକ୍ରାନ୍ତରେ ଓଏଚ୍‌ଇ/ପିଏସ୍‌ଆଇ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨,୨୪,୧୦,୮୯୯.୪୮ । ଅମାନତ ଜମା ରାଶି: ₹୨,୬୨,୧୦୦। ସମାପ୍ତି ଅବଧି: ୧୨ ମାସ । ଇ-ଟେଣ୍ଡର ଖୋଲାଯିବା ସ୍ଥାନ: ବରିଷ୍ଠ ଡିଇଇ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ (୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୯।୦୯।୨୦୨୫ରିଖ ୧୫.୦୦ ଘଣ୍ଟିକା (୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୨୯।୦୯।୨୦୨୫ରିଖ ୧୫.୩୦ ଘଣ୍ଟିକା (୧ରୁ ୩ ପାଇଁ ପ୍ରତ୍ୟେକ) । ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-606)


# ଭାସ୍କର, ହିମିରିକାଙ୍କ ଇସ୍ତଫା ଦଳ ଉପରେ କିଛି ପ୍ରଭାବ ପକାଇବ ନାହିଁ: ବିଜେଡି

ଭୁବନେଶ୍ୱର, ୯।୯(ସୁନିତ୍ ମିଶ୍ର)

ଦକ୍ଷିଣ ଓଡ଼ିଶାର ବରିଷ୍ଠ ନେତା ଏନ୍.ଭାସ୍କର ରାଓ, ଲାଲ୍ ବିହାରୀ ହିମିରିକା ମଙ୍ଗଳବାର ବିଜେଡି ଛାଡ଼ିଛନ୍ତି। ଏଥି ସହ ଏକ ନୂଆ ଆଞ୍ଚଳିକ ଦଳ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଛନ୍ତି। ଏହି ଅବସରରେ ସେ ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ବିଜେଡି ଉପରେ ପ୍ରବଳ ବର୍ଷିଛନ୍ତି। ଅନ୍ୟପଟେ ଭାସ୍କର ରାଓଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଏନ୍. ଭାସ୍କର ରାଓ, ଲାଲ ବିହାରୀ ହିମିରିକା ଓ ରାୟଗଡ଼ା ଜିଲାର ବିଜେଡିର କିଛି କର୍ମକର୍ତ୍ତା ଇସ୍ତଫା ଦେଇଥିବା ବେଳେ ଏହା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଦଳର ସଙ୍ଗଠନ ରାଜ୍ୟରେ ସୁଦୃଢ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ଲେନିନ୍ କହିଛନ୍ତି।

# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୯।୯(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ୪ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ବରଗଡ଼(ପଦ୍ମପୁର) ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।

ସେହିପରି ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଦୁଃଖବନ୍ଧୁ ନାୟକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ରୂପେ ବଦଳି କରାଯାଇଥିବାବେଳେ ବିଡିଏ ଉପାୟୁକ୍ତ ପରେଶ କୁମାର ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଏବଂ ଯୁଧିଷ୍ଠିର ମେହେରଙ୍କୁ କେନ୍ଦୁଝର(ଆନନ୍ଦପୁର) ଅତିରିକ୍ତ ଉପଜିଲାପାଳ ଭାବେ ବଦଳି କରାଯାଇଛି। ସମ୍ପୃକ୍ତ ଅଧିକାରୀମାନଙ୍କୁ ଚଳିତମାସ ୧୦ ତାରିଖ ସୁଦ୍ଧା ନୂତନ ବଦଳି ସ୍ଥାନରେ ଯୋଗଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


## GOVERNMENT OF CHHATTISGARH, WATER RESOURCES DEPARTMENT
## OFFICE OF THE EXECUTIVE ENGINEER, WATER RESOURCES DIVISION, JASHPUR (C.G.)
### CORRIGENDUM No. 1

IN NIT No.: 02/SAC/2025-26, Dated: 25.08.2025, System Tender No. 174034 (1st Call), whose G-Number 252603083 following amendments are made-

| S. No. | Particulars | Previous Published | | Amendment As | |
|---|---|---|---|---|---|
| | | Clubbed Quantity | Clubbed Rate | Clubbed Quantity | Clubbed Rate |
| 1 | Item Rate Tender Form - B (Envelope - 'C') Annexure - I Schedule of Quantities (i) S. No. 03 in Column 3 & 4 | 8719.85 | 2711.28 | 5442.27 | 4344.14 |
| 2 | Item Rate Tender, Form - B (Envelope - 'C') Annexure - I Physical Turnover S. No. 2 All type of Concrete in Structures other than lining | 10394.71 / 11/12 × 0.50 = **5669.84** (Say 5670.00 Cum) | | 7117.13 / 11/12 × 0.50 = **3882.07** (Say 3882.00 Cum) | |
| 3 | Online tenders are invited upto 22.09.2025, 17.30 Hours | | | | |
| 4 | Bid open date and time 23.09.2025 at 11.30 hours | | | | |

All other terms and conditions of NIT will remain unchanged.

Sd./- Executive Engineer
Water Resources Division, Jashpur (C.G.)
For, Chief Engineer, Hasdeo Ganga Basin, Ambikapur (C.G.)

G-252603330/1

## GOVERNMENT OF ODISHA No. B-489
## "e" - PROCUREMENT NOTICE
## WORKS DEPARTMENT

Bid Identification No. CCEKC - 10/2025-26
e-mail: ccekeonjharpwdcircle@gmail.com/sekcpwd_keonjhar@yahoo.com

Letter No. 4352 Dt.02.09.2025

1. No. of the Work : 2 Number of Road Works
2. Estimated Cost : Rs.105.37 Lakhs to Rs.451.72 Lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months to 06 (Six) Calendar Months
5. Date and time of availability of Bid document in the portal : From 11.00 hours of 11.09.2025 to 16.00 hours of 25.09.2025
6. Last date/time for receipt of bids in the portal : 16.00 hours of 25.09.2025
7. Date of opening of Bid from portal : 11.30 hours on 26.09.2025
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonhar - 758001

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0090/2526

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada

"e" Procurement Notice for Weir on Bridge Work

No. O-722
Identification No. Online Tender - Weir on Bridge N.C.B. No. 391 for 2025-26

Letter No. 3489 Date: 04.09.25

1. Name of the Work : Construction of Weir adjacent to H.L. Bridge over Local Nallah at 2nd Km on Gundliguda to Bhandan Road in the district of Mayrbhanj
2. Total No. of Work : 01 No. (One)
3. Estimated Cost : Rs.118.19 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge Online N.C.B. No. 391 | Dt.11.09.2025 at 11.00 A.M. | Dt.25.09.2025 upto 5.00 P.M. | Dt.24.09.2025 upto 5.00 P.M. | Dt.26.09.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0055/2526 Sd./- Er. A.K. Naik, Chief Construction Engineer, R.W. Circle, Baripada

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## CENTRAL RURAL WORKS CIRCLE, BHUBANESWAR

Unit - IX (Near Boys High School), P.O.: Bhoinagar, BBSR, Email: se_ccrw@yahoo.co.in, Phone No.: 0674-2540742 (O)

No. 3993 Dtd.06.09.25

**1st Corrigendum to Bid Identification No. Tender Online - C.C. 15 of 2025 Dated: 01.08.2025 invited vide this office Lr. No. 3615 Dated: 01.08.2025**

No. O-737: The date of availability of tender, date of opening of Technical Bid and Financial Bid invited vide this office NIT No. Tender Online-C.C. 15 of 2025 Dated: 01.08.2025 issued vide this office Lr. No. 3615 Dated: 01.08.2025 is hereby reschedule as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for Bidding | Date & Time of Opening of Tender | |
|---|---|---|---|---|
| | | Upto | Technical Bid | Financial Bid |
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C. 15 of 2025 | 26.09.2025 at 5.00 P.M. | 03.10.2025 at 11.00 A.M. | To be intimated later |

All other conditions remain unaltered.

Sd./- Chief Construction Engineer
Central Rural Works Circle, Bhubaneswar

OIPR-25082/11/0006/2526

## GOVERNMENT OF ODISHA No. B-492
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

Mail ID: sepwdsbp@rediffmail.com

### e-Procurement

BID IDENTIFICATION No. CCENC (R AND B)/09/2025-26

No. 3177 Dtd.02.09.2025

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road Works as detailed in the DTCN from the eligible class of contractors.
2. No. of Works : 10 (Ten) (Road Work)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special" Class
5. Date & time of available in website & receipt of Bids : From 11.09.2025 to 17.00 hours of 26.09.2025
6. Date of opening of technical Bid : 03.10.2025 at 11.00 hours
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur

OIPR-34035/11/0039/2526

## Government of Odisha, e-Procurement Notice
## Invitation for Bids (IFB)

Bid Identification No. C.C.E. Dkl. (R&B) 07/2025-26
Email Id: sedklpwd@gmail.com

Letter No. 1920 Dt.04.09.2025

No. B-496: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road & building works as detailed below:

1. Name of the work : Road & Building works
2. No. of Works : 08 (Eight) Nos
3. Estimated Cost : Rs.1.11 Crore to 7.51 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, 'A' Class & 'Special' Class (as given in Column No. 07 of Table)
6. Period of Completion of Work : 05 (Five) to 09 (Nine) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.11.09.2025 to 5.00 P.M. of Dt.25.09.2025
8. Date of Opening of Bid : Dt.26.09.2025 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement portal: www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0038/2526

No. W-44

ACCESS TO JUSTICE FOR ALL

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫
### ୧୩।୦୯।୨୦୨୫ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୩।୦୯।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com

OIPR-18008/11/0020/2526

No. CAD-1486

ODISHA

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: VISC(LEM)Proj-64/24-25/15152 ତାରିଖ: 11.08.2025

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ମୂର୍ତ୍ତି ନିର୍ମାଣରେ ପୋଡ଼ା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:**

Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।
ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf।

ସ୍ୱା./– ସଦସ୍ୟ ସଚିବ

OIPR-08012/11/0336/2526

## ଚୋରି ମାମଲାରେ ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ ମଙ୍ଗଳବାର ଏକ ଚୋରି ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ୧୦ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଆଉ ୬ ମାସ ଅଧିକ ଜେଲଦଣ୍ଡାଦେଶ ପାଇଁ ଏସ୍‌ଡିଜେଏମ୍ ବର୍ଷା ଦାସ ନିର୍ଦ୍ଦେଶ ଦେଇଛନ୍ତି। ଗତ ମେ ୨୫ ତାରିଖରେ ରାୟଗଡା ସହର ନ୍ୟୁ କଲୋନ ସ୍ଥିତ ୧୨ ନମ୍ବର ୱାର୍ଡ କାଉନସିଲର କେ.ୱାଣିଶ୍ରୀଙ୍କ ଘରୁ ତାଲା ଭାଙ୍ଗି ଚୋରି ହୋଇଥିବା ତାଙ୍କ ଭାଇ ଆଇ.ରମେଶ କୁମାର ରାୟଗଡ଼ା ଥାନାରେ ଏତଲା ଦେଇଥିଲେ । ତଦନ୍ତ ସମୟରେ ଏହି ଚୋରି ଘଟଣାରେ ସଂପୃକ୍ତ ଥିବା ୫ ଅଭିଯୁକ୍ତ ଅସ୍ରାଫୁଲ ଶେଖ,ମହମ୍ମଦ ରୋନୀ ଶେଖ, ମହମ୍ମଦ ଆଲାମିନ, ଶେଖ ବାବୁ ଓ ସମୀର ଶେଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ଦକ୍ଷତା ତାଲିମ ନେବାକୁ ମୃତ ଶିକ୍ଷକଙ୍କୁ ନିର୍ଦ୍ଦେଶ

ଗୁଡାରି,୯।୯ (ପ୍ରମୋଦ କୁମାର ପତି)

ଶିକ୍ଷା ବିଭାଗର ବିଚିତ୍ର ନୀତି ଦେଖିବାକୁ ମିଳିଛି ରାୟଗଡ଼ା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ। ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଦକ୍ଷତା ବୃଦ୍ଧି ତାଲିମ ନେବା ନିମନ୍ତେ ଜଣେ ମୃତ ଶିକ୍ଷକଙ୍କୁ ଆଦେଶପତ୍ର ପ୍ରଦାନ କରାଯାଇଛି। ମୃତ ଶିକ୍ଷକ ହେଲେ ରାୟଗଡ଼ା ଜିଲା ଗୁଡାରି ବ୍ଲକ୍‌ର ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ମନୋଜ ଗମାଙ୍ଗ। ମନୋଜ ଗତ ଅଗଷ୍ଟ ୧୪ ତାରିଖରେ ମୃତ୍ୟୁବରଣ କରିଛନ୍ତି।

ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଏକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାୟଗଡା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ତା ୮।୯।୨୦୨୫ରେ ଚିଠି ସଂଖ୍ୟା ୩୨୨୯ରେ ଆଦେଶ ଅନୁଯାୟୀ ଜିଲାର ମୋଟ ୨୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବୁଧବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ତାଲିମ ନେବେ ବୋଲି ଚିଠି କରାଯାଇଛି। ଏହି କ୍ରମରେ ଗୁଡାରି ବ୍ଲକ୍‌ର ବାଲିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ରାମକୃଷ୍ଣ ପାଣିଗ୍ରାହୀ ଏବଂ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ମନୋଜ ଗମାଙ୍ଗଙ୍କ ନାମରେ ଚିଠି ଜାରି ହୋଇଛି। କିନ୍ତୁ ମନୋଜ



ସମଗ୍ର ଶିକ୍ଷା
Samagra Shiksha

DISTRICT PROJECT OFFICE
Old Revenue Colony, Behind Govt. Hospital, RAYAGADA
email : dpcrayagadassa.opepa@nic.in

Letter No. [illegible]/2025 Date: [illegible]/2025

ORDER

In pursuance to the Orders of the State Project Director, OSEPA, Bhubaneswar in Letter No.9549/CW/25, dated 08.09.2025, the following Headmasters and Block Education Officer, Padmapur are hereby deputed to Bhubaneswar to attend the capacity building programme on the development of Climate Resilient Swachhata Action Plans (CR-SAP). The programme will be held at the Hotel Excellency, Bhubaneswar on 10th September, 2025.

| Sl. No. | Block | Name of the School | Name of the HM | Contact No. |
|---|---|---|---|---|
| 1 | BISSAMCUTTACK | GOVT SSD HIGH SCHOOL KAPAPADAR | Suresh Chandra Sahu | 9438260797 |
| 2 | BISSAMCUTTACK | GOVT. HIGH SCHOOL, BISSAM CUTTACK | HIMANTA DEEP | 7978048970 |
| 3 | BISSAMCUTTACK | SRCS HIGH SCHOOL, HATMUNIGUDA | KALPANA MOHAPATRO | 8249037909 |
| 4 | CHANDRAPUR | CHANDRAPUR GOVT. HIGHER SECONDARY SCHOOL | KESHAB BEHERA MANDAL | 9438316738 |
| 5 | CHANDRAPUR | GOVT. SSD HIGH SCHOOL CHANDRAPUR | BHASKAR GAMANGO | 9438206265 |
| 6 | GUDARI | BOLLIGUDA PROJECT U.P.SCHOOL | RAMAKRUSHNA PANIGRAHI | 9437037498 |
| 7 | GUDARI | GOVT. (SSD) GIRLS HIGHER SECONDARY SCHOOL, GUDARI | MANOJ GOMANGO | 6371992297 |
| 8 | GUNUPUR | GOVT BOYS HIGH SCHOOL, PUTTASING | Sri Manoj Kumar Padhi | 9439225956 |
| 9 | Gunupur Municipality | GOVT. HIGH SCHOOL, GUNUPUR | HIMANANDA BARIHA | 9556671558 |
| 10 | KALYANSINGPUR | GOVT (SSD) GIRLS HIGHER SECONDARY SCHOOL, SIRIPUR | RANJAN KUMAR DHAL | 9437844665 |
| 11 | KALYANSINGPUR | JAGANNATHPUR HIGH SCHOOL | KONIO PRASAD MUTUKA | 7077355789 |
| 12 | KALYANSINGPUR | UGHS FUJARIGUDA | NAGABHUSAN RAO | 9668120718 |
| 13 | KASIPUR | GOVT. HIGHER SECONDARY SCHOOL, TIKIRI | BAKULA RANI DASH | 7608936231 |
| 14 | KASIPUR | KASHIPUR GOVT HIGH SCHOOL | LOCHAN KHORA | 9777758666 9437406213 |
| 15 | KOLNARA | JAGADAMBA GOVT. HIGHER SECONDARY SCHOOL, KOLNORA | RAJENDRANATH MISHRA | 8917376898 |
| 16 | KOLNARA | KHEDAPADA SSD . HIGH SCHOOL | A ARUNA RANI | 7978981620 |
| 17 | MUNIGUDA | MUNIGUDA NODAL HIGH SCHOOL, MUNIGUDA | DUSMANTA KUMAR MAJHI | 7008719862 |
| 18 | PADMAPUR | B.N.HIGH SCHOOL, PADMAPUR | HRUSHIKESH RATH, HM and Block Education Officer, Padmapur | 7789977980 |
| 19 | PADMAPUR | GOVT HIGHSCHOOL UKITIPADAR | SANJUKTA GOMANGO | 9337826562 |
| 20 | RAMANAGUDA | GOVT. HIGHER SECONDARY SCHOOL, RAMNAGUDA | SRI GOURI PRASAD PANDA | 7008253661 |
| 21 | RAYAGADA | GOVT. M.S. PENTA | MANOJ KU. GOUDA | 9938382452 |
| 22 | RAYAGADA | GOVT. PROJECT UPPER PRIMARY SCHOOL B.N.PUR | MANGALI TADINGI | 9437459014 7853881615 |

ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠି।

### ଶିକ୍ଷା ବିଭାଗର ବିଚିତ୍ର ନୀତି

ଗମାଙ୍ଗ ଗତ ଅଗଷ୍ଟ ୧୪ ତାରିଖରେ ମୃତ୍ୟୁବରଣ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଖବର ବିଭାଗୀୟ ଅଧିକାରୀଙ୍କ ନିକଟରେ କିଭଳି ପହଞ୍ଚିନାହିଁ ତାହା ସମସ୍ତଙ୍କୁ ଚକିତ କରିଛି। ଏ ନେଇ ଜିଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ସେ କହିଛନ୍ତି, ଦକ୍ଷତା ତାଲିମ୍ ପାଇଁ ରାଜ୍ୟ ଶିକ୍ଷା ବିଭାଗକୁ ପୂର୍ବରୁ ଲିଷ୍ଟ ଦିଆଯାଇଥିଲା। ସେହି ଆଧାରଣରେ ଏଭଳି ଲିଷ୍ଟ ଆସିଛି। ଏଥିସହ ଉକ୍ତ ଲିଷ୍ଟରେ ଜିଲା ମଙ୍ଗଳ ବିଭାଗର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ନାଁ ମଧ୍ୟ ରହିଥିବା ସେ କହିଛନ୍ତି।

## ବିଜେଡିରୁ ବରିଷ୍ଠ ନେତାଙ୍କ ଇସ୍ତଫା ପରେ ବଢ଼ିଲା ଅନାସ୍ଥା ସମ୍ଭାବନା

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓଙ୍କ ସମେତ ବହୁ ନେତା ଓ କର୍ମୀ ବିଜେଡିରୁ ଇସ୍ତଫା ଦେବା ପରେ ବିଭିନ୍ନ ପଦ ପଦବୀ ପାଇଁ ଅନାସ୍ଥା ପ୍ରସ୍ତାବ ସମ୍ଭାବନା ଦେଖାଦେଇଛି। ବର୍ତ୍ତମାନ ଜିଲାରେ ରହିଥିବା ଜିଲା ପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୌର ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଏନ୍‌ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଉପରେ ଏକପ୍ରକାର ଅନାସ୍ଥା ପ୍ରସ୍ତାବ ଆସିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସମେତ ଜିଲାର ଆଗଧାଡ଼ିର ବରିଷ୍ଠ ନେତାଙ୍କୁ ଅଣଦେଖା ସେମାନଙ୍କ ସମର୍ଥକ ୱାର୍ଡ ମେମ୍ବର, ସମିତିସଭ୍ୟ ଓ କାଉନସିଲରଙ୍କ ମନରେ ଆଘାତ ଦେଇଛି । ଯାହାର ପରିଣାମ ସ୍ୱରୂପ ସେମାନେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ନେଇ ଚର୍ଚ୍ଚା ଚାଲିଛି। ଏ ନେଇ ଭାସ୍କର ରାଓଙ୍କୁ ପଚାରିବାରୁ ଯେଉଁମାନଙ୍କ ପାଇଁ ସେ ଆଜି ଜଣେ ଟାଣୁଆ ନେତାର ପରିଚୟ ପାଇଛନ୍ତି ସେମାନେ ଯଦି କୌଣସି ଅନାସ୍ଥା ପ୍ରସ୍ତାବ ଆଣନ୍ତି ତେବେ ସେମାନଙ୍କୁ ଯାହା ସହଯୋଗ ଲୋଡ଼ା ପଡ଼ିବ କରିବି ବୋଲି କହିଛନ୍ତି । ଅନ୍ୟପଟେ ବୁଧବାର ବିଜେଡି ଜିଲା ସଭାପତି ଜଗନ୍ନାଥ ସାରକା ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିବା ଜଣାପଡ଼ିଛି। ବିଜୁ ଜନତା ଦଳ ଓ ବିଜୁ ସ୍ୱାଭିମାନ ମଞ୍ଚ ସମର୍ଥକଙ୍କ ମଧ୍ୟରେ କେଉଁଭଳି ଟକ୍କର ହେଉଛି ଓ କିଏ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା।

## ଜିଲାରେ ଜଳକ୍ରାନ୍ତି ଅଭିଯାନର ଶୁଭାରମ୍ଭ

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭାରତୀୟ ଜନତା ପାର୍ଟି ତରଫରୁ ମଙ୍ଗଳବାର ଆରମ୍ଭ ହେଲା ଜଳକ୍ରାନ୍ତି ଅଭିଯାନ । ରାୟଗଡ଼ା ଜିଲା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରୁ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ସଭାପତି ଶିବଶଙ୍କର ଉଲାକାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ କୋଲନରା ବ୍ଲକ୍ ଗସ୍ତକରି ଲୋକଙ୍କ ପାଖରେ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ପହଞ୍ଚାଇବା ନେଇ ପ୍ରୟାସ ଆରମ୍ଭ କରିଛନ୍ତି । ଜଳକ୍ରାନ୍ତି ଅଭିଯାନ ୧୧ଟି ବ୍ଲକ୍‌ର ସମସ୍ତ ଗାଁକୁ ଯାଇ ଲୋକଙ୍କ ପାଖରେ ସରକାରଙ୍କ ଯୋଜନାଗୁଡ଼ିକ କିଭଳି ସହଜରେ ପାଇବେ ସେ ନେଇ ପ୍ରୟାସ ଆରମ୍ଭ ହୋଇଥିବା ଶିବ କହିଛନ୍ତି। ତୃଣମୂଳସ୍ତରରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଏହି ଅଭିଯାନ ଜିଲା ଭାଜପା ତରଫରୁ ଏକ ସଫଳ ଅଭିଯାନ ହେବ । ଏହାଛଡା ଲୋକେ କିଭଳି ସମସ୍ତ ସରକାରୀ ସୁବିଧା ପାଇବେ ସେ ନେଇ ଆମେ ସରକାରୀସ୍ତରରେ ସମସ୍ତ ସହଯୋଗ କରିବୁ ବୋଲି କହିଛନ୍ତି । ଏହି ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ଦେବାଶିଷ ପଣ୍ଡା, ଯୁବ ନେତା ଉମାଶଙ୍କର ପାଢ଼ୀ, ଶାନ୍ତନୁ ସୁବୁଦ୍ଧି, ରମାକାନ୍ତ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜଳକ୍ରାନ୍ତି ଅଭିଯାନରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମକର୍ତ୍ତା।

## ମିଟ୍ସରେ ଦୀକ୍ଷାରମ୍ଭ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ)ର ବସନ୍ତ ଅଡିଟୋରିୟମରେ ମଙ୍ଗଳବାର ବିବିଏ, ବିସିଏ, ଏମସିଏ , ଏସ୍‌ସି. ବାୟୋଟେକ୍ନୋଲୋଜି, ଏସ୍‌ସି ଫୁଡ୍ ଟେକ୍ନୋଲୋଜି, ଏବଂ ଏମ୍‌ଏସ୍‌ସି ବାୟୋଟେକ୍ନୋଲୋଜିର ନୂତନ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପାଇଁ ଦୀକ୍ଷାରମ୍ଭ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁନାବେଡା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍‌ର ଏଜିଏମ୍ ଅରବିନ୍ଦ ସ୍ୱାମୀ ଏବଂ ସମ୍ମାନିତ ଅତିଥି ଭାବେ ଜେକେ ପେପର ମିଲ୍ ଲିମିଟେଡ୍‌ର ସହାୟକ ନିର୍ଦ୍ଦେଶକ ସୁନୀଲ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମିଟ୍ସ ଅଧ୍ୟକ୍ଷ ବାଲକୃଷ୍ଣ ପଣ୍ଡା, ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ, ଡିନ ଡ. ଶାନ୍ତନୁ ମହାନ୍ତି ଏବଂ ପ୍ରିନ୍ସିପାଲ ପ୍ରଫେସର ରାମାନୁଜ ନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କ ସହିତ ଯୋଗ ଦେଇଥିଲେ। ଅତିଥି ଦ୍ୱୟ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ବିଜ୍ଞାନ, ପରିଚାଳନା, ବାୟୋଟେକ୍ନୋଲୋଜି ଏବଂ ଖାଦ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଶାଜନକ କ୍ୟାରିୟର ପଥ ଆଡକୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ମିଟ୍ସକୁ ବାଛିବା ପାଇଁ ଅଭିନନ୍ଦନ ଜଣାଇଥିଲେ। ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ, ଡିନ୍ ଡ. ଶାନ୍ତନୁ ମହାନ୍ତି ଏବଂ ପ୍ରିନ୍ସିପାଲ ପ୍ରଫେସର ରାମାନୁଜ ନାୟକ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଲେଜ କର୍ତ୍ତୃପକ୍ଷ।



### କାଣିଯୋଡ଼ି ନଦୀପଠାରେ କାଶତଣ୍ଡୀର ସମ୍ଭାର

ବିଷମକଟକ,୯।୯ (ପ୍ରସନ୍ନ କୁମାର ପଣ୍ଡା)

ଶରତର ଆଗମନର ବାର୍ତ୍ତା ନେଇ ଧରାପୃଷ୍ଠରେ ପସରା ମେଲାଇଥାଆନ୍ତି କାଶତଣ୍ଡୀ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡା ପଞ୍ଚାୟତର କାଣିଯୋଡ଼ି ନଦୀପଠାରେ ଶୁଭ୍ର ରେଶମୀ କାଶତଣ୍ଡୀ ସତେ ଯେପରି ଧରଣୀରାଣୀ ଶୁଭ୍ର ବସ୍ତ୍ର ପରିଧାନ କରିଥିବା ମନେହୁଏ। ଆଦ୍ୟାଶକ୍ତି ମା' ଦୁର୍ଗାଙ୍କୁ ସ୍ୱାଗତ କରିଥାଏ। କାଶତଣ୍ଡୀ ଆଗକୁ ଆସୁଥିବା ଦଶହରା ଆଗରୁ ସୂଚନା ଦେଇଥାଏ ବୋଲି ଶିକ୍ଷକ ବାଲକୃଷ୍ଣ ରାଜୁ କହିଛନ୍ତି।

## ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସ୍ମାରକପତ୍ର

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

୬ଦଫା ଦାବି ନେଇ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ରାୟଗଡା ଶାଖା ତରଫରୁ ଜିଲାପାଳଙ୍କ ଜରିଆରେ ସହକାରୀ ଜିଲାପାଳଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଏବଂ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୨୦୧୯ର କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା ମଜୁରୀ ଲାଗୁ କରାଯାଉ, ହରିଆଣା ଆଉଟ ସୋର୍ସିଂ ମଡ଼େଲ ଲାଗୁ କରାଯାଉ, ଇଣ୍ଟରଜୋନ ବଦଳି ବ୍ୟବସ୍ଥା କରାଯାଉ, ୨୦୨୩ ମସିହା ବିଦ୍ୟୁତ୍ ବିଲକୁ ସମୀକ୍ଷା କରି ଘରୋଇକରଣ ବଦଳରେ ଉତ୍ପାଦନ, ପରିବହନ ଓ ବିତରଣକୁ ସରକାରୀକରଣ କରାଯାଉ, ଚାକିରୀରେ ଯୋଗଦାନ କରିଥିବା କର୍ମଚାରୀଙ୍କ ପାଇଁ ଇପିଏଫ୍ ବଦଳରେ ଏନ୍‌ପିଏସ/ ୟୁପିଏସ ବ୍ୟବସ୍ଥା ଲାଗୁ କରାଯାଉ, ଏକକ ଗ୍ରୀଡ ଏକକ ଚାକିରି ସର୍ତ୍ତାବଳୀ ଲାଗୁ କରାଯାଉ ବୋଲି ଉଲ୍ଲେଖ ରହିଛି। ଏହି ଦାବି ପୂରଣ ପାଇଁ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ସାଉଥ୍‌କୋର ସଂଯୋଜକ ଆନନ୍ଦ ରାଓଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ଭାରତୀୟ ମଜଦୁର ସଂଘର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଅଖିଳ ଭାରତୀୟ ନିର୍ମାଣ ମଜଦୁର ମହାସଂଘର ବିଧି ପ୍ରମୁଖ ଅରୁଣ କୁମାର ଲେଙ୍କା, ଜିଲା ସମ୍ପାଦକ ଗଣେଶ ସାହୁ , ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସର୍କଲ ସଭାପତି ଆନନ୍ଦ ନେପାକ, ଜିଲା ଉପସଭାପତି ସୁରେନ୍ଦ୍ର ପ୍ରଧାନ, କୃଷି ଗ୍ରାମୀଣ ମଜଦୁର ସଂଘର ସୁନ୍ଦର ରାଓ କାଡ୍ରାକା, ସହ ସଂଯୋଜକ ରମେଶ ସାରକା, ନିଖିଳ ଓଡ଼ିଶା ମଜଦୁର ମହାସଂଘର ବିଶ୍ୱଜିତ୍ ଜେନା, ଆଶିଷ ବିଭୋର, ଯୋଗେଶ୍ୱର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଦାବି କରିଥିଲେ।





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ ମଜଦୁର ମହାସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମୋଲୋକଯୋବା-ନାରିଙ୍ଗତୋଲା ରାସ୍ତା ଶୋଚନୀୟ

କଲ୍ୟାଣସିଂହପୁର,୯।୯ (ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତର ମୋଲୋକଯୋବା ଛକଠାରୁ ନାରିଙ୍ଗତୋଲାକୁ ଯୋଗାଯୋଗ କରୁଥିବା ୩କିଲୋମିଟର ରାସ୍ତା



ଶୋଚନୀୟ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତା ମରାମତି ଅଭାବରୁ ବଡ଼ ବଡ଼ ଖାଲଖମାରେ ପୂର୍ଣ୍ଣ ହୋଇଥିବାବେଳେ ମେଟାଲ ବାହାରିପଡ଼ିଲାଣି। ଫଳରେ ଉକ୍ତ ରାସ୍ତାରେ ଯିବାଆସିବା କରିବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ଥିବାବେଳେ ବର୍ଷା ଯୋଗୁ ସେଥିରେ ପାଣି ଭରି ରହୁଛି। ଫଳରେ ଅନେକ ସମୟରେ ବାଇକ୍ ଚାଳକ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଏହି ରାସ୍ତା ଉପରେ ମୋଲୋକଯୋବା, ନାରିଙ୍ଗତୋଲା ସହ ପାର୍ସଲି ପଞ୍ଚାୟତରର ମେଲେନ୍ଦା, ତେନ୍ତୁଳିପଦର, ବୁଢୁଣି, ତାଡୁମୁଁଇ, ବେମ୍ବେରି ଓ ଚାଟିକଣା ଲୋକେ ପ୍ରତିଦିନ ନିର୍ଭର କରିଥାନ୍ତି। ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି । ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ରାସ୍ତା ମରାମତି ନ ହେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଗ୍ରାମବାସୀ ମୁଗୁରି ନାଣାକା, ନାଗେଶର ଭତ୍ରା, ନାଣାକା ଗୋପି, ନାଣାକା ଶ୍ରୀରାମ, ହରି ଭତ୍ରା, ଅନନ୍ତ ରାଓ ନାଣାକା ପ୍ରମୁଖ କହିଛନ୍ତି ।

## ମାଟ୍ରିକ୍ ପାସ୍‌କଲେ ୪୪ ମହିଳା, ବାଳିକା



ଅତିଥିଙ୍କ ସହ ମାଟ୍ରିକ ପାସ୍ କରିଥିବା ମହିଳା ଓ ବାଳିକା ।

### ଶିକ୍ଷାର ଅଗ୍ରଗତି ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରୟାସ

ବିଷମ କଟକ,୯।୯(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ଚାଲିଥିବା ସର୍ବଭାରତୀୟ ସ୍ତରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଥମ ଏଜୁକେସନ ଫାଉଣ୍ଡେଶନ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ ତରଫରୁ ଶିକ୍ଷାର ଅଗ୍ରଗତି ପାଇଁ ମାଟ୍ରିକରୁ ବଞ୍ଚିତ ଥିବା ମହିଳା ଓ ବାଳିକାଙ୍କୁ ଦଶମ ପାସ୍ କରିବାରେ ସାହାଯ୍ୟ କରୁଛି। ଏହି ସଂଗଠନ ରାୟଗଡା ଜିଲାରେ ୨୦୧୨ରୁ କାର୍ଯ୍ୟ କରି ଆସୁଛି । ଚଳିତ ବର୍ଷ ମଧ୍ୟ ସେକେଣ୍ଡ ଫେଜ୍‌ରେ ୭୯ ଜଣ ମହିଳା ଓ ବାଳିକା ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୪ ଜଣ ପାସ୍ କରିଛନ୍ତି । ବିଦ୍ୟାର୍ଥୀମାନେ ଭାଲିଆପଦର, ଭୈରଗଡ଼, କୁମୁଡାବାଲି, ଜଗଦଲପୁର, ବିର୍ଲି, ତେଲେଙ୍ଗାପଦର, ନିଆଳି କ୍ଲଷ୍ଟରରେ ପାଠ ପଢୁଥିଲେ। ଏହି ଅନୁଷ୍ଠାନର ଭାଷା ଶିକ୍ଷକ ବବି ସୂର୍ଯ୍ୟ, ସାମାଜିକ ଶିକ୍ଷୟିତ୍ରୀ ସୁବର୍ଣ୍ଣ କରକରିଆ, ଚିତ୍ରକଳା ଶିକ୍ଷକ ପୂର୍ଣ୍ଣ କାର୍ଜୀ ଏବଂ ଗୃହ ବିଜ୍ଞାନ ଶିକ୍ଷକ ହରିଶଚନ୍ଦ୍ର କରକରିଆ ପ୍ରମୁଖ ସେମାନଙ୍କୁ ଶିକ୍ଷାଦାନ କରୁଥିଲେ । ପରୀକ୍ଷାରେ ପାସ୍ କରିଥିବାରୁ ଅଭିଭାବକ ସଂଘ ଓ ବିଦ୍ୟାର୍ଥୀମାନେ ପ୍ରଥମ ଏଜୁକେସନର ରାଜ୍ୟ ସଂଯୋଜିକା ଶ ପୁଷ୍ପାଞ୍ଜଳି ପରିଡ଼ା, ରାଜ୍ୟ କୋଅର୍ଡିନେଟର ରାମପ୍ରସାଦ ମହାନ୍ତି ଏବଂ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ପଶାୟତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପାଠ ସହ ଖେଳ ପ୍ରତି ରୁଚି ରଖିବାକୁ ପରାମର୍ଶ

ଗୁଡ଼ାରି, ୯।୯ ( ପ୍ରମୋଦ କୁମାର ପତି)

ଗୁଡ଼ାରି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପମାଝୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସ୍ଥାନୀୟ ଭଣ୍ଡାରଘରଣୀ ମନ୍ଦିରରୁ ବିଦ୍ୟାଳୟର ଛାତ୍ରମାନେ କ୍ରୀଡା ମଶାଲ ଆଣିବା ପରେ ଛାତ୍ରୀଛାତ୍ର ଓ ଅତିଥିଙ୍କ ଗହଣରେ ଖେଳ ପଡ଼ିଆରେ ମଶାଲ ସ୍ଥାପନ କରାଯାଇଥିଲା। ମୁଖ୍ୟ ଅତିଥି ଥାନା ଅଧିକାରୀ ସ୍ୱାଇଁ କ୍ରୀଡା ପତାକା ଉତ୍ତୋଳନକରି ଅଭିଭାଷଣରେ କହିଥିଲେ, ପାଠ ଓ କ୍ରୀଡା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ତେଣୁ ପାଠ ପଢିବା ସହ ଖେଳ ପ୍ରତି ରୁଚି ରଖିବା ପାଇଁ ପରାମର୍ଶ ଦେଇଥିଲେ।



କ୍ରୀଡ଼ା ପତାକା ଉତ୍ତୋଳନ ବେଳେ ଉପସ୍ଥିତ ଅତିଥି ଓ ଶିକ୍ଷକ ଶିକ୍ଷୟିତ୍ରୀ।

### ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ

କ୍ରୀଡା ଉତ୍ସବରେ ବ୍ଲକ୍‌ର ମୋଟ ୨୨୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା କବାଡ଼ି, ଖୋଖୋ, ଭଲିବଲ, ଦୌଡ଼ ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ବ୍ୟାଡ୍‌ମିଣ୍ଟନ ଇତ୍ୟାଦି ପ୍ରତିଯୋଗିତାରେ ଭାଗନେଇଥିଲେ। କ୍ରୀଡ଼ା ଉତ୍ସବକୁ ସରକାରୀ ଉଚ୍ଚ ବିଦ୍ୟାଳୟର ନୋଡାଲ କ୍ରୀଡା ଶିକ୍ଷକ ରାଧାକାନ୍ତ ଗୁରୁ ପରିଚାଳନା କରିଥିଲେ। ଗିରିଧାରୀ ହାଇସ୍କୁଲ କ୍ରୀଡା ଶିକ୍ଷକ ସୁନୀଲ କୁମାର ପଟ୍ଟନାୟକ, ଅସଡା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶ୍ରୀନିବାସ ଶବର, ବାଇନା ଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଚକ୍ରଧର ପାଣ୍ଡେ, କଦମାରୁ ଏନ. ହରିକ୍ରିଷ୍ଣ, ଉତ୍କଳମଣି ଗୋପବନ୍ଧୁଦାସ ହାଇସ୍କୁଲ ଲୋକନାଥପୁରରୁ ଅନିଲ କୁମାର ପଣ୍ଡା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ହାଇସ୍କୁଲ ଭୁରୁଜୁରୁ ଧର୍ମେନ୍ଦ୍ର କଦମ୍ବାଲୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୁଷାରକାନ୍ତ ନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଗାଇଡ୍ ଶିକ୍ଷକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ବୁଧବାର କ୍ରୀଡ଼ା ଉତ୍ସବ ଉଦ୍‌ଯାପନ ହେବ ବୋଲି କ୍ରୀଡ଼ା ଶିକ୍ଷକ ସୂଚନା ଦେଇଛନ୍ତି।

## ଡ୍ରପ୍ ଆଉଟଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ସଚେତନତା

ଜେକେପୁର,୯।୯ (ରାଜେଶ ବିଶ୍ୱାଳ)

ରାୟଗଡ଼ା ବ୍ଲକ୍ କୁମୁଟିପେଣ୍ଠ ପଞ୍ଚାୟତର ଶ୍ରୀ ଉଗ୍ରତାରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରପ୍ ଆଉଟ୍ ଛାତ୍ରୀଛାତ୍ରଙ୍କୁ ପୁନଃ ସ୍କୁଲକୁ ଫେରାଇ ଆଣିବାକୁ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଶିକ୍ଷାକୁ ନେଇ ଆଗ୍ରହ ସୃଷ୍ଟି କରିବା ଓ ବିଦ୍ୟାଳୟକୁ ଆସୁ ନ ଥିବା ପିଲାମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ଏହି ଶୋଭାଯାତ୍ରା ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍.ବାଲାକ୍ରିଷ୍ଣା କହିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଗ୍ରାମ ବୁଲି ବୁଲି ପଢାରୁ ବଞ୍ଚିତ ଥିବା ପିଲାଙ୍କ ଘରକୁ ଯାଇ ଶିକ୍ଷା ସମ୍ବନ୍ଧିତ ସଚେତନତା କରାଇଥିଲେ। ସୂଚନାଯୋଗ୍ୟ, ବିଦ୍ୟାଳୟ ତରଫରୁ ଡ୍ରପ୍ ଆଉଟ୍ ପିଲାଙ୍କୁ ପୁଣିଥରେ ସ୍କୁଲକୁ ଫେରାଇ ଆଣିବାକୁ ପ୍ରୟାସ କରାଯାଉଛି। ଗତ ୨ ମାସ ମଧ୍ୟରେ ୩୦ ଜଣ ଛାତ୍ରୀଛାତ୍ର ଏମ୍‌ଆଇଓଏସ୍ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀରେ ନାମ ଲେଖାଇଛନ୍ତି।





କୁମୁଟିପେଣ୍ଠ ଅଞ୍ଚଳରେ ଶିକ୍ଷା ସଚେତନତା ରାଲି।

# କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନକଲେ ଅତିରିକ୍ତ ସଚିବ

ମାଲକାନଗିରି, ୯।୯(ଦୁର୍ଯ୍ୟୋଧନ ପାତ୍ର)

କୃଷି ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ମାଲକାନଗିରି ଜିଲାର କୃଷିଭିତ୍ତିକ କାର୍ଯ୍ୟକ୍ରମ ମଙ୍ଗଳବାର ପରିଦର୍ଶନ କରିଥିଲେ। ସେ କ୍ଷୁଦ୍ରଶସ୍ୟ ଚାଷ ପ୍ରଦର୍ଶନ କ୍ଷେତ୍ର ପରିଭ୍ରମଣ କରିବା ସହ ଏମ୍ଭି ୭ ଉଚ୍ଚ ବିଦ୍ୟାଳୟରେ ଶ୍ରୀ ଅନ୍ନ ଯୋଜନା, ଜିଲା କୃଷି ବିଭାଗ ତରଫରୁ ଆୟୋଜିତ ପାରମ୍ପାରିକ କ୍ଷୁଦ୍ର ଶସ୍ୟ ଯୁକ୍ତ ଖାଦ୍ୟମେଳା ପରିଭ୍ରମଣକରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହାର ଉପାଦେୟତା ଏବଂ ପୁଷ୍ଟି ଶସ୍ୟ ଗୁଣବତ୍ତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହାସହ କ୍ଷୁଦ୍ରଶସ୍ୟ ଓ ବୈଜ୍ଞାନିକ ପଦ୍ଧତିରେ ଉତ୍ପାଦନ ଏବଂ ବ୍ୟବସାୟର ସମ୍ପ୍ରସାରଣ ବିଷୟରେ ଅବଗତ କରାଇଥିଲେ। ଖାଦ୍ୟମେଳାରେ ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ଉଦ୍ୟାନ ଅଧିକାରୀ, ଶ୍ରୀ ଅନ୍ନ ଯୋଜନା ଜିଲା ସଂଯୋଜକ ଓ ଆଞ୍ଚଳିକ ସଂଯୋଜକ, ଜିଲା ମୁଖ୍ୟ ଯନ୍ତ୍ରୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ, ଅନ୍ୟାନ୍ୟ କୃଷି ଅଧିକାରୀଙ୍କ ସହିତ ଏମ୍.ଭି.ବିଦ୍ୟାଳୟ ଶିକ୍ଷକ ଏବଂ ଶତାଧିକ ଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଖାଦ୍ୟମେଳାରେ ଗୋପବନ୍ଧୁ ବିକାଶ ସଂସ୍ଥା ସହଯୋଗରେ ମା' ସନ୍ତୋଷୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନେ କ୍ଷୁଦ୍ର ଶସ୍ୟରେ ଅନେକ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଯେପରି ମାଣ୍ଡିଆ ମିଶ୍ରିତ ସୁପ୍, ଲଡ୍ଡୁ, ଆରିସା, କାକରା, ଗଜା, ଖିରି ଇତ୍ୟାଦି ପ୍ରସ୍ତୁତ କରିଥିଲେ। ଶେଷରେ ଅତିରିକ୍ତ ସଚିବ ମିଶ୍ର ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇଥିଲେ।


ଖାଦ୍ୟମେଳାରେ କୃଷି ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଓ ଅନ୍ୟମାନେ ।

# ୩୪୦ କେ.ଜି. ଗଞ୍ଜେଇ ଜବତ


ଜବତ ଗଞ୍ଜେଇ ।

ମାଲକାନଗିରି, ୯।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ଚିତ୍ରକୋଣ୍ଡା ବ୍ଲକ ପେପରମେଟଲା ଥାନା ଅନ୍ତର୍ଗତ ସାରକୁବଣ୍ଡା ଗ୍ରାମ ନିକଟ ଜଙ୍ଗଲରୁ ମଙ୍ଗଳବାର ୩୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଅବକାରୀ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ମାଦକଦ୍ରବ୍ୟ ବିରୋଧରେ ଦୀର୍ଘ ୧ମାସ ଧରି ଚାଲୁଥିବା ସ୍ପେଶିଆଲ ଡ୍ରାଇଭ୍ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମାଲକାନଗିରି ଅବକାରୀ ଅଧୀକ୍ଷକ ବିଦ୍ୟାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ କର୍ମଚାରୀ ପେପରମେଟଲା ଥାନା ସାରକୁବଣ୍ଡା ଗ୍ରାମ ନିକଟ ଜଙ୍ଗଲରୁ ୩୪୦ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହା ବାହାର ରାଜ୍ୟକୁ ଚାଲାଣ କରିବା ଲାଗି ଜଙ୍ଗଲରେ ଲୁଚାଇ ରଖାଯାଇଥିଲା। ଏ ସମ୍ପର୍କରେ ବାଲିମେଳା ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଚଢାଉରେ ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ଉପ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁକାର, ଦୀପକ କୁମାର ସାମଲ, ବ୍ରଜ ବିହାରୀ ନାୟକ, ଏଏସ୍ଆଇ ରାମଚନ୍ଦ୍ର ହନ୍ତାଳ, ପ୍ରଦୀପ କୁମାର ନାୟକ, କନଷ୍ଟେବଲ ବିପୁଲ ଶେଖର ଯୋଦ୍ଧାର, ପବିତ୍ର ଭତ୍ରା, ଗୋବିନ୍ଦ ବାଞ୍ଚାମୀ ଓ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ଏମ୍ଭି ୭୯,୯।୯(ଭିକି ବାରିକ)

ଏମ୍ଭି ୭୯ ସାବରୀ ମିନି ଷ୍ଟାଡିୟମରେ ଜୋନ୍‌ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨ଦିନ ବ୍ୟାପୀ ଚାଲିବ ବୋଲି ସୂଚନା ମିଳିଛି। ୧୪ରୁ ୧୭ ବର୍ଷ ବୟସର ବାଳିକାବାଳକମାନେ ଏଥିରେ ଭାଗ ନେଇଛନ୍ତି। ଏହାଦ୍ୱାରା ପିଲାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷାର ସଂଯୋଗ ସ୍ଥାପନ କରାଯାଉଛି। ପ୍ରତିଯୋଗିତାର ଆୟୋଜନ କରିଛନ୍ତି ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ। କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ହରିଚନ୍ଦନଙ୍କ ନେତୃତ୍ୱରେ ଏହା ସମ୍ପନ୍ନ ହେଉଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଚାଲୁ ରହିଛି। ବିଭୂତି ସେଠୀ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ନାରାୟଣ ସରକାର, ସିଆର୍‌ସିସି ଶ୍ରୀବାସ ରାୟ, ମୁଖ୍ୟ ଅତିଥି ଦୀପକ ଦୁତ, ଅତିଥି ଭାବେ କିଶୋର ଚନ୍ଦ୍ର ସାହୁ, ପ୍ରଶାନ୍ତ ତପଲୀ, ମାନସ ନାୟକ, ଉମେଶ ଚନ୍ଦ୍ର ଓଝା ଏବଂ ଭେଙ୍କଟେଶ୍ୱର ରାଓ ଯୋଗ ଦେଇଥିଲେ। ଏହା ସହିତ କବିତା ସରକାର, ପ୍ରଭାତ ମଣ୍ଡଳ, ଦୀପକ ମେହେର, ସରମିଳା ଡାଲି, ହିମାଂଶୁ ମଣ୍ଡଳ, ସତ୍ୟରଞ୍ଜନ ବାରିକ, ସମ୍ପଦ କୁମାର ଲେଙ୍କା, ସାଇ କୁମାର ଏମନ୍ଦି, ଆମିତା ପ୍ରଧାନ, ମନୋଲିସା ସାହୁ, ସୁନୀଲ ଦାସ ଏବଂ ବ୍ରିନ୍ଦା ମିଷ୍ଟ୍ରି ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାମାନେ ।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ ରଣାଙ୍କୁ ସମ୍ବର୍ଦ୍ଧିତ କଲେ ଗ୍ରାମବାସୀ


ଶିକ୍ଷକ ବସନ୍ତ ରଣାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

କୋରୁକୋଣ୍ଡା, ୯।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ସୋମନାଥପୁର ପଞ୍ଚାୟତ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ରାଷ୍ଟ୍ରପତି ପୁରସ୍କାର ଗୁରୁଦିବସରେ ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଗ୍ରହଣ କରିବା ପରେ ମଙ୍ଗଳବାର ନିଜ ସ୍କୁଲ ମାଟିକଣ୍ଡେଲ ଗ୍ରାମରେ ପହଞ୍ଚିଥିଲେ। ଏପରି ସଫଳତାରେ ଗ୍ରାମବାସୀ ଆନନ୍ଦିତ ହୋଇଥିଲେ। ଏଥିପାଇଁ ରଣାଙ୍କୁ ମହେଶ୍ୱରପୁର ଛକରୁ କଣ୍ଡେଲ ଗ୍ରାମ ପର୍ଯ୍ୟନ୍ତ ବାଜା, ବାଣ ଏବଂ ରୋଶଣି ମାଧ୍ୟମରେ ଆଦିବାସୀ ସଙ୍ଗୀତର ତାଳେ ତାଳେ ଢେମ୍‌ସା ନୃତ୍ୟକରି ସ୍ୱାଗତ ଜଣାଇ ବିଶାଳ ରାଲିରେ ନେଇଥିଲେ। କୁନି କୁନି ଛାତ୍ରୀଛାତ୍ର ମଧ୍ୟ ଆନନ୍ଦରେ ବିଭୋର ହୋଇ ନାଚି ନିଜର ଶିକ୍ଷକଙ୍କୁ ସ୍କୁଲକୁ ପାଛୋଟି ନେଇଥିବା ଦେଖିବାକୁ ମିଳିଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବ ସମୟରେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷାଧିକାରିଣୀ ସୁଶ୍ରୀ ଗାୟତ୍ରୀ ଦେବୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଢେମ୍‌ସା ନୃତ୍ୟରେ ସ୍ୱାଗତ**

# ଟୀର ମାଡ଼ରେ ଜଣେ ଗୁରୁତର

ମାଲକାନଗିରି, ୯।୯(ଦୁର୍ଯ୍ୟୋଧନ ପାତ୍ର)

ଟୀର ଦ୍ୱାରା ଆକ୍ରମଣରେ ଜଣେ ଗୁରୁତର ହୋଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହେବା ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାଲକାନଗିରି ଜିଲା ମାଥିଲି ବ୍ଲକ ନାୟକଗୁଡା ପଞ୍ଚାୟତ ପାଖନାଗୁଡା ଗ୍ରାମର ଲକ୍ଷ୍ମଣ ଗୌଡ ଗ୍ରାମ ରାସ୍ତାରେ ଯାଉଥିବା ବେଳେ ସେହି ଗ୍ରାମର ବିଶ୍ୱନାଥ ଗୌଡ ଏକ ଧନୁ ତୀରରେ ଲକ୍ଷ୍ମଣଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ପେଟରେ ତୀର ପଶି ଯାଇଥିବା ବେଳେ ସେ ଗୁରୁତର ହୋଇ ପଡିଥିଲେ। ପରିବାରବର୍ଗ ଓ ସ୍ଥାନୀୟ ଲୋକ ତାଙ୍କୁ ପ୍ରଥମେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ସେଠାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ବନ୍ଧରେ ଲକ୍ଷ୍ମଣଙ୍କ ଭାଇଙ୍କୁ ପଚାରିବାରୁ ବିଶ୍ୱନାଥ ଗୌଡ ମୋ ଭାଇଙ୍କୁ ଆକ୍ରମଣ କରିଛନ୍ତି। କିନ୍ତୁ କେଉଁ କାରଣରୁ ସେ ଆକ୍ରମଣ କରିଥିଲେ ସେ ସମ୍ପର୍କରେ ମୁଁ ଜାଣିନାହିଁ ବୋଲି ସେ କହିଛନ୍ତି। ଉକ୍ତ ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।


ଗୁରୁତର ହୋଇଥିବା ବ୍ୟକ୍ତି ।

# ଉତ୍କଳ ସାମ୍ବାଦିକ ସଂଘର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୯।୯
( ଗୌରୀ ଶଙ୍କର ପଣ୍ଡା)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ଜିଲା ସଭାପତି ଅଶୋକ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ଅସ୍ମି ଏଏଲ୍, ସମ୍ମାନିତ ଅତିଥି ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସଂଘ ସମ୍ପାଦକ ବି.ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଶିକ୍ଷକ ରଣାଙ୍କ ନିଆରା କାର୍ଯ୍ୟଶୈଳୀ ଓ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଭୂମିକାକୁ ପ୍ରଶଂସା କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଂଘ କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ଉପଦେଷ୍ଟା ରତ୍ନାକର ଦାସ, ପ୍ରଭାକର ସୁନା, ମନୋଜ ସାହା, ଦିଲୀପ ପଟ୍ଟନାୟକ, ରାହୁଲ ଗୋଲରି, ମାଣିକ ବାଚାର, ରାଜେଶ ବେପାରୀ, ମ୍ରିଣାଲ ମଣ୍ଡଲ, ପଙ୍କଜ ଖରା, ବାଦଲ ବିଶ୍ୱାଳ ଓ ବିଜନ ମଣ୍ଡଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଦିନ ଧରି ସଚେତନତା ବାର୍ତ୍ତା ବାଣ୍ଟିବ ରଥ

ନବରଙ୍ଗପୁର,୯।୯
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଜିଲା ଶ୍ରମ ଅଧିକାରୀ, ଅନ୍ୟ କର୍ମଚାରୀ ଓ ଟ୍ରେଡ୍ ୟୁନିୟନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଏହି ରଥଟି ଆସନ୍ତା ୧୦ ଦିନ ଧରି ସମସ୍ତ ବ୍ଲକ ଓ ପଞ୍ଚାୟତକୁ ଗଡିବା ସହ ପ୍ରବାସୀ ଶ୍ରମିକମାନଙ୍କୁ ନିରାପଦ ତଥା ଆଇନ ସମ୍ମତ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରିବା ସମ୍ବନ୍ଧରେ ସଚେତନତା ବାର୍ତ୍ତା ଦେବ। ଏହା ସହ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯିବ। ସେମାନେ ଯିବା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ ଓ ଜିଲା ଶ୍ରମ କାର୍ଯ୍ୟାଳୟରେ ତାଙ୍କର ନାମ, ଠିକଣା ଓ କେଉଁ ରାଜ୍ୟକୁ କେତେଦିନ ପାଇଁ ଯାଉଛନ୍ତି ଉଲ୍ଲେଖ କରିବେ। ଶ୍ରମ ଠିକାଦାର, ଏଜେଣ୍ଟଙ୍କ ସହାୟତାରେ ଯାଉଥିଲେ ସେମାନଙ୍କ ନାମ ଠିକଣା ଯୋଗାଯୋଗ ନମ୍ବର ଆଦି ଦାଖଲ କରିବେ। ଏଥିସହ ପଞ୍ଜୀକରଣ କରାଯିବା ସମ୍ବନ୍ଧରେ ସଚେତନତା ଜାଗୃତ କରିବ ଓ ଏହା ସମ୍ବନ୍ଧୀୟ ପ୍ରଚାର ପତ୍ର ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି।

# ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୯।୯(ପବନ ପାଣିଗ୍ରାହୀ)

ଜୟପୁର ଅବକାରୀ ଥାନା ପୋଲିସ ଝିଲିମିଲିଗୁଡ଼ା ରାସ୍ତାରେ ଚଢାଉ କରି ମଦ ନେଇ ଯାଉଥିବା ସୁନାଧର ଗାଦବାଙ୍କୁ ଗିରଫ କରିଛି। ତାଙ୍କଠାରୁ ୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ମୁଳାସର ଗ୍ରାମ ରାସ୍ତାରେ ଦେଶୀ ମଦ ନେଇ ଯାଉଥିବା ବାପି ହରିଜନଙ୍କୁ ଗିରଫ କରାଯାଇଛି। ତାଙ୍କ ପାଖରୁ ୭୦ ଲିଟର ଦେଶୀ ମଦ ଜବତ କରାଯାଇଛି। ବିଭାଗ ପକ୍ଷରୁ ମୁଳାସର ଜଙ୍ଗଲରେ ଚଢ଼ାଉ କରି ମଦ ଭାଟି ଭାଙ୍ଗିବା ସହ ୪ ହଜାର ୫ ଶହ ଲିଟର ପୋଚ ଓ ୨୫୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଥିବା ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋର ହିରନ ସୂଚନା ଦେଇଛନ୍ତି।

# ନନ୍ଦପୁରରେ ବଢ଼ୁଛି ଟ୍ରାଫିକ୍ ସମସ୍ୟା

**ପାର୍ବଣ ପୂର୍ବରୁ ସୁଧାରିବାକୁ ନିବେଦନ**

ନନ୍ଦପୁର, ୯।୯(ତୁଷାରକାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ସେମିଲିଗୁଡ଼ା-ହାଣ୍ଡିପୁଟ ସଂଯୋଗୀ ଏମ୍‌ଡିଆର୍ ୫୫ ରାସ୍ତା ହେଉ ବା ପୁରୁଣା ବ୍ଲକ କାର୍ଯ୍ୟାଳୟରୁ ମାଉସୀମା ମନ୍ଦିର ରାସ୍ତାର ଦୁଇ ପାର୍ଶ୍ୱର ବ୍ୟକ୍ତିଗତ ଗାଡ଼ି ପାର୍କିଂ କରି ରଖୁଛନ୍ତି। ବସ୍‌ଷ୍ଟାଣ୍ଡ ନ ଥିବାରୁ ମୁଖ୍ୟ ଛକରେ ଅଟୋ କମାଣ୍ଡର ଜିପ୍ ଆଦି ଗାଡ଼ି ଛିଡ଼ାହୋଇ ରହୁଛି। ଏହାଦ୍ୱାରା ବ୍ଲକ୍ ସଦର ମହକୁମାରେ ଦିନ ତମାମ ଟ୍ରାଫିକ୍ ଜାମ୍ ହୋଇ ରହୁଛି। ପ୍ରତ୍ୟେକ ଦିନ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀର ଗାଡ଼ି ମୁଖ୍ୟ ଛକ ଓ ହାଟପଦା ନିକଟ ଟ୍ରାଫିକ୍‌ରେ ଫସି ରହୁଥିବା ଦେଖିବାକୁ ମିଳୁଛି। ବ୍ୟକ୍ତିଗତ ଗାଡ଼ିଗୁଡ଼ିକ ରାସ୍ତା କଡ଼ରେ ଛିଡ଼ା ହୋଇ ରହିଥିବାରୁ ସଫେଇ କର୍ମଚାରୀ ରାସ୍ତାରୁ ଅଳିଆ ଆବର୍ଜନା ଉଠାଇ ପାରୁନାହାନ୍ତି। ଫଳରେ ପରିମଳ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ତେଣୁ ପ୍ରଶାସନ ନନ୍ଦପୁରରେ ପାର୍ବଣ ଭିଡ଼ ଜମିବା ଓ ପର୍ଯ୍ୟଟନ ଋତୁରେ ବହୁଳ ପର୍ଯ୍ୟଟକଙ୍କ ଆଗମନ ପୂର୍ବରୁ ବ୍ଲକ ସଦରରେ ଟ୍ରାଫିକ୍, ପରିମଳ ବ୍ୟବସ୍ଥାର ସୁଧାର କରିବାକୁ ଜନସାଧାରଣ ଅନୁରୋଧ କରିଛନ୍ତି।

# ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ

ଡାବୁଗାଁ,୯।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)


ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦି ସହଯୋଗୀ ଓ ଆଦି ସାଥୀ କିପରି ଚୟନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଆଦି ସହଯୋଗୀ ଓ ଆଦି ସାଥୀ ଚୟନ କରାଯିବା ପରେ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବା ନେଇ ବୈଠକରେ ସ୍ଥିର ହୋଇଛି। ଏଥିରେ ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ବିଡିଓ ଶରତ ମାଝି, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ଓଏଲ୍‌ଏମ୍ ବିପିଏମ୍ ଦୀପ୍ତିକିଶୋର ନାୟକ, ଆକାଂକ୍ଷା ବ୍ଲକ ସହଯୋଗୀ ମୋନାଲ ପରିଡ଼ା, ସିପି ପ୍ରବୀଣ ପଟ୍ଟନାୟକ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏସିଡିଓ ଏବଂ ଗ୍ରାମ ରୋଜଗାର ସେବିକାସେବକମାନେ ଉପସ୍ଥିତ ଥିଲେ।

# ଶୋଚନୀୟ ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି ଦାବି

ଜୟପୁର, ୯।୯(ପବନ ପାଣିଗ୍ରାହୀ)

ରାସ୍ତା ଓ ଗୃହ ବିଭାଗ ଅଧୀନରେ ଥିବା ଜୟପୁର ସହରର ବିଭିନ୍ନ ରାସ୍ତା ମରାମତି ଓ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟ ରଞ୍ଜନ ବେହେରାଙ୍କୁ ପବ୍ଲିକ ରାଇଟ୍ସ ଆସୋସିଏସନ କୋରାପୁଟ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଆସୋସିଏଶନର ଦେବେନ୍ଦ୍ର ବାହିନିପତିଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ସହରର ମୁଖ୍ୟ ରାସ୍ତା, ରାଜା ନହର ଛକଠାରୁ ମୁଖ୍ୟ ଟ୍ରାଫିକ ଛକ, ମହାତ୍ମା ଗାନ୍ଧୀ ରାସ୍ତା, ବାଇପାସ ରାସ୍ତା, ଖ୍ରୀଷ୍ଟିଆନପେଟା ଛକରୁ ପଞ୍ଚାନନ ମନ୍ଦିର ଛକ, ପାରାବେଡା ମୁଖ୍ୟ ରାସ୍ତା, ସହ ଜୟପୁର ସହରର ରାସ୍ତା ଗୁଡିକ ଅତି ଖରାପ ହୋଇ ପଡିଛି। ଯାହା ଫଳରେ ଜନ ସାଧାରଣଙ୍କ ଯାତାୟାତରେ ଅସୁବିଧା ହେବା ସହ ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ରାସ୍ତା ଗୁଡିକର ନିର୍ମାଣ ସହ ମରାମତି କରିବାକୁ ଦାବିପତ୍ରରେ ଉଲ୍ଲେଖ ହୋଇଛି। ଦାବିପତ୍ର ପ୍ରଦାନବେଳେ ସୁଧର ଚନ୍ଦ୍ର ସାହୁ, ହରିହର ଗାଦବା, ସାହେବ ମହାରଣା, ନରସିଂହ ନାୟକ, ଟୁନା ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।


ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟ ରଞ୍ଜନ ବେହେରା ଦାବିପତ୍ର ଗ୍ରହଣ କରୁଛନ୍ତି।

# ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସଦାଶିବ

**ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ**

ନବରଙ୍ଗପୁର,୯।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପୂଜ୍ୟପୂଜା, ସ୍ମୃତିଚାରଣ, ଆଲୋଚନାଚକ୍ର କରାଯାଇଛି।

ସ୍ଥାନୀୟ ସଦାଶିବ ପାର୍କରେ ସ୍ଥାପିତ ଡ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, ଡ. ସଦାଶିବ ତ୍ରିପାଠୀଙ୍କ ଦାୟାଦ କେଦାରନାଥ ତ୍ରିପାଠୀ, ଡିଆଇପିଆର୍‌ଓ ମନୋଜ ବେହେରା, ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ନରେନ୍ଦ୍ର ପଟ୍ଟନାୟକ, ଡ. ବିଜୟ ମିଶ୍ର, ନାରାୟଣ ପଣ୍ଡା, ସଙ୍ଗୀତା ତ୍ରିପାଠୀ, ପ୍ରଭାତୀ ତ୍ରିପାଠୀ, ମନୋରମା ମାଝୀ, ପ୍ରଭାସିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ୍ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଅଧ୍ୟାପକ, ସହରର ବୁଦ୍ଧିଜୀବୀ, କବି, ଲେଖକ, ଅଧିକାରୀ ମଧ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୌରପାଳିକା ସମ୍ମିଳନୀ ଗୃହରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୌରାଧ୍ୟକ୍ଷ କୁନୁ ନାୟକ, କେଦାରନାଥ ତ୍ରିପାଠୀ, ନାରାୟଣ ପଣ୍ଡା, ଡ ବିଜୟ ମିଶ୍ର, ନରେନ୍ଦ୍ର ପଟ୍ଟନାୟକ, ଅଶୋକ କର୍ଣ୍ଣ ମଞ୍ଚାସୀନ ଥିଲେ। ସଦାଶିବ ତ୍ରିପାଠୀ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ନେତା, ଆଦର୍ଶବାଦୀ, ସାଧୁତା ଓ ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ, ଜ୍ଞାନୀ, ଭୂସଂସ୍କାର ଆଇନର ସଫଳ ରୂପାୟନ କର୍ତ୍ତା ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ। ନିଜ ଜୀବନରେ ତାଙ୍କର ଆଦର୍ଶ ଓ ଦର୍ଶନକୁ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରିଥିଲେ। ସଭାର ସଫଳ ରୂପାୟନରେ ପୌରପାଳିକା କର୍ମଚାରୀ ଜ୍ୟୋତି ପରିଚ୍ଛା, ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।


ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ସହ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ପାଠ୍ୟ ପୁସ୍ତକରେ ଶହୀଦଙ୍କୁ ସ୍ଥାନ ଦେବାକୁ ପରାମର୍ଶ

**ଶହୀଦ ଯିଶୁଦାନ ଖୋସଲାଙ୍କ ୬୦ ତମ ଶହୀଦ ଦିବସ**

କୋରାପୁଟ,୯।୯(ଅମିତାଭ ବେହେରା)

କୋରାପୁଟ ଜିଲ୍ଲା କାର୍ଯ୍ୟାଳୟ ନିକଟରେ ଥିବା ଶହୀଦ ଯିଶୁଦାନ ଖୋସଲା ମେମୋରିଆଲ ପାର୍କଠାରେ ମଙ୍ଗଳବାର ସହିଦ ଯିଶୁଦାନ ଖୋସ୍ଲାଙ୍କ ୬୦ତମ ଶହୀଦ ଦିବସ ପାଳିତ ହୋଇଯାଇଛି। କୋରାପୁଟ ସହରବାସୀ ଓ ଯିଶୁଦାନଙ୍କ ସମ୍ପର୍କରେ ଆସିଥିବା ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସମସ୍ତେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

କୋରାପୁଟରେ ଶହୀଦ ଯିଶୁଦାନ ଖୋସ୍ଲା ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ପ୍ରଥମ ଓଡ଼ିଆ ଭାବେ ଶହୀଦ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶହୀଦଙ୍କ ଭାଇ ବ୍ରଜାନନ୍ଦ ଖୋସଲା, ଭାଇ ତ କିଶୋର ଚନ୍ଦ୍ର ଖୋସଲା ଏବଂ ପରିବାର ବର୍ଗଙ୍କ ସମେତ ରେଭେ ବିରେନ୍ଦ୍ର ଖୋସଲା, ଗୁପେନ୍ଦ୍ର ନାରାୟଣ ବାଘ, ମନସ୍ୱିନୀ ଗାର୍ଗି, କୋରାପୁଟ ମ୍ୟୁନିସିପାଲଟିର ୧୪ ନଂ ୱାର୍ଡ଼ କାଉନସିଲର ଚନ୍ଦ୍ରପ୍ରଭା ହିଆଲଙ୍କ ସମେତ କୋରାପୁଟ ସହରର ବହୁ ବୁଦ୍ଧିଜୀବୀ, ୱାର୍ଡ଼ବାସୀ ଯୋଗଦେଇ ଥିଲେ। ମଙ୍ଗଳବାର ରାଜ୍ୟପାଳଙ୍କ କୋରାପୁଟ ଗସ୍ତ ଯୋଗୁ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଯୋଗଦେଇନଥିଲେ। ଶହୀଦଙ୍କ ବଳିଦାନକୁ ସବୁଦିନ ପାଇଁ ମନେ ରଖିବା ଏକ କମିଟି ଗଠନ, ପାଠ୍ୟ ପୁସ୍ତକରେ ଶହୀଦଙ୍କ କଥାକୁ ସ୍ଥାନ ଦେବାକୁ ଉଦ୍ୟମ କରିବାକୁ ବ୍ରଜାନନ୍ଦ ଖୋସଲା କହିଥିଲେ। କାର୍ଯ୍ୟକ୍ରମରେ ପ୍ରଭାତ କୁମାର ବିଡ଼ିକା ଯୋଗଦେଇ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

# ଓଲଟିପଡ଼ିଲା ମାଣ୍ଡିଆ ବୋଝେଇ ଟ୍ରକ୍

ଉମରକୋଟ, ୯।୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ପୁଟୁଗୁଡ଼ା ଗ୍ରାମ ନିକଟରେ ପିଡିଏସ୍ ମାଣ୍ଡିଆ ନେଇ ଯାଉଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ନିକଟସ୍ଥ ଧାନଜମିକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳେ ଉମରକୋଟ ବ୍ଲକ୍‌ର କିଛି



ପଞ୍ଚାୟତରେ ବାଣ୍ଟିବା ନିମନ୍ତେ ନବରଙ୍ଗପୁରରୁ ଏକ ଟ୍ରକ୍ (ଓଡି-୨୪ଏଲ୍-୨୮୧୪) ୩୧୭ ବସ୍ତା ମାଣ୍ଡିଆ ନିଆଯାଉଥିଲା। ସେମାଳା ପଞ୍ଚାୟତରେ କିଛି ମାଣ୍ଡିଆ ବସ୍ତା ଅନ୍‌ଲୋଡ କରି ସେଠାରୁ ଅଞ୍ଚଳା ପଞ୍ଚାୟତକୁ ଯାଉଥିବାବେଳେ ପଟୁଗୁଡ଼ା ଗାଁ ପରେ ଏକ ଅଣଓସାରିଆ ପୋଲ ନିକଟରେ ଭାରସାମ୍ୟ ହରାଇ ଟ୍ରକ୍‌ଟି ଧାନ ଜମିକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଟ୍ରକ୍‌ରୁ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ରାସ୍ତା ଅଣ ଓସାରିଆ ଯୋଗୁ ଏହିଭଳି ଦୁର୍ଘଟଣା ଘଟିଥିବା ଅଞ୍ଚଳା ସରପଞ୍ଚ ଅର୍ଜୁନ ଭତ୍ରା କହିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ପୋଲ ନିର୍ମାଣ ପାଇଁ ଅନେକ ଥର କୁହାଯାଇଛି। ହେଲେ ହୋଇନାହିଁ। ବର୍ଷାଦିନ ପରେ ପୋଲ ନିର୍ମାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କ ଦାୟିତ୍ୱରେ ଅବହେଳା, ତାଗିଦା କଲେ ଆତ୍ମହତ୍ୟା ଧମକ

**ଅଭିଯୋଗ ଆଣିଲେ ୧୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ**

ନବରଙ୍ଗପୁର,୯।୯(ସଦାଶିବ ପ୍ରହରାଜ)

ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡା ହାଇସ୍କୁଲର ଜଣେ ସହକାରୀ ଶିକ୍ଷୟିତ୍ରୀ କାର୍ଯ୍ୟରେ ଅବହେଳା କରୁଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ତାଗିଦ କଲେ ଆତ୍ମହତ୍ୟା ଧମକ ଦେଉଥିବା ଅଭିଯୋଗ ଆଣି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସ୍କୁଲର ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ମଙ୍ଗଳବାର ଡିଇଓ ଛତ୍ରପତି ସାହୁଙ୍କୁ ଭେଟି ଲିଖିତଭାବେ ଜଣାଇଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନନ୍ଦଙ୍କ ନେତୃତ୍ୱରେ ୧୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଡିଇଓଙ୍କୁ ଭେଟିଥିଲେ। ସ୍କୁଲର ଜଣେ ସହକାରୀ ଶିକ୍ଷୟିତ୍ରୀ ଦାୟିତ୍ୱରେ ଅବହେଳା କରୁଛନ୍ତି। ସ୍କୁଲକୁ ନିୟମିତ ବିଳମ୍ବରେ ଆସୁଛନ୍ତି। ପଢ଼ାଇବାରେ ଅବହେଳା କରୁଛନ୍ତି। ଷ୍ଟାଫ୍ ମିଟିଂରେ ଅନୁପସ୍ଥିତ ରହୁଛନ୍ତି। ଟାଇମ୍ ଟେବୁଲ୍ ଚିରି ଦେଉଛନ୍ତି। ତାଗିଦ୍ କଲେ ଆତ୍ମହତ୍ୟା ଧମକ୍ ଦେଉଛନ୍ତି। ସ୍କୁଲ ପରିଚାଳନା ଓ ଶିକ୍ଷାଦାନକୁ ନେଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ତେଣୁ ସମ୍ପୃକ୍ତ ସହକାରୀ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ପଢ଼ାଇବାକୁ ଚିଠି କରିବାକୁ ଏଡିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆତ୍ମହତ୍ୟା ଧମକ୍ ଦେଉଥିବା ଯୋଗୁ ଥାନାରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

# ଅଜ୍ଞାତ ସ୍ଥାନରେ ବିଜେଡିର ଅଧିକାଂଶ କାଉନସିଲର

**ଆଜି ପୌରାଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଉପରେ ଆଲୋଚନା**

ଉମରକୋଟ, ୯।୯(ସନ୍ତୋଷ ଶତପଥୀ)

ଉମରକୋଟର ପୌରାଧକ୍ଷା ରାଧା ଭତ୍ରାଙ୍କ ବିରୋଧରେ ସମସ୍ତ ୧୪ କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଯେଉଁ ଭୋଟିଙ୍ଗ ହେବାର ଥିଲା ତାହା ଅନିଶ୍ଚିତତା ଘେରରେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ଉମରକୋଟ ପୌର ପରିଷଦରେ ଅନାସ୍ଥା ପ୍ରସ୍ତାବ ବିଷୟରେ ଆଲୋଚନା ହେବାର ଥିଲା। ଅନାସ୍ଥା ପାଇଁ ୧୦ କାଉନ୍‌ସିଲର ଆବଶ୍ୟକ ରହିଛି। କିନ୍ତୁ ଅଧାରୁ ଅଧିକ ଅଜ୍ଞାତ ସ୍ଥାନରେ ରହିଥିବାରୁ ଭୋଟିଙ୍ଗ ହେବା ସମ୍ଭାବନା କ୍ଷୀଣ।

ସୂଚନାନୁଯାୟୀ, କିଛିଦିନ ତଳେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ କଲ୍ୟାଣ ମଣ୍ଡପରେ ବିଜେଡି କାଉନସିଲର ଓ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଦଳରୁ ନିଲମ୍ବିତ ବ୍ଲକ ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କ ସମର୍ଥକ ସେଠାରେ ପହଞ୍ଚି ବିରୋଧ କରିବା ଆଶଙ୍କାକୁ ନଜରରେ ରଖି ବୈଠକ ବନ୍ଦ କରାଯାଇଥିଲା। ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ ଘରେ ବୈଠକକୁ ମଧ୍ୟ ବନ୍ଦ କରାଗଲା। ଏହାପରେ ସମସ୍ତ କାଉନସିଲରଙ୍କୁ ୨ ଦିନ ତଳେ ଏକ ସ୍ୱତନ୍ତ୍ର ଗାଡ଼ିରେ ଜିଲା ବାହାରକୁ ନିଆଯାଇଥିବା ଜଣାପଡ଼ିଛି। ୧ ନମ୍ବର ୱାର୍ଡ କାଉନସିଲର ତପନ କୁମାର ଦେବନାଥ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ବର୍ତ୍ତମାନ ଉମରକୋଟରେ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଜେଡି କାଉନସିଲର ନେତ୍ର ହରିଜନ ଓ ସରୋଜିନୀ ଶବର, କଂଗ୍ରେସ କାଉନସିଲର ମୁନା ପାଢ଼ୀ ଓ ଭାଜପା କାଉନସିଲର କନକଲତା ନାୟକ ଅଛନ୍ତି ବୋଲି ସୂଚନା ମିଳିଛି।

# ପଥର ତଳୁ ମିଳିଲା ଗଳିତ ମୃତଦେହ

**ହତ୍ୟା ଅଭିଯୋଗରେ ୨ ଗିରଫ, ଜଣେ ଫେରାର**

ବୈପାରୀଗୁଡ଼ା, ୯।୯ (କଳ୍ପତରୁ ମହାନ୍ତି)

ଗତ ୨୯ ତାରିଖରୁ ନିଖୋଜ ଥିବା ବୈପାରୀଗୁଡ଼ା ଥାନା ଅଧୀନ ଦଣ୍ଡାବାଡ଼ି ଗ୍ରାମର ସମାରୁ ପୂଜାରୀ(୪୫)ଙ୍କ ଗଳିତ ମୃତଦେହ ମିଳିଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦଣ୍ଡାବାଡ଼ି ପଞ୍ଚାୟତ ଅନ୍ତରିଯୋଡି ଗ୍ରାମର ହରିଶ୍ଚନ୍ଦ୍ର ଭୂମିଆ, ତାଙ୍କ ଭାଇ ଭୀମସେନ। ଘଟଣାରେ ସମ୍ପୃକ୍ତ ସୋମନାଥ ଭୂମିଆ ଫେରାର ଅଛନ୍ତି।

ପ୍ରକାଶ ଯେ ବୈପାରୀଗୁଡ଼ା ଥାନା ଅଧୀନ ଦଣ୍ଡାବାଡ଼ି ଗ୍ରାମର ସମରା ପୂଜାରୀ ୨୯ ତାରିଖରୁ ନିଖୋଜ ଥିଲେ। ତାଙ୍କ ପୁଅ ଏକ ପୂଜାରୀ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଜମି ଜମା ବିବାଦରୁ ସମରାଙ୍କ ପରିବାର ଲୋକେ ଦଣ୍ଡାବାଡ଼ି ପଞ୍ଚାୟତ ଅନ୍ତରିଯୋଡି ଗ୍ରାମର ହରିଶ୍ଚନ୍ଦ୍ର ଭୂମିଆଙ୍କ ଉପରେ ସନ୍ଦେହ କରୁଥିଲେ। ସୋମବାର ସନ୍ଧ୍ୟାରେ ସମରାଙ୍କ ପରିବାର ଲୋକେ ଥାନାକୁ ଆସି ତାଙ୍କୁ ହତ୍ୟା କରିବା ନେଇ ଆଶଙ୍କା କରିବା ସହ ଏଥିରେ ହରିଶ୍ଚନ୍ଦ୍ର ପରିବାରର ହାତ ଥିବା ଅଭିଯୋଗ ଆଣିଥିଲେ। ପୋଲିସ୍ ହରିଶ୍ଚନ୍ଦ୍ର ଓ ତାଙ୍କ ଭାଇ ଭୀମସେନଙ୍କୁ ଜେରା କରିଥିଲେ। ୨୯ ତାରିଖ ରାତିରେ ସେମାନେ ସୋମନାଥ ଭୂମିଆଙ୍କ ସହ ଦଣ୍ଡାବାଡ଼ି ଯାଇ ସମରାଙ୍କୁ ହତ୍ୟା କରିଥିଲେ। ମୃତଦେହକୁ ୫ କି.ମି. ବୋହି ନେଇ ଡାଲଖାଇ ଡଙ୍ଗର ଏକ ଝରଣା ନିକଟରେ ପଥର ତଳେ ପୋତି ଦେଇଥିଲେ। ପୋଲିସ୍ ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏବେ ସୋମନାଥ ଫେରାର ଅଛନ୍ତି। ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଉମ୍ବଧର ବାତ୍ରିଆ କହିଛନ୍ତି। କେସ୍ ନଂ ୮୫/୨୫ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ୫ ବର୍ଷ ପରେ ନିଖୋଜ ଦାଦନ ଶ୍ରମିକ ଉଦ୍ଧାର



ଡାକ୍ତରଖାନାରେ ନନ୍ଦ ଓ ତାଙ୍କ ପରିବାର ଲୋକେ।

ପାପଡାହାଣ୍ଡି, ୯।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ଚରାମୂଳାର କେତେଜଣ ସ୍ଥାନୀୟ ଲୋକଙ୍କ ସହାୟତାରେ ମଙ୍ଗଳବାର ଜଣେ ନିଖୋଜ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶ୍ରମିକ ଜଣଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ଅସୁସ୍ଥ ଥିବାରୁ ଏବେ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଛି। ଉଦ୍ଧାର ଦାଦନ ଶ୍ରମିକ ହେଲେ କୋଷାଗୁମୁଡ଼ା ବ୍ଲକ ବାଲେଙ୍ଗା ଗ୍ରାମର ନନ୍ଦ ରାଉତ(୨୫)।

ସୂଚନା ପ୍ରକାରେ ୫ ବର୍ଷ ତଳେ ନନ୍ଦ ଦାଦନ ଖଟିବାକୁ କେରଳ ଯାଇଥିଲେ। ଗ୍ରାମର ସମସ୍ତେ ଆସିଲେ କିନ୍ତୁ ସେ ନିଖୋଜ ହୋଇଯାଇଥିଲେ। ସାଙ୍ଗସାଥୀ ଓ ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। କେରଳ ରାଜ୍ୟରୁ କେମିତି ଆସିଲେ ଅସ୍ପଷ୍ଟ ଥିବାବେଳେ କିଛିଦିନ ତଳେ ତାଙ୍କୁ ମୈଦଲପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଚରାମୂଳା ଗ୍ରାମର କେତେଜଣ ଯୁବକ ନନ୍ଦଙ୍କୁ ଉଦ୍ଧାର କରି ସେବା କରିବା ସହ ହ୍ୟାଟ୍ସଆପ୍ ଗ୍ରୁପରେ ନିଖୋଜ ଯୁବକଙ୍କ ଫଟୋ ଛାଡିଥିଲେ। ପରିବାର ଲୋକେ ତାଙ୍କୁ ଚିହ୍ନି ପାରି ଚରାମୁଳା ଗ୍ରାମରେ ପହଞ୍ଚିଥିଲେ। ନନ୍ଦ ଏବେ ଅସୁସ୍ଥତା କାରଣରୁ ଠିକ୍ ସେ ଚାଲି ପାରୁ ନ ଥିବାବେଳେ କଥା ମଧ୍ୟ କହି ପାରୁନାହାନ୍ତି। ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଡାକ୍ତରଖାନାକୁ ଆଣିଥିଲେ। ୫ ବର୍ଷ ପରେ ପୁଅକୁ ପାଇ ପରିବାର ଲୋକ ଖୁସିଥିବାବେଳେ ଉଦ୍ଧାର କରିଥିବା ଯୁବକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବାଲଡ଼ା ବନାଞ୍ଚଳ ପକ୍ଷରୁ ୧୨ ପଞ୍ଚାୟତକୁ ଚାରା ବଣ୍ଟନ

ନନ୍ଦପୁର/ପାଡୁଆ, ୯।୯(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ବାଲଡ଼ା ବନାଞ୍ଚଳ ଅଧୀନ ନନ୍ଦପୁର ବ୍ଲକ୍ ଜିଲା ପରିଷଦ ଜୋନ୍-୨ ର ୧୨ ପଞ୍ଚାୟତରେ ଏକ ପେଡ୍ ମା କେ ନାମ୍ ଅଭିଯାନରେ ଚାରାରୋପଣ ପାଇଁ ସୋମବାର ଚାରା ବଣ୍ଟନ କରାଯାଇଛି। ବାଲଡ଼ା ବନାଞ୍ଚଳ ଅଧିକାରୀ ବାଦଲ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଚାରା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଦୁର୍ଗାପ୍ରସାଦ ଦୋରା ଯୋଗଦେଇଥିଲେ। ପଞ୍ଚାୟତକୁ ଚାରା ପହଞ୍ଚାଇବାକୁ ଥିବା ଭ୍ରାମ୍ୟମାଣ ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭ୍ରାମ୍ୟମାଣ ଗାଡ଼ି ବିଭିନ୍ନ କିସମର ଚାରାକୁ ପାଙ୍ଗଲୁଙ୍ଗ, ପରଜାବଡ଼ପଡ଼ା, ଗୋଲୁର, କୁଲାରସିଂ, ଚାଟୁଆ, ଖିନବର, ହାତୀବାରି, ପାଡୁଆ, କୁଲାବିର, ବାଲଡ଼ା, ଭେଜା, ବାଡେଲ ଆଦି ୧୨ ପଞ୍ଚାୟତରେ ବଣ୍ଟନ କରିବ। ପଞ୍ଚାୟତ ପିଛା ୫୦୦ ବିଭିନ୍ନ କିସମର ଚାରା ପହଞ୍ଚାଇବ ବୋଲି ରେଞ୍ଜର ମହାନ୍ତି କହିଛନ୍ତି। ପଞ୍ଚାୟତ ପ୍ରଶାସନ ସ୍ଥାନୀୟ ଯୁବ ମହିଳା ଛାତ୍ରୀଛାତ୍ରଙ୍କ ସହଯୋଗରେ ଚିହ୍ନଟ ଜାଗାରେ ଚାରାରୋପଣ କରିବ ବୋଲି ବିଡିଓ ଦୋରା କହିଛନ୍ତି। କାର୍ଯ୍ୟକ୍ରମରେ ବାଲଡ଼ା ବନପାଳ ସୁରେନ୍ଦ୍ର ଗଉଡ, ପାଡୁଆ ବନପାଳ ସ୍ୱର୍ଣ୍ଣାଞ୍ଜଳି କଅଁର, ବନରକ୍ଷୀ ଜିତେନ୍ଦ୍ର ଖରା, ଭାସ୍କର ଗୁଣ୍ଟା, ପୁଷ୍ପାଞ୍ଜଳି ଟାକରି, ସରସ୍ୱତୀ ବଡ଼ନାୟକ ପ୍ରମୁଖଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବିଡିଓ ଜଣଙ୍କୁ ତାରା ବଣ୍ଟନ କରୁଛନ୍ତି।


**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3256//RWC//BAM//Dated 4.9.25**

**1st Corrigendum to Bid Identification No.Online Tender/20-2025-26/BPR**

No.O-732: 1) The partial modification of Road Works under MMSY-Improvement to Existing R.D. Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 10.10.2025 to 27.10.2025 upto 5.30 PM instead of 04.09.2025 to 18.09.2025 upto 5.30 PM. |
| 2 | Last Date & Time of seeking tender clarification | :: | 24.10.2025 at 5.30 PM instead of 16.09.2025 at 5.30 PM |
| 3 | Date of Opening of Technical Bid | :: | 28.10.2025 at 11.00 AM instead of 19.09.2025 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.

OIPR-25071/11/0124/2526 Sd./- Chief Construction Engineer, R.W.Circle, Berhampur

**RAJENDRA UNIVERSITY**
PRAJNA VIHAR, BALANGIR-767002, ODISHA (INDIA)
e-mail: rajendrauniversitybar@gmail.com
No............../RUB Date...............

**QUOTATION/TENDER CALL NOTICE**

No.CAD-1700: The sealed tenders are hereby invited from interested firms/agencies/private individuals. Applications should reach to the Registrar, Rajendra University, Balangir-767002 latest by 25.09.2025 at 11 AM for further details please visit district website: balangir.odisha.gov.in and this university website: rajendrauniversity.ac.in.

OIPR-11141/11/0010/2526 Sd./- Registrar

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-15/2025-26**
**Letter No.6590/KGM/Date.08.09.2025**

**No.C-1024** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system through e-Procurement.

1. Nature of work : **Civil Work**
2. No. of Work : **6 Nos.**
3. Value of works : **Rs.4,50,000/- to 19,99,300/-**
4. Date & Time of availability of Bid document in the portal : From **09.09.2025** at 11.00 A.M. up to **17.09.2025** at 5.30 P.M.
5. Date of Opening of bid in portal : **20.09.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

Sd./- Executive Officer, Keonjhargarh Municipality
OIPR-13115/11/0050/2526

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-16/2025-26**
**Letter No.6597/KGM/Date.08.09.2025**

**No.C-1025** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system through e-Procurement.

1. Nature of work : **Civil Work**
2. No. of Work : **1 No.**
3. Value of works : **Rs.58,92,000/-**
4. Date & Time of availability of Bid document in the portal : From **09.09.2025** at 11.00 A.M. up to **17.09.2025** at 5.30 P.M.
5. Date of Opening of bid in portal : **20.09.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

Sd./- Executive Officer, Keonjhargarh Municipality
OIPR-13115/11/0051/2526

**GOVERNMENT OF ODISHA**
**COMMERCE & TRANSPORT (TRANSPORT) DEPARTMENT**
Request For Proposal (RFP)
(Reference No-10942)

**"Operation, Maintenance and Management of Aviation Security Training Institute at Directorate of Aviation, Govt. of Odisha, BPI Airport, Bhubaneswar**

**No.JJ**-The Director of Aviation, Directorate of Aviation, Government of Odisha invites proposals from reputed, experienced and duly certified agencies for Operation, Maintenance and Management of Aviation Security Training Institute for Aviation Security at Directorate of Aviation, Govt. of Odisha, BPI Airport for two years extendable by another 12 months based on satisfactory performance.

Eligible and interested agencies may download the Request for Proposal (RFP) document which contains the details of the requirement from the following websites of Government of Odisha and submit their offer.

**https://tendersodisha.gov.in.,nicgep/app**
**https://ct.odisha.gov.in/tenders.**

The responses are to be submitted online and queries, if any, may be referred in writing to the Director of Aviation, Directorate of Aviation, Government of Odisha, BPI Airport, Bhubaneswar at the E-mail: orissa_aviation@yahoo.co.in, transcivilaviation@gmail.com

Proposals complete in all respect should reach the undersigned latest by 03.00 PM on 04.10.2025 **("Bid Due Date" or "BDD").** Bids received after the above BDD shall be summarily rejected. The authority reserves the right to reject any or all the proposals without assigning any reason thereof.

Sd./- Special Secretary to Govt. & Director of Aviation
Commerce & Transport (Transport) Department
OIPR-38001/11/0043/2526

**DISTRICT PROJECT OFFICE, SAMAGRA SHIKSHA, BALANGIR**
AT-COLLEGE CHOWK, PO-DIST:BALANGIR, 767001, Email ID:dpcbolangirssa.opepa@nic.in
No.XXIII/KGBV/01/2025/2539/Dt.06.09.2025

**NOTIFICATION FOR PUBLICATION OF DRAFT PROVISIONAL LIST AND INVITATION OF OBJECTION, IF ANY, FROM THE APPLICANTS APPLIED FOR DIFFERENT VACANCIES UNDER KGBV HOSTELS (TYPE-III) - 2025**

No.n-149:In continuance to this Office Advertisement No.1880 dated 25.06.2025, it is hereby informed that the Applicants, who had applied for different vacancies under KGBV Hostels (Type-III) of Balangir District, that **the Provisional List of Applicants and Provisional List of Rejected Applicants** are now available in OSEPA and Balangir District websites i.e. **www.osepa.odisha.gov.in** and **www.balangir.odisha.gov.in**. All applicants are hereby requested to go through the list and **objection, if any, is hereby invited from the Applicants, on or before 17.09.2025** during office hour in working days only. The candidate shall submit their objection, if any, in the prescribed **Objection Format** (enclosed herewith) enclosing the supporting documents, addressed to the District Education Officer & DPC, SS, Balangir **(Address - District Project Office, Samagra Shiksha, Balangir, At - College Square, Po-Rajendra College, Dist. - Balangir - 767002), personally or through Speed Post only on or before 17.09.2025.** Objection in other mode, except personally or Speed Post, will not be entertained. The objection, if any, without complete information or without supporting documents will not be entertained and authority reserves the right to accept or reject the objection without any further notice or assigning any reason thereof. **No objection will be accepted or entertained after Dt-.17.09.2025, whatsoever the reason may be.**

Sd./- Collector-cum-Chairman, Samagra Shiksha, Balangir
OIPR-27071/11/0011/2526

**Kotpad NAC**
**Government of Odisha**
Main Road, Kotpad, Dist-Koraput, Odisha, E-mail:kotpadnac@gmail.com
Letter No.1902 Date 08.09.2025

**QUOTATION CALL NOTICE**

No.C-1026: Sealed quotations are from interested Contractors/ agencies/firms/ companies by Speed Post/Registered Post/Courier/ by hand with PAN and GST certificate for "Supplying and fixing of approved waterproof plywood on walls and ceiling with lights, tables, draws, racks with all fitting like steel handless as per requirement". The detailed terms and condition are available at our office website www.kotpadnac.in. The period of available of Documents in the web portal is from Dtd.08.09.2025 to Dtd.18.09.2025 by 1.00 PM and will be opened on same date at 03.00 PM in the office of undersigned.

The Authority reserves the right to accept or reject any tender without assigning any reason thereof.

**General Instruction and Eligibility Criteria to the bidder:**

1. **The quotationer may quote the price per sqr meter.**
2. The Bidder should submit the Bid cost of Rs.4000/- (including GST) Non-refundable Form of DD in favour of Executive Officer Kotpad NAC.
3. The bidder should submit EMD of Rs.10,000/- (Ten Thousand) in shape of DD in favour of Executive Officer, Kotpad NAC payable at Kotpad/ FD pledged in favour of Executive Officer, Kotpad NAC.
4. The Award will be made on the basis of lowest financial bid.

Sd./-Executive Officer, Kotpad NAC
OIPR-13182/11/0017/2526

No.JJ-48

**Directorate of Ports & Inland Water Transport**
Fortune Tower, Ground Floor, Zone-A
Chandrasekharpur, Bhubaneswar
Phone:0674-2300885, Email: portsniwt.od@nic.in

**e-PROCUREMENT NOTICE**
**Bid Identification No.DPIWT-15/2025-26**

01. Name of the Work : Construction of Modern Jetty Terminal at Satapada in Puri District
02. No. of Works : 1 (One) No.
03. No. of Covers : Double Cover
04. Approximate Value of Works : Rs.2.41 Crore
05. Bid Cost : Rs.10,000.00
06. Period of Completion : 09 (Nine) Calendar Months
07. Date & Time of availability of bid document in the Portal : 11.09.2025 to 25.09.2025 upto 05.00 P.M.
08. Date & Time of Bid Clarification : 11.09.2025 to 17.09.2025 upto 03.00 P.M.
09. Last date & time for receipt of bids in the portal : 25.09.2025 upto 05.00 P.M.
10. Date of opening of bid document (Cover-I) : 26.09.2025 at 12.30 P.M.
11. Date of transparent lottery process (if situation arises) : Intimation will be given through online
12. Class of Contractor : "B" & "A" Class Contractor
13. Name and address of Officer inviting Tender (OIT) : **Director, Ports & Inland Water Transport Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax:2396885 e-Mail: portsniwt.od@nic.in**

Further details can be seen from the e-Procurement market place, https//tendersodisha.gov.in. The Addendum/Corrigendum if any will be hosted in the website only.

Sd./- Director, Ports & IWT, Odisha
OIPR-38035/11/0045/2526

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
E-mail : eeteldivn2022@gmail.com

**E-procurement Notice No - EE, TID, SNP - 08/2025-26**

**No.A-595** : The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double cover** system to be received in **online mode** only for the works as detailed below.

1. Name/Nature of the work : Flood Protection Embankment Works
2. No. of Works : 02 Nos.
3. Class of Contractor : As mentioned in Col. No. 4 of NIT
4. Bid Identification No. : EE, TID, SNP - 08/2025-26
5. Estimated Cost : From Rs.81.52 lakhs to Rs.82.36 Lakhs
6. Period of Completion : As per mentioned in Col No.7 of NIT
7. Date & time of availability of bid documents in the Portal : **From 10.09.2025 (10.00 A.M.) to 20.09.2025 (05.30 P.M.)**
8. Last date/time for receipt of bids in the Portal : **In portal - 20.09.2025 from 10.00 A.M. up to 05.30 P.M.**
9. Date of Opening of Bid : **On Date 22.09.2025 (11.00 A.M. onwards in the Office of the undersigned)**
10. Name of the Officer inviting Bid : **Executive Engineer, Tel Irrigation Division, Sonepur (Dist.-Subarnapur)**

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer, Tel Irrigation Division, Sonepur
OIPR-32362/11/0009/2526

**ODISHA PUBLIC SERVICE COMMISSION CUTTACK**
**NOTICE**
**Recruitment to the post of Assistant Conservator of Forest & Forest Ranger**
**(Advertisement No. 08 of 2023-24)**
**Re-conduct of Endurance (Walking) Test**

**No.D-** : Inviting a reference to the Notice No. 6306/PSC dt.06.09.2025 uploaded in the Website of the Commission on 06.09.2025, it is for information of the following 17 candidates, who have not cleared Medical Test during Physical Standard Test held from 14.07.2025 to 19.07.2025, that **the Endurance (Walking) Test** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** on **11.09.2025** as per the following schedule.

**PROGRAMME FOR ENDURANCE (WALKING) TEST :**

| Sl. No. | Roll No. | Endurance (Walking) Test: Date & Time of Reporting | Endurance (Walking) Test: Date & Time of Event |
|---|---|---|---|
| 01 | 201579, 301740, 302389, 302457, 302606, 302863, 302879, 303241, 303268, 303291, 303759, 304823, 305825, 306841, 400960, 400969 & 401501 = **17 Candidates** | 11.09.2025 04.30 A.M. | 11.09.2025 05.00 A.M. to 09.00 A.M. |

Candidates are advised to refer the Notice No. 6306/PSC dt.06.09.2025 available in the Website of the Commission at www.opsc.gov.in for detailed information and documents.

This test is being re-conducted in pursuance to the Orders dated 18.08.2025 of Hon'ble High Court in W.P. (C) No. 20102 of 2025 and similar batches of cases.

The candidates are advised to visit the Website of the Commission at www.opsc.gov.in for the detailed information.

OIPR-12002/11/0313/2526

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ରାଇଘର, ୯।୯ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ସର୍ଗିଗୁଡ଼ା ଗ୍ରାମର ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ସର୍ଗିଗୁଡ଼ା ଗ୍ରାମର ଚମରୁ ଗଣ୍ଡ (୩୭)। ସୂଚନାନୁଯାୟୀ, ଚମରୁ ସୋମବାର ସନ୍ଧ୍ୟାରେ ଶୌଚ ନିମନ୍ତେ ଗାଁ ମୁଣ୍ଡରେ ଥିବା ଏକ ପୋଖରୀକୁ ଯାଇଥିଲେ। ରାତି ହେବା ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଗାଁସାରା ଖୋଜାଖୋଜିକରିଥିଲେ। କିନ୍ତୁ ଚମରୁଙ୍କ କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳ ସମୟରେ ଗାଁ ଲୋକେ ପୋଖରୀକୁ ଶୌଚ ପାଇଁ ଯାଇ ଚମରୁଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଶୌଚ ସମୟରେ ତାଙ୍କ ଗୋଡ଼ ଖସିଯାଇ ପୋଖରୀ ଭିତରେ ବୁଡ଼ିଯାଇଥିବା ସନ୍ଦେହ କରି ପରିବାର ଲୋକେ କୁନ୍ଦେଇ ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରୁ ମୃତଦେହ ବାହାରକରିବା ସହ କେସ୍ ନମ୍ବର ୨୩/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

### ସାତପାଲିର ନୂଆଖିଆ ଜୁହାର ଭେଟ୍

ରାଇଘର, ୯।୯ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷର ନୂଆଖିଆ ଜୁହାର ଭେଟ ମଙ୍ଗଳବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ନୂଆ ଖିଆ ଜୁହାର ଭେଟରେ ସାତପାଲିର ରାଇଘର ଗାଉଁଟିଆ କମଳ ସିଂ ରାଜପୁତ, ଗଞ୍ଜାପାର ଗାଉଁଟିଆ ସୁଦର୍ଶନ ମାଝୀ ଓ ଝୁନକିପାରା ଗାଉଁଟିଆ ରଘନାଥ ମାଳିଙ୍କ ସମେତ ଦେବଦେବୀ ପୂଜାରୀ, ଶିରା ଓ ମହିଳା ପୁରୁଷ କୁନି କୁନି ଛୁଆ ଯୋଗଦେଇଥିଲେ। ସବୁ ବର୍ଷ ପରି ଗୁରୁଜନ ଓ ଗ୍ରାମର ମୁଖିଆଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିବା ପରେ ପାରମ୍ପରିକ ନାଚଗୀତରେ ଆସର ଦେଖିବାକୁ ମିଳିଥିଲା। ଏହି ସମୟରେ ସମସ୍ତଙ୍କୁ ନୂଆ ଚୁଡ଼ା ଦେଇ ନୂଆ ଖିଆର ଭାଇଚାରା ଦେଖିବାକୁ ମିଳିଥିଲା। ଏଥିରେ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ।

### ବିଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୯।୯ (ପବନ ପାଣିଗ୍ରାହୀ)

ବିଦେଶୀ ମଦ ଚାଲାଣ ବେଳେ କୋରାପୁଟ ଜିଲା ଜୟପୁର ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଜୟପୁର ଏନକେଟି ରୋଡ ଅଞ୍ଚଳରର ସୁରେନ୍ଦ୍ର ଯାଦବ। ସୂଚନାନୁଯାୟୀ ବିଦେଶି ମଦ ଚାଲାଣ ହେଉଥିବା ସମ୍ପର୍କରେ ଜୟପୁର ଅବକାରୀ ଥାନା ପକ୍ଷରୁ ବାଙ୍କବିଜା ରାସ୍ତାରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ସୁରେନ୍ଦ୍ରଙ୍କ ନିକଟରୁ ୪.୫ ଲିଟର ବିଦେଶୀ ମଦ ଜବତ ହୋଇଛି। ମଙ୍ଗଳବାର ଅପରାହ୍ଣ ୪ଟା ୩୦ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଗୁଣାତ୍ମକ ଶିକ୍ଷା ପାଇଁ ଦକ୍ଷ ଶିକ୍ଷକ ଆବଶ୍ୟକ: ରାଜ୍ୟପାଳ

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ, ୯।୯ (ଅମିତାଭ ବେହେରା)


କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଙ୍ଗଳବାର କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନକରି ବିଭିନ୍ନ ବିକାଶୋନ୍ମୁଖୀ କାର୍ଯ୍ୟ ଓ ଶିକ୍ଷାନୁଷ୍ଠାନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କୁ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ବରିଷ୍ଠ ଅଧ୍ୟାପକ ଓ ବିଭିନ୍ନ ଅଧିକାରୀମାନେ ସ୍ୱାଗତ କରିଥିଲେ।

ସମୀକ୍ଷା ବୈଠକରେ କୁଳପତି ପ୍ରଫେସର ପଣ୍ଡା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ କହିଥିଲେ। ରାଜ୍ୟପାଳ କହିଥିଲେ, 'ଗୁଣାତ୍ମକ ଶିକ୍ଷା ପାଇଁ ଦକ୍ଷ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ। ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷକଙ୍କୁ ଦୃଷ୍ଟିରେ ରଖି କେଉଁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ ତାହା ବାଛିବା ଅଧିକାର ରଖନ୍ତି।' ସେ ବିଶ୍ୱବିଦ୍ୟାଳୟ ମାନ୍ୟତା ବଢ଼ାଇବା ପାଇଁ ଦୁଇଟି ପ୍ରଧାନ ମାନକ ଉପରେ ଗୁରୁତ୍ୱ ଦେଇଥିଲେ। ଗୁଣାତ୍ମକ ଶିକ୍ଷକ ଚୟନ ଓ ର୍ୟାଙ୍କିଂ, ଗ୍ରେଡିଂରେ ଉନ୍ନତି, ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟକରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେ ବହୁନିଷ୍ଠ ଏବଂ ସ୍ଥାୟୀ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଆବଶ୍ୟକ ଥିବା କଥା ଉପସ୍ଥାପନ କରିଥିଲେ।

ସେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ବିଷୟରେ ଜାଣି ସନ୍ତୋଷ ପ୍ରକାଶ କରିଥିଲେ। ନୂଆକରି ଆରମ୍ଭ ହୋଇଥିବା ବିଭିନ୍ନ ବିଷୟକୁ ଭବିଷ୍ୟତ ମୁଖୀ ବୋଲି କହି ସେମାନଙ୍କର ରାଜ୍ୟ ଓ ରାଷ୍ଟ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଥିବା ଉପରେ ଆନନ୍ଦ ପ୍ରକାଶ କଲେ। ଏହି ଅବସରରେ ପ୍ରଫେସର ପଣ୍ଡା ରାଜ୍ୟପାଳଙ୍କୁ ଉତ୍ତରୀୟ, ସ୍ମୃତି ଫଳକ ଓ ତାଙ୍କର ଗ୍ରନ୍ଥ 'ବୌଦ୍ଧ ସ୍ତୂପ: ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ' ଉପହାର ଦେଇ ସମ୍ମାନିତ କରିଥିଲେ। ଔପଚାରିକ ବୈଠକ ପରେ ରାଜ୍ୟପାଳ ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ସହ ବାର୍ତ୍ତାଳାପ କରି ସହଯୋଗ ଓ ସଂଳାପର ମାନସିକତାକୁ ବୃଦ୍ଧି କରିଥିଲେ। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପୁ ଭତ୍ରା, କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଡ. ଲଲାଟେନ୍ଦୁ ସାହୁ, ଏଡିସି କୁଳଦୀପ ମୀଣା, ପ୍ରଫେସର ରଥିକାନ୍ତ କୁମ୍ଭାର, ପ୍ରଫେସର ଭାରତ କୁମାର ପଣ୍ଡା, ବିଭିନ୍ନ ବିଭାଗ ମୁଖ୍ୟ, ଉପ କୁଳସଚିବ ଡ.ଦିଲୀପ କୁମାର ପଟ୍ଟନାୟକ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ନିର୍ବାହୀ ଯନ୍ତ୍ରୀ ଶ୍ରୀରାମ ପାଢ଼ୀ, ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କୁଟୀରଶିଳ୍ପ କାରିଗରଙ୍କ କାରୁକାର୍ଯ୍ୟ ଦେଖିଲେ ରାଜ୍ୟପାଳଙ୍କ ସଚିବ

କୋଟପାଡ଼, ୯।୯ (ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଏସ୍‌ବି ନୂଆଗାଁ ପଞ୍ଚାୟତ ଡଙ୍ଗରୀଗୁଡା ଅଞ୍ଚଳରେ ତିଆରି ହେଉଥିବା ହସ୍ତତନ୍ତ ବୟନ କୁଟୀରଶିଳ୍ପ କାରିଗର ମାନଙ୍କ କାରୁକାର୍ଯ୍ୟ ଦେଖିବା ଲାଗି ମଙ୍ଗଳବାର ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ରୂପାରୋଶନ ସାହୁ ଯାଇଥିଲେ। ତାଙ୍କ ସହ ଜୟପୁର ଉପଜିଲାପାଳ ଆକାବରମ ସସ୍ୟା ରେଡ୍ଡୀ ଓ ବିଡିଓ ସନ୍ଧ୍ୟାରାଣୀ ସମରଥ ପ୍ରମୁଖଙ୍କ ଉପସ୍ଥିତରେ ରାଜ୍ୟ ସରକାର ହସ୍ତତନ୍ତ ବୟନ ଶିଳ୍ପ ପାଇଁ ଯେଉଁ ଉପକରଣ ଯୋଗାଇଛନ୍ତି, ତାହା କିଭଳି ଚାଲୁ ରହିଛି ଏବଂ କାରିଗରଙ୍କ ଆର୍ଥିକ ଉନ୍ନତି କିଭଳି ହେଇପାରୁଛି ସେନେଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି କୁଟୀରଶିଳ୍ପ ମାଧ୍ୟମରେ ଯେଉଁ ଲୁଗା ବାହାରୁଛି ସେଗୁଡିକ ଜିଲା ରାଜ୍ୟ ଓ ବାହାରେ କିଭଳି ପ୍ରସାର କରାଯାଇପାରିବ ଏବଂ ଉକ୍ତ କାର୍ଯ୍ୟରେ ଯୁବତୀଯୁବକ ଅଧିକରୁ ଅଧିକ ଏହାକୁ ଆପଣାଇବେ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ଆଗାମୀ ଦିନରେ କୋଟପାଡ଼ ଡାଙ୍ଗରୀଗୁଡା ନାମ ଟେକ ରଖିବ ବୋଲି ମତ ପ୍ରକାଶ ପାଇଛି।


ରାଜ୍ୟପାଳଙ୍କ ସଚିବ ରୁପାରୋଶନ ସାହୁ ଓ ଅନ୍ୟମାନେ କୁଟୀର ଶିଳ୍ପ ପରିଦର୍ଶନ କରୁଛନ୍ତି।

# ଦେଓମାଳି, ପୁଙ୍ଗାର ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟପାଳ

କୋରାପୁଟ/ସୁନାବେଡା, ୯।୯ (ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ)

ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ମଙ୍ଗଳବାର ସୁନାବେଡ଼ା ହାଲ, ରାଜପୁଟ ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ,ଦେଓମାଳି ଓ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀ ଏବଂ ହିତାଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୁନାବେଡାସ୍ଥିତ ସୁଖୋଇ ଇଞ୍ଜିନ ପରିଦର୍ଶନ କରିବା ସହ ହାଲ୍ ସଭାଗୃହରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେମିଳିଗୁଡା ବ୍ଲକ ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି କିପରି ପ୍ରସ୍ତୁତ କରାଯାଉଛି ଏବଂ ଏହାର ବିକ୍ରି ନେଇ ମହିଳା ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ।

## ହାଲ୍, ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ

ଏହାପରେ ରାଜ୍ୟପାଳ ଦେଓମାଳି ପରିଦର୍ଶନ କରିଥିଲେ। ଏହାର ବିକାଶ ନିମନ୍ତେ କ'ଣ କାର୍ଯ୍ୟକ୍ରମ ରହିଛି ଏବଂ ଆହୁରି କ'ଣ ଦରକାର ତାକୁ ନେଇ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓଙ୍କଠାରୁ ବୁଝିଥିଲେ। ପରିଦର୍ଶନ ବେଳେ ରାଜ୍ୟପାଳ ସେଠାରେ ଏକ ବରଗଛ ଚାରା ରୋପଣକରି ଏଠାରେ ବୃକ୍ଷର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ସେଠାରୁ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଠାରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ଉନ୍ନୟନମୂଳକ ଷ୍ଟଲ ପରିଦର୍ଶନ କରିବା ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ପରେ ମହିଳା ଗୋଷ୍ଠୀ ସଦସ୍ୟା, ଲକ୍ଷପତି ଦିଦି ଏବଂ ସୁଭଦ୍ରା ହିତାଧିକାରୀମାନଙ୍କ ସହ ଆଲୋଚନା କରି କୋରାପୁଟ ଫେରି ଆସିଥିଲେ। ଗସ୍ତ ସମୟରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ,କୋରାପୁଟ ବିଧାୟକ ରଘୁରାମ ମାଛ, ସେମିଳିଗୁଡା ବ୍ଲକ ଅଧକ୍ଷା ଲିଲି ଅଣ୍ଟାବରିଆ, ଉପାଧ୍ୟକ୍ଷ ଶିବ ବାଙ୍ଗାରି, ସରପଞ୍ଚ ପି.କେ.କିରସାନିଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ରାଜ୍ୟପାଳଙ୍କ ସଚିବ ରୁପାରୋସନ ସାହୁ ମଧ୍ୟ ଉପସ୍ଥିତ ଥିଲେ। ବୁଧବାର ରାଜ୍ୟପାଳଙ୍କ ମାଲକାନଗିରି ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଗୁରୁବାର କୋରାପୁଟଠାରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି।

# ନଳକୂଅ ଅଚଳ, ନଦୀପାଣି ଭରସା

ଦଶମନ୍ତପୁର, ୯।୯ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଡୁମ୍ବାଗୁଡା ସଦର ପଞ୍ଚାୟତସ୍ଥିତ କୁମ୍ଭାରସାହିରେ ଦୀର୍ଘ ୩ ମାସ ହେବ ପାନୀୟ ଜଳ ସଙ୍କଟ ଲାଗି ରହିଛି। ଏହି ସାହିରେ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ତେବେ ଏହି ସାହଗୁଡ଼ିକରେ ୩ଟି ନଳକୂପ ରହିଥିବାବେଳେ ମଝି ସାହିର ନଳକୂପଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଉପରସାହିର ନଳକୂପରୁ କାଦୁଅପାଣି ବାହାରୁଥିବା ଲୋକେ ପ୍ରକାଶ କରିଛନ୍ତି। ଏପରିକି କୁମ୍ଭାରସାହିରେ ଥିବା ସୋଲାର ପମ୍ପଟି ମଧ୍ୟ ଦୀର୍ଘ ୩ ମାସ ହେବ ଅଚଳ ହୋଇପଡିଛି। ସୋଲାର ପମ୍ପର ମୋଟର ମରାମତି ପାଇଁ ୩ ସାହିବାସୀ ପଞ୍ଚାୟତରୁ ଆରମ୍ଭକରି ଜଳ ଓ ପରିମଳ ବିଭାଗ ଏବଂ ବିଡିଓଙ୍କୁ ବହୁବାର ଅଭିଯୋଗକରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋଲାର ପମ୍ପ ଅଚଳ ଥିବାରୁ ଗ୍ରାମବାସୀଙ୍କ ଆବଶ୍ୟକତା ମେଣ୍ଟିପାରୁନାହିଁ। ଲୋକେ ପାଣି ପାଇଁ ଗାଁ ପାଖ ଚୋପା ଖୋଲା ନଦୀରୁ ଜଳ ସଂଗ୍ରହ କରୁଛନ୍ତି। ଏଭଳି ପାଣି ବ୍ୟବହାର କରି ଜୁଲାଇ ୨୦୨୨ରେ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଅନେକଙ୍କ ଜୀବନ ଚାଲି ଯାଇଥିଲା। ଏବେ ମଧ୍ୟ ପୁଣି ଆମ ଗାଁରେ ଝାଡ଼ାବାନ୍ତିକୁ ପ୍ରଶାସନ ନିମନ୍ତ୍ରଣ କରୁଛି କି ବୋଲି ଗ୍ରାମର ଲଳିତ ନାୟକ, ଗୋପୀ ଚାଲାଣ, ଜଗବନ୍ଧୁ ଚାଲାଣ, ଚଇତି ଚାଲାଣ, କ୍ଷୀରମଣି ନାୟକ, ପଦ୍ମନୀ ନାୟକ, ବାଲମଣି ନାୟକ, ନିରାମା ଚାଲାଣଙ୍କ ସମେତ ସାହିବାସୀ ପ୍ରଶ୍ନ କରିଛନ୍ତି। ଖୁବ୍‌ଶୀଘ୍ର ସୋଲାର ପମ୍ପରେ ଏକ ନୂତନ ପାଣି ମୋଟର ଲଗାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସେମାନେ ଦାବିକରିଛନ୍ତି। ଆଗାମୀ ଦିନରେ ଗରା,ହାଣ୍ଡି ଧରି ବ୍ଲକ୍ ଆଗରେ ଧାରଣା ଦେବେ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ଅଲ୍ଲୀଙ୍କୁ ଯୋଗାଯୋଗ କରିବାରୁ ବୁଧବାର କୁମ୍ଭାରସାହିରେ ସୋଲାର ପମ୍ପ ସଜାଡ଼ି ସାହିବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡେଙ୍ଗୁ, ଡାଇରିଆରୁ ସୁରକ୍ଷା ପାଇଁ ସଚେତନତା

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ସୁନାବେଡ଼ା, ୯।୯ (କୃତ୍ତିବାସ ପ୍ରଧାନ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ରେନସ୍ ଆଇକୋନିକ୍ ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ସେମିଳିଗୁଡ଼ା ଗୋପବନ୍ଧୁନଗରରେ ଏକ ସ୍ୱାସ୍ଥ୍ୟ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବସନ୍ତ କୁମାର ସ୍ୱାଇଁ ମହିଳାମାନଙ୍କୁ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତଭାବେ ବୁଝାଇଥିଲେ। କର୍ମଶାଳାରେ ଅଙ୍ଗନୱାଡି କର୍ମୀ ସଂଯୁକ୍ତା ସାହୁ ଅଞ୍ଚଳରେ ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ଭଳି ରୋଗରୁ ନିଜେ ସୁରକ୍ଷିତ ରହି ଅନ୍ୟକୁ କିପରି ସୁରକ୍ଷା ଦେଇପାରିବା ସେ ନେଇ ସଚେତନ କରାଯାଇଛି। ଆଶାକର୍ମୀ ଉର୍ମିଳା ଦାସ ଗର୍ଭାବସ୍ଥା ସ୍ୱାସ୍ଥ୍ୟ ଓ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ବୁଝାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିବା ସହ ମହିଳାମାନେ ଗୋଷ୍ଠୀ ସ୍ୱାସ୍ଥ୍ୟର ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଅଗ୍ରଣୀ ଭୂମିକା ନେବାକୁ ବସନ୍ତ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଶିବିରରେ ଅଂଶ ଗ୍ରହଣ କରିଥିବା ସମସ୍ତ ମହିଳା ଏବଂ ଆୟୋଜକଙ୍କୁ ଅଙ୍ଗନୱାଡି କର୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା ଶିବିରରେ ୩୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ବସନ୍ତ କୁମାର ସ୍ୱାଇଁ କର୍ମଶାଳାକୁ ପରିଚାଳନା କରିଥଲେ।


କାର୍ଯ୍ୟକ୍ରମରେ ଆୟୋଜକ, ଆଶା, ଅଙ୍ଗନୱାଡି କର୍ମୀ ଓ ମହିଳାମାନେ।

# ବକେୟା ଅର୍ଥ ରାଶି ଖର୍ଚ୍ଚ କରିବାକୁ ପରାମର୍ଶ

## କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ଯୋଜନା ଉପରେ ତାଲିମ କାର୍ଯ୍ୟକ୍ରମ

ଡାବୁଗାଁ, ୯।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ଯୋଜନା ଉପରେ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନା ବିଷୟରେ ଥିବା ନିୟମାବଳୀ ବୁଝାଇ ଦିଆଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରେ ୨୦୨୦-୨୧ ବର୍ଷରୁ ଆଜି ପର୍ଯ୍ୟନ୍ତ ଆସିଥିବା ଅନୁଦାନରୁ ଖର୍ଚ୍ଚ ନ ହୋଇ ରହିଯାଇଥିବା ବଳକା ରାଶି ବ୍ୟୟ ଉପରେ ଗ୍ରାମ ପଞ୍ଚାୟତ ୱାରି, ବର୍ଷ ୱାରି ଓ ପ୍ରକଳ୍ପ ୱାରି ଆଲୋଚନା କରଯାଇଥିଲା। ଯଥା ଶୀଘ୍ର ବକେୟା ଅର୍ଥ ରାଶି ଖର୍ଚ୍ଚ କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ଅନ୍ୟଥା ଅର୍ଥ ଫେରିଯିବାର ଆଶଙ୍କା ରହିଛି। ଏଥିରେ ପ୍ରଶିକ୍ଷକ ଭାବେ ସହକାରୀ ଯନ୍ତ୍ରୀ ଆନନ୍ଦ କୁମାର ମଣ୍ଡଳ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ସିପି ପ୍ରବୀଣ ପଟ୍ଟନାୟକ ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଯୋଗଦେଇ ବ୍ୟୟ ନ ହୋଇ ରହିଯାଇଥିବା ଅର୍ଥ ରାଶି ଶୀଘ୍ର ଖର୍ଚ୍ଚ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ୍ ଅଧକ୍ଷା ବୀଣା ମାଝି, ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ବିଡିଓ ଶରତ ମାଝି, ଜିଲାରୁ ନୋଡାଲ ଅଧିକାରୀ ଦେବସ୍ମିତା କର, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଦିଲ୍ଲୀପ ଦୀପକ ମିଶ୍ର ଓ ଅବିନାଶ ନାୟକ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏସିଡିଓ ଓ ଗ୍ରାମ ରୋଜଗାର ସେବିକାସେବକମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପେଟ୍ରୋଲ ପମ୍ପ୍‌ରେ ପାଣି ମିଶା ତେଲ ପକାଇ ଗାଡ଼ି ମାଲିକ ହଇରାଣ

ନନ୍ଦପୁର, ୯।୯ (ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ସଦର ମହକୁମାରେ ସୋମବାର ଓ ମଙ୍ଗଳବାର ଏକାଧିକ ବାଇକ୍ ଚାଳକ ରାସ୍ତାରେ ନିଜ ବାଇକ୍ ଠେଲି ଠେଲି ନେଉଥିବା ଦେଖିବାକୁ ମିଳିଥିଲା। ପଚାରିବାରେ ଚଳନ୍ତା ଗାଡ଼ି ହଠାତ୍ ଷ୍ଟାର୍ଟ ବନ୍ଦ ହୋଇଯିବା ଓ ଯେତେ ଷ୍ଟାର୍ଟ ମାରିଲେ ବି ଷ୍ଟାର୍ଟ ହେଉ ନ ଥିବାରୁ ବାଇକ୍‌ଗୁଡ଼ିକୁ ଗ୍ୟାରେଜକୁ ନେଉଥିବା କହିଥିଲେ। ଗ୍ୟାରେଜ ଯାଇ ଦେଖିବାରେ ମେକାନିକ୍ ଉକ୍ତ ବାଇକ୍‌ରେ ପାଣି ମିଶ୍ରିତ ପେଟ୍ରୋଲ ପଡ଼ିଥିବାରୁ ଟାଙ୍କି ସଫା କରୁଥବା କହିଥିଲେ। ନନ୍ଦପୁରରେ ଥିବା ପେଟ୍ରୋଲ ପମ୍ପରେ ତେଲ ପକାଇବା ପରେ ବାଇକ୍‌ରେ ଏଭଳି ଅସୁବିଧା ହେଉଥିବା ଗାଡ଼ି ମାଲିକ ଜୟରାମ ଆସନ୍ଧାରି, ଲକ୍ଷ୍ମଣ ଦୋରା, ରତନ ଆସନ୍ଧାରି, ଗୋପାଳ ବୁରୁଡି ପ୍ରମୁଖ କହିଛନ୍ତି। ଘଟଣା ସମ୍ପର୍କରେ ପମ୍ପ ମାଲିକଙ୍କୁ ପଚାରିବାରେ ଟାଙ୍କିରେ ଉପଲବ୍ଧ ଏକ୍ସପି-୯୫ (ହାଇ ପାୱାର) ପେଟ୍ରୋଲ ଟ୍ୟାଙ୍କରେ ସୋମବାର ସନ୍ଧ୍ୟାରେ କିଛି ଲିକେଜ୍ ଥିବା ଅନୁମାନ କରାଯାଇଥିଲା। ଅଭିଯୋଗ ଆସିବା ମାତ୍ରେ ସୋମବାର ରାତି ଓ ମଙ୍ଗଳବାର ସକାଳୁ ତେଲ ବିକ୍ରି ବନ୍ଦ କରାଯାଇଛି। ବିଭାଗୀୟ ସେଲ୍ସ ଅଫିସର ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ତେଲ ପକାଇ ହଇରାଣ ହୋଇଥିବା ୮ରୁ ୧୦ ଜଣ ବାଇକ୍ ମାଲିକଙ୍କୁ ମଧ୍ୟ ଗାଡ଼ି ଟାଙ୍କି ସଫା କରିବା ଖର୍ଚ୍ଚ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି।

# ଡାକ୍ତରଖାନା ପରିସର ସଫାକଲେ, ଚାରା ଲଗାଇଲେ ମନ୍ତ୍ରୀ

ଉମରକୋଟ, ୯।୯ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନରେ ଚିକିତ୍ସାଳୟ ପରିସର ସଫା କରାଯାଇଥିଲା। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଭାଜପା କର୍ମୀମାନେ ମିଳିମିଶି ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ମା ପାଇଁ ଗଛ ଟିଏ ଅଭିଯାନ ଅଧୀନରେ ଚାରାରୋପଣ କରା ଯାଇଥିଲା। ଚିକିତ୍ସାଳୟ ପରିସରରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଚିକିତ୍ସାଳୟର ସମସ୍ତ କର୍ମଚାରୀ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା, ମେଡିକାଲ ନିରୀକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠୀ, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପି ପ୍ରତିନିଧି ରାମ ନାୟକ, ବାବୁଲା ସାହୁ, ପ୍ରଦୀପ ମିଶ୍ର, ଗୋପୀନାଥ ସାହୁ, ବାବୁ ଶର୍ମା, ପ୍ରଭାତ କୁମାର ନାୟକ, ମାନସିକ ଦାସ, ରମେଶ ଦାସ ଓ ସତ୍ୟ ବେହେରା, ମିଲୁ ପଣ୍ଡା, ହସ୍ପିଟାଲ ମ୍ୟାନେଜର ଶୁଭ୍ରାଂଶୁ ଭୂଷଣ ପାଲଟାସିଂ, ବିଶ୍ୱଜିତ ସୁନା, ବିପିନି ବିହାରୀ ମାଝିଙ୍କ ସହ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ।


ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ଡାକ୍ତରଖାନା ପରିସର ସଫା କରୁଛନ୍ତି।

# ବଦଳିବ ସହରର ରୂପରେଖ: ସ୍ଥିତି ପରଖିଲେ ବିଧାୟକ, ଜିଲାପାଳ

ନବରଙ୍ଗପୁର, ୯।୯ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଯାଞ୍ଚ କରୁଛନ୍ତି।

ନବରଙ୍ଗପୁର ସହର ର ଲାଗି ରହିଥିବା ଟ୍ରାଫିକ ସମସ୍ୟା ସମାଧାନ ନେଇ ମଙ୍ଗଳବାର ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲାପାଳ ଡ ମହେଶ୍ୱର ସ୍ୱାଇଁ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଉପଜିଲାପାଳ ପ୍ରକାଶ ମିଶ୍ର, ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସହ ବହୁ ବିଭାଗୀୟ ଅଧିକାରୀ ସହର ମୁଖ୍ୟ ରାସ୍ତା ବୁଲି ଦେଖିବା ଓ ସ୍ଥିତି ପରିଖି ଥିଲେ। ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ସହର ମାଝୀଗୁଡ଼ା ଛକ, ସୁବାଷ ଚନ୍ଦ୍ର ବୋଷ ଛକରେ ରିଙ୍ଗ ରୋଡ ନିର୍ମାଣ ପାଇଁ ଟ୍ରାନ୍ସଫର ହଟାଇବା ନିମନ୍ତେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚାମୁରିଆଗୁଡ଼ା ଛକଠାରେ ଟ୍ରାଫିକ ସମସ୍ୟା ସମାଧାନ ନିମନ୍ତେ ରିଙ୍ଗ ରୋଡ ନିର୍ମାଣ ଓ ମେନ୍ ରୋଡ ସ୍ଥିତ ମଙ୍ଗଳମ ଟିମ୍ବର ଛକଠାରେ ଟ୍ରାଫିକ ସମସ୍ୟା ଦୂର ପାଇଁ ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୱାର୍ଡ ନଂ ୧୦ ସ୍ଥିତ ପୁରୁଣା ସଞ୍ଜୟ ମାର୍କେଟରେ ଥିବା ଆମିଷ ବଜାର ପରିଦର୍ଶନ କରି ଏହାର ଉନ୍ନତିକରଣ ପାଇଁ ଆଲୋଚନା କରାଯାଇଛି। ତୁରନ୍ତ ବଜାର ସଫେଇ କାର୍ଯ୍ୟ କରିବାକୁ ସଫେଇ ତାଗିଦ କରାଯାଇଛି। ସହରରେ କୁଢ଼କୁଢ଼ ଅଳିଆ ଆବର୍ଜନା ଦେଖି ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ପରିମଳ କାର୍ଯ୍ୟ ଯଥାଶୀଘ୍ର ସୁଧାରିବା, ନିୟମିତ ଫିନାଇଲ ଓ ବ୍ଲିଚିଂ ପକାଇବାକୁ ପରିମଳ ସଂସ୍ଥାକୁ ତାଗିଦ କରାଯାଇଛି। ସହର ବିଭିନ୍ନ ଉନ୍ନୟନମୂଳକ କାମ ଓ ଅନ୍ୟ ଭିତ୍ତିଭୂମି ବିକାଶ ନେଇ ଆଲୋଚନା କରାଯାଇଛି। ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ କେ. କନ୍ଧପାନି, ଅଧିକ୍ଷଣ ଯନ୍ତ୍ରୀ ଟିପିଏସ୍‌ଓଡିଏଲ୍ ସିବେଶ ରାମ ସାହୁ, କାଉନସିଲର ଏ. ସତୀଶ, ଶର୍ମିଷ୍ଠା ଦେଓ, ପୂର୍ବତନ ନଗରପାଳ ପ୍ରହ୍ଲାଦ ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରମୁଖ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ଚାର୍ଜଶିଟ୍ ଦାଖଲକଲା କ୍ରାଇମ୍‌ବ୍ରାଞ୍ଚ

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୯।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡ଼ି ସମୀର ସାହୁ, ପୂର୍ବତନ ଅଧକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୩୪୯ ପୃଷ୍ଠା ସମ୍ବଳିତ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଏଥିରେ ୧୨୦ଜଣ ସାକ୍ଷୀ ରହିଛନ୍ତି। ୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଏଚ୍‌ଓଡିଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ଅଗଷ୍ଟ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। ନିମ୍ନ କୋର୍ଟର କେସ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା। ଜିଲା ଓ ଦୌରାଜଜ୍ ସମୀରଙ୍କ ଜାମିନକୁ ଖାରଜ କରିଥିଲେ। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଡିଏସ୍‌ପି ତଦନ୍ତକାରୀ ଅଧିକାରୀ ଇମାନ କଲ୍ୟାଣ ନାୟକ ଅଭିଯୁକ୍ତ ସମୀରଙ୍କୁ ପଚରାଉଚରା ପାଇଁ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଜିଲା ଓ ଦୌରାଜଜ୍ ମଞ୍ଜୁର କରିଥିଲେ। ସମୀରଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲା। ରିମାଣ୍ଡ ଅବଧି ସରିବା ପରେ ଏଚ୍‌ଓଡି ସମୀର ସାହୁ ପୁଣି ଜେଲକୁ ଫେରିଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ଏଚ୍‌ଓଡି ସମୀର ସାହୁଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଛି। ଏହାର ଶୁଣାଣି ହୋଇନାହିଁ। ସେହିପରି ଗତ ଅଗଷ୍ଟ ୧୯ ତାରିଖରେ ପୂର୍ବତନ ଅଧକ୍ଷ ଦିଲୀପ ଘୋଷଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଥିଲା। ଅପରପକ୍ଷରେ ଅଗଷ୍ଟ ୧୧ ତାରିଖରୁ ୩ଦିନିଆ ରିମାଣ୍ଡରେ ଦୁଇ ଛାତ୍ରଙ୍କୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଜିଲା କାରାଗାରରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ମାରାଥନ୍ ଜେରା କରିଥିଲା।


କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।


ସୌମ୍ୟାଶ୍ରୀ ବିଶି

## ମଦ ଚୋରି ପରେ ଦୋକାନ ଜାଳିଦେଲେ

ଯୋଡ଼ା, ୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ସିନେମା ହଲ୍ ଛକଠାରେ ଥିବା ଏକ ବିଦେଶୀ ମଦ ଦୋକାନରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଦୋକାନରୁ ମଦ ଚୋରି ପରେ ନିଆଁ ଲଗାଇ ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ଦୋକାନ ଜଳିଯାଇଥିବା ବେଳେ ଗୋଦାମରେ ଥିବା ମଦ ପେଟିଗୁଡ଼ିକ ପ୍ରାୟ ୮୦ ଭାଗ ଜଳିଯାଇଛି। ଏନେଇ ଦୋକାନ ମାଲିକ ସନ୍ତୋଷ କୁମାର ଗୁପ୍ତା ମଙ୍ଗଳବାର ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୋକାନରେ ଲାଗିଥିବା ହାର୍ଡଡିସ୍କ ସହ ପ୍ରାୟ ୧ କୋଟି ଟଙ୍କାର ସାମଗ୍ରୀ ଚୋରି ଓ ପୋଡ଼ି ନଷ୍ଟ ହୋଇଯାଇଥିବା ସେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳ ସାଢ଼େ ୯ଟା ବେଳେ କର୍ମଚାରୀ ଦୋକାନ ଖୋଲିବାକୁ ଆସି ଖୁବ୍ ଜୋରରେ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ମଦ ଦୋକାନ ସଂଲଗ୍ନ ଗୋଦାମ ପଛପଟ ଝରକା ଗ୍ରିଲ୍ କାଟି କେହି ଦୁର୍ବୃତ୍ତ ୬୦୦ ପେଟିରୁ ଊର୍ଦ୍ଧ୍ୱ ମଦ ବୋତଲ ଚୋରି କରିନେଇଛନ୍ତି। ପରେ ଖାଲି ପେଟିଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ଗୋଦାମରୁ ନିଆଁ ଦୋକାନକୁ ବ୍ୟାପୀ ଯାଇଥିଲା। କର୍ମଚାରୀ ଜଣକ କିଛି ସାମଗ୍ରୀ ଦୋକାନ ବାହାରକୁ ଆଣିବା ସହ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ୧ଘଣ୍ଟା ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲା।

## ଋଣ କରାଇଦେବା ଆଳରେ ୨୦ ଲକ୍ଷ ଠକେଇ

ବ୍ରହ୍ମପୁର, ୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଜରିଆରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଶିଳ୍ପକେନ୍ଦ୍ରରୁ ଋଣ କରାଇବା ଆଳରେ ଜଣେ ଗ୍ୟାରେଜ ମାଲିକଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଠକେଇ ହୋଇଛି। ୨ ଜଣ ବ୍ୟକ୍ତି ନିଜକୁ ଜିଲା ଶିଳ୍ପକେନ୍ଦ୍ରର କର୍ମଚାରୀ ପରିଚୟ ଦେଇ ଠକେଇ କରିଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଇ.ଜୟଗୋପାଳ ପାତ୍ରଙ୍କୁ ଗିରଫ କରିଥିବା ନେଇ ଏସ୍‌ପି ବିବେକ ଶର୍ବଣା ଏମ୍ ସୂଚନା ଦେଇଛନ୍ତି।

କମାପଲ୍ଲୀ ଖଳାସାହିର ନୀଳାମ୍ବର ସେଠୀ ଜଣେ କାର୍ ମେକାନିକ। ଶୁଭେନ୍ଦୁ ପଲେଇ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ଥିଲା। ବର୍ଷେ ତଳେ ଶୁଭେନ୍ଦୁ ଅନ୍ୟ ୨ ବ୍ୟକ୍ତି ଇ. ଜୟଗୋପାଳ ଓ ଦୁର୍ଯ୍ୟୋଧନ ମହାରଣାଙ୍କୁ ଆଣି ନୀଳାମ୍ବରଙ୍କ ସହ ପରିଚିତ କରାଇଥିଲେ। ଜୟଗୋପାଳ ଓ ଦୁର୍ଯ୍ୟୋଧନ ନିଜକୁ ଜିଲା ଶିଳ୍ପ କେନ୍ଦ୍ରର କର୍ମଚାରୀ ବୋଲି ପରିଚୟ ଦେବା ସହ ପିଏମ୍‌ଇଜିପିରେ କାର୍ ଗ୍ୟାରେଜ ପାଇଁ ୨୫ ଲକ୍ଷ ଟଙ୍କାର ଋଣ କରାଇ ଦେବେ ବୋଲି କହିଥିଲେ। ଜୟଗୋପାଳ ନିଜ ନାମରେ 'ଚକାଡୋଲା ଆଣ୍ଡ କୋ' ନାମକ ଏକ ଗ୍ୟାରେଜ ପଞ୍ଜୀକରଣ କରିଥିଲେ। ସେହି ନାମରେ ବ୍ରହ୍ମପୁରର କୌଣସି ସ୍ଥାନରେ ଏକ ଗ୍ୟାରେଜ ଖୋଲିବାକୁ ପଡ଼ିବ ବୋଲି ନୀଳାମ୍ବରଙ୍କୁ କହିଥିଲେ। ତେଣୁ ନୀଳାମ୍ବର ଆଙ୍କୁଲି ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଘରଭଡ଼ା ନେଇ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି କାର୍ ଗ୍ୟାରେଜ ଖୋଲିଥିଲେ। ଡିଆଇସିରୁ ୨୫ ଲକ୍ଷ ଋଣ ପାଇବାକୁ ହେଲେ ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ତାଙ୍କୁ କୁହାଯାଇଥିଲା। ନୀଳାମ୍ବର ୬ଲକ୍ଷ ଟଙ୍କା ଧାର ଆଣି ଉଭୟଙ୍କୁ ଦେଇଥିଲେ। କିଛି ଦିନ ପରେ କମାପଲ୍ଲୀ କାନାରା ବ୍ୟାଙ୍କ ଅଧିକାରୀମାନେ ଆଙ୍କୁଲିସ୍ଥିତ ଉକ୍ତ ଗ୍ୟାରେଜକୁ ଯାଇ ପରିଦର୍ଶନ କରିଥିଲେ। ଏହାପରେ ଉକ୍ତ ଗ୍ୟାରେଜ ପାଇଁ ମେଶିନ କିଣିବା ଉଦ୍ଦେଶ୍ୟରେ ଚକାଡୋଲା ଆଣ୍ଡ କୋ ନାମରେ ୧୫ ଲକ୍ଷ ଟଙ୍କାର ଆକଳନ କାନାରା ବ୍ୟାଙ୍କକୁ ଦିଆଯାଇଥିଲା। ବ୍ୟାଙ୍କ ପକ୍ଷରୁ ଉକ୍ତ ଋଣ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ କିଛି ସମୟ ପରେ ସେହି ଟଙ୍କା ଫେଡେରାଲ ବ୍ୟାଙ୍କକୁ ଟ୍ରାନ୍ସଫର କରିଦିଆଯାଇଥିଲା। ନୀଳାମ୍ବରଙ୍କ ନାମରେ ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇସାରିଥିବା ବେଳେ ଏହା ମଧ୍ୟରେ ୫ ମାସ ବିତି ସାରିଛି । ହେଲେ ନୀଳାମ୍ବରଙ୍କ ଗ୍ୟାରେଜକୁ ଗୋଟିଏ ବି ମେଶିନ ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ନୀଳାମ୍ବର ସମ୍ପୃକ୍ତ ୨ ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ବିଭିନ୍ନ ବାହାନା କରି ଦିନ ଗଡ଼ାଇଥିଲେ। ଏପରକି ସେମାନେ ବିଭିନ୍ନ ପ୍ରକାର ଧମକ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନୀଳାମ୍ବର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପ୍ରାୟ ୩୦ ଲକ୍ଷ ଟଙ୍କା ଋଣ ବୋଝରେ ରହିଥିବା ବେଳେ ମେଶିନ ମିଳି ନ ଥିବାରୁ ଗ୍ୟାରେଜରେ କାମ ମଧ୍ୟ କରିପାରୁନାହାନ୍ତି ବୋଲି ନୀଳାମ୍ବର ଅଭିଯୋଗରେ ଦର୍ଶାଇଛନ୍ତି । ପୋଲିସ ନଂ. ୪୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## କାର୍‌ରେ ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି, ୯।୯(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୫ ତାରିଖରେ ଗଣେଶ ଭସାଣି ଦେଖିବାକୁ ଆସିଥିବା ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଉକ୍ତ ମାମଲାରେ ପୋଲିସ ଦାରିଙ୍ଗବାଡ଼ିରୁ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୁର୍ଜୁବାଡ଼ି ଅଞ୍ଚଳର ପ୍ରଶାନ୍ତ ପ୍ରଧାନ(୨୭)। ଏନେଇ ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ନାବାଳିକା ଭସାଣି ଦେଖି ଭଉଣୀଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ପ୍ରଶାନ୍ତ ତାଙ୍କୁ କାର୍ (ନଂ. ଓଡି-୦୭ ଏକ୍ସ ୦୫୯୩)ରେ ବସିବାକୁ କହିଥିଲେ। ନାବାଳିକା ଜଣକ ପୂର୍ବରୁ ପ୍ରଶାନ୍ତଙ୍କୁ ଜାଣିଥିବାରୁ ତାଙ୍କ କାର୍‌ରେ ବସିଥିଲେ। ପରେ ପ୍ରଶାନ୍ତ ନାବାଳିକାଙ୍କୁ ସହର ବାହାରକୁ ନେଇ ତାଙ୍କୁ କାର୍ ଭିତରେ ବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ କାହାରିକୁ କହିଲେ ହତ୍ୟା କରିବାକୁ ପ୍ରଶାନ୍ତ ଧମକ ଦେଇଥିଲେ। ମାତ୍ର ପରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୮୨/୨୫)ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ପ୍ରଶାନ୍ତ ଫେରାର ଥିଲେ। ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

## ଲାଞ୍ଚ ନେଇ ଗ୍ରାମ୍ୟ କୃଷି କର୍ମଚାରୀ ଗିରଫ

ବଇଣ୍ଡା, ୯।୯ (ପରିକ୍ଷିତ ସାହୁ)

ଏକ ଏନ୍‌ଜିଓକୁ ୟୁଟିଲାଇଜେଶନ ସାର୍ଟିଫିକେଟ୍ (ୟୁସି) ପ୍ରଦାନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଗୋଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ। କିଶୋରନଗର ବ୍ଲକ ରଣିଆକଟା, ଧଉରାପାଲି ପଞ୍ଚାୟତ ପାଇଁ ନିଯୁକ୍ତ ବିଶ୍ୱନାଥ ବ୍ଲକ କୃଷି କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ସମସ୍ତ ଟଙ୍କା ଜବତ କରିଥିଲା।

ସୂଚନା ଅନୁଯାୟୀ, ହଣ୍ଡପା ଥାନା ରଘୁନାଥପୁର ଗ୍ରାମର ରଞ୍ଜନ କୁମାର ପ୍ରଧାନ କିଶୋରନଗର ବ୍ଲକର ଏକ ଏନ୍‌ଜିଓରେ ସଂଯୋଜକ ଭାବେ କାମ କରୁଛନ୍ତି। ଉକ୍ତ ଏନ୍‌ଜିଓର ବିରି, ମୁଗ, ରାଶି ଏବଂ ଔଷଧ ବିତରଣ ପାଇଁ ୟୁସି ଆବଶ୍ୟକତା ଥିଲା। ଏହି ସାର୍ଟିଫିକେଟ ଦେବା ପାଇଁ ବିଶ୍ୱନାଥଙ୍କ ପାଖରେ ରଞ୍ଜନ ଆବେଦନ କରିଥିଲେ। ହେଲେ ବିଶ୍ୱନାଥ ଏଥିରେ ବିଳମ୍ବ କରିଥିଲେ। ଏ ନେଇ ରଞ୍ଜନ ବାରମ୍ବାର ବ୍ଲକ କୃଷି କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଉକ୍ତ ସାର୍ଟିଫିକେଟ ପାଇଁ ବିଶ୍ୱନାଥ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ନେଇ ଗତ ସୋମବାର ରଞ୍ଜନ ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କୁ କେମିକାଲ ବୋଳା ୨୦ ହଜାର ଟଙ୍କା ଦିଆଯାଇଥିଲା। ରଞ୍ଜନ ଉକ୍ତ ଟଙ୍କା ବ୍ଲକ କାର୍ଯ୍ୟାଳୟରେ ବିଶ୍ୱନାଥଙ୍କୁ ପ୍ରଦାନ କରିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା।

**BUSINESS**

# ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ




ଭୁବନେଶ୍ୱର, ୯।୯(ଅନୁରାଧା ମହାରଣା)

ଟିଭିଏସ୍ ମୋଟର କମ୍ପାନ (ଟିଭିଏସ୍‌ଏମ୍) ପକ୍ଷରୁ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ ହୋଇଯାଇଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ ଦ୍ୱାରା ଚାଳିତ ଏବଂ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ। ଏହି ସ୍କୁଟରଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହାର ସ୍ପୋର୍ଟି ଲୁକ୍ ନୂଆ ପିଢ଼ିକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଟିଭିଏସ୍ ସ୍କୁଟରର ଏରିଆ ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ଟିଭିଏସ୍ ଏନ୍‌ଟର୍କର ଗ୍ରୁପ୍ ବ୍ରାଣ୍ଡ ମ୍ୟାନେଜର ରାଜ ବିଶ୍ୱାସ ସ୍କୁଟରର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ଶୋ'ରୁମ୍, ସାରା ଭାରତ) ରହିଛି। ଏହି ନୂତନ ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଏଥିରେ ମଲ୍ଟି ପଏଣ୍ଟ ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗ୍‌ଲେଟ୍, ରଙ୍ଗିନ ଆଲୟ ଚକ ଏବଂ ସିଗ୍‌ନେଚର ମଫଲର୍ ନୋଟ୍ ଏହାର ରେସିଂ ଡିଏନ୍‌ଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେଶନ ଏବଂ ଓଟିଏ ଅପ୍‌ଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହ ଏକ ହାଇ-ରେସ୍ ଟିଏଫ୍‌ଟି କ୍ଲଷ୍ଟର ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର ଭାବରେ ଗଢ଼ିତୋଳିଛି। ଏହାର ଶୁଭାରମ୍ଭ ଅବସରରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପସଭାପତି ଅନିରୁଦ୍ଧ ହାଲ୍‌ଦାର କହିଛନ୍ତି, ୨ ନିୟୁତରୁ ଅଧିକ ଏନ୍‌ଟର୍କ ଗ୍ରାହକ ଏବଂ ୫୦ରୁ ଅଧିକ ସ୍ୱପରିଚାଳିତ ରାଇଡ୍ ଗ୍ରୁପ୍ ଏବଂ ସମ୍ପ୍ରଦାୟ ସହ ଭାରତର ସବୁଠାରୁ ପ୍ରିୟ। ଟିଭିଏସ୍ ଏନ୍‌ଟର୍କ ଆକର୍ଷଣୀୟ ଡିଜାଇନ, ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ନୂତନ ଯୁଗର ପ୍ରଯୁକ୍ତିକୁ ସମର୍ଥନ କରୁଛି। ଟିଭିଏସ୍ ଏନ୍‌ଟର୍କ ୧୫୦ ଏକ ୧୪୯.୭ ସିସି, ଏୟାରକୁଲ୍‌ଡ, ୩ଭିସି ଟେକ୍ ଇଞ୍ଜିନ ଦ୍ୱାରା ଚାଳିତ ଯାହା ୭୦୦୦ ଆର୍‌ପିଏମ୍‌ରେ ୧୩.୨ ପିଏସ୍ ଏବଂ ୫,୫୦୦ ଆର୍‌ପିଏମ୍‌ରେ ୧୪.୨ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ମାତ୍ର ୬.୩ ସେକେଣ୍ଡରେ ୦-୬୦ କେଏମ୍/ଏଚ୍‌ରେ ତ୍ୱରାନ୍ୱିତ ହୋଇ ଏବଂ ୧୦୪ କେଏମ୍/ଏଚ୍‌ର ଏକ ଶୀର୍ଷ ଗତିକୁ ବଢ଼ାଉଛି ଏବଂ ଏହା ଉକ୍ତ ଶ୍ରେଣୀର ସବୁଠାରୁ ଦ୍ରୁତତମ ସ୍କୁଟର ଭାବରେ ଉଭାହୋଇଛି।

## ୧ ଲକ୍ଷ ଟପିଲା ୨୨ କ୍ୟାରେଟ୍ ସୁନା

ଭୁବନେଶ୍ୱର, ୯।୯(ଅନୁରାଧା ମହାରଣା)

ଦିନକୁ ଦିନ ସୁନା ଦର ବଢ଼ିବାରେ ଲାଗିଛି। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୯ ମଧ୍ୟରେ ସୁନା ଦାମ ୭ ଥର ବୃଦ୍ଧି ପାଇଥିବା ବେଳେ ଥରେ ହ୍ରାସ ଓ ୨ ଥର ସ୍ଥିର ରହିଛି। ପୂର୍ବରୁ ୨୪ କ୍ୟାରେଟ ସୁନା ଦର ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ମଙ୍ଗଳବାର ୨୨ କ୍ୟାରେଟ ସୁନା ମଧ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ୨୨ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦାମ ୧,୦୧,୧୦୦ ଟଙ୍କା ହୋଇଛି। ଏହା ମଙ୍ଗଳବାର ୯୯,୮୫୦ ଟଙ୍କା ଥିଲା।



ଏଥିରେ ୧,୨୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୪ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦର ୧,୧୦,୨୯୦ ଟଙ୍କାରେ ପହଞ୍ଚିଛି। ଦିନକ ପୂର୍ବରୁ ଏହା ୧,୦୮,୯୩୦ ଟଙ୍କା ଥିଲା। ଅର୍ଥାତ୍ ଏଥିରେ ୧,୩୬୦ ଟଙ୍କା ବୃଦ୍ଧି ହୋଇଛି। ଅନ୍ୟପଟେ ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୮୨,୭୨୦ ଟଙ୍କା ରହିଛି। ମଙ୍ଗଳବାର ୮୧,୭୦୦ ଟଙ୍କା ଥିଲା। ଏଥିରେ ୧,୦୨୦ ଟଙ୍କା ବୃଦ୍ଧି ହୋଇଛି। ୧୦୦ ଗ୍ରାମ ରୁପା ଦାମ ୧୪,୦୦୦ ଟଙ୍କା ରହିଛି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ କଟନ ଫ୍ୟାବ୍‌ର ଦ୍ୱିତୀୟ ସପ୍ତାହରେ ଘୋଷିତ ୩ ଲକି ବିଜେତାଙ୍କ ମଧ୍ୟରୁ ପ୍ରଥମ ବିଜେତା ସବ୍ୟସାଚୀଙ୍କୁ କଟନ ଫ୍ୟାବ୍‌ର ମ୍ୟାନେଜର ସାବନ କୁମାର ପୁରସ୍କୃତ କରୁଛନ୍ତି।

## ୟୁବିଆଇ ପକ୍ଷରୁ ୫୨.୫୦ଲକ୍ଷର ମୃତ୍ୟୁଜନିତ ଦାବି ସମାଧାନ

ଭୁବନେଶ୍ୱର, ୯।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଏଚ୍.କେ. ଦାସଙ୍କ ମାର୍ଗଦର୍ଶନରେ ଏକ ଚେକ୍ ପ୍ରଦାନ ସମାରୋହ ଆୟୋଜନ କରାଯାଇ ଓଏସ୍‌ଏପି ୬ ବାଟାଲିୟନ୍ କ୍ୟାମ୍ପସ୍‌ଠାରେ ମୃତ୍ୟୁଜନିତ ଦାବି ସମାଧାନ କରାଯାଇଛି। ଏହି ସମାଧାନ ଅନ୍ତର୍ଗତ ସରକାରୀ କର୍ମଚାରୀଙ୍କ ପାଇଁ ୟୁନିୟନ ସୁପର ସାଲାରି ଆକାଉଣ୍ଟ ଅଧୀନରେ ୪୦ ଲକ୍ଷ ଏବଂ ବ୍ୟକ୍ତିଗତ ଋଣ ପାଇଁ ୧୨.୫୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା। ଏହିପରି ମୋଟ ୫୨.୫୦ଲକ୍ଷ ଟଙ୍କାର ଦାବି ସମାଧାନ କରାଯାଇଥିଲା। ମୃତ କର୍ମଚାରୀ ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦାସ ସରକାରୀ କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଖୁଚୁରା ଋଣ ଉତ୍ପାଦ ଉପରେ ଆଲୋକପାତ କରିଥିଲେ। ଓଏସ୍‌ଏପିର କମାଣ୍ଡାଟ୍ ଏସ୍.ଏନ୍. ମଲ୍ଲିକ ଉତ୍କୃଷ୍ଟ ତଥା ତ୍ୱରନ୍ତ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପ୍ରଶଂସା କରିଥିଲେ। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍. ସାଇଙ୍କ ସମେତ ଓଏସ୍‌ଏପିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ୟୁନିୟନ ବ୍ୟାଙ୍କର ସେବା ପାଇଁ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ଲିପ୍ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର ଏବଂ ଚାଉଳିଆଗଞ୍ଜ ଶାଖାର ଶାଖା ପ୍ରବନ୍ଧକ ନବନୀତା ସେନ୍‌ଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା।



ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ୪୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

## ଦୁବାଇରେ ୟୁପିଆଇ-ୟୁପିୟୁର ଶୁଭାରମ୍ଭ

ଭୁବନେଶ୍ୱର, ୯।୯

କେନ୍ଦ୍ରୀୟ ଯୋଗାଯୋଗ ଓ ଉତ୍ତର-ପୂର୍ବ କ୍ଷେତ୍ରର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ଦୁବାଇରେ ଆୟୋଜିତ ୨୮ତମ ୟୁନିଭର୍ସାଲ ପୋଷ୍ଟାଲ କଂଗ୍ରେସରେ ୟୁପିଆଇ-ୟୁପିୟୁ ସମନ୍ୱୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଡାକ ବିଭାଗ, ଏନ୍‌ପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ୍ ଲିମିଟେଡ୍ (ଏନ୍‌ଆଇପିଏଲ୍) ଏବଂ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ (ୟୁପିୟୁ) ଦ୍ୱାରା ବିକଶିତ ଏହି ପଦକ୍ଷେପ, ଭାରତର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)କୁ ୟୁପିୟୁ ଇଣ୍ଟରକନେକ୍ସନ୍ ପ୍ଲାଟ୍‌ଫର୍ମ (ଆଇପି) ସହ ସଂଯୁକ୍ତ କରିବ। ଏହାଦ୍ୱାରା ପୋଷ୍ଟାଲ ନେଟ୍‌ୱାର୍କରେ ୟୁପିଆଇର ବ୍ୟବହାର ଦ୍ରୁତ ଓ ସୁଲଭ ହେବ। ଏହି ଅବସରରେ ସିନ୍ଧିଆ କହିଛନ୍ତି, ଆଧାର, ଜନଧନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ସହ ଆମେ ୫୬୦ ନିୟୁତରୁ ଅଧିକ ଆକାଉଣ୍ଟ ଖୋଲିଛୁ, ଯାହା ମଧ୍ୟରୁ ଅଧିକାଂଶ ମହିଳାଙ୍କ ନାମରେ ରହିଛି। ଭାରତୀୟ ଡାକ ଗତ ବର୍ଷ ୯୦୦ ନିୟୁତରୁ ଅଧିକ ଚିଠି ଏବଂ ପାର୍ସଲ ପ୍ରଦାନ କରିଛି। ସିନ୍ଧିଆ ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ଧ୍ୟାନ ଦେଇ ପ୍ରଯୁକ୍ତିବିଦ୍ୟାକୁ ନବସୃଜନରେ ପରିଣତ କରିବା ପାଇଁ ୧୦ ନିୟୁତ ଡଲାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୟୁପିୟୁର ପ୍ରଶାସନ ପରିଷଦ ଏବଂ ପୋଷ୍ଟାଲ ଅପରେଶନ୍ସ ପରିଷଦ ପାଇଁ ଭାରତର ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ଏହା ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ସୀମାପାର ଦେଣନେଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ରାଇସ୍ ବ୍ରାନ୍ ଅଏଲ: ଫ୍ରିଡମ୍

ଭୁବନେଶ୍ୱର, ୯।୯

ଦିନକୁ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାବେଳେ ଉପଯୁକ୍ତ ଜୀବନଶୈଳୀ ଓ ଖାଦ୍ୟରେ ବ୍ୟବହାର ହେଉଥିବା ଉପାଦାନର ଗୁଣବତ୍ତା ଯାଞ୍ଚ ଜରୁରୀ ହୋଇପଡ଼ିଛି। ଏହା ମଧ୍ୟରେ ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି, ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ଚାଉଳର ଉପର ବାଦାମୀ ଆସ୍ତରଣରୁ ପ୍ରସ୍ତୁତ କରାଯାଉଛି। ତେଣୁ ଏଥିରେ ପୋଷକତତ୍ତ୍ୱ ଭରିରହିଛି। ଏଥିରେ ଉତ୍ତମ ଫ୍ୟାଟ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଭରି ରହିଥିବା କମ୍ପାନୀ ଦାବି କରିଛି। ଏହା ଖାଦ୍ୟକୁ ସୁସ୍ୱାଦୁ କରିବା ସହ ମନ ପ୍ରଫୁଲ୍ଲ ରଖିଥାଏ। କମ୍ପାନୀ ଆହୁରି ମଧ୍ୟ କହିଛି, ଏକ୍ସପର୍ଟମାନେ ଏଥିରେ କୋଲେଷ୍ଟରଲ୍ ଲେଭଲ ଠିକ୍ ମାତ୍ରାରୁ ଅନୁଧ୍ୟାନ କରିଛନ୍ତି। ଏଥିରେ ମନୋଅନ୍‌ସାଚୁରେଟେଡ୍ ଓ ପଲିଅନ୍‌ସାଚୁରେଟେଡ୍ ଫ୍ୟାଟ୍ ଠିକ୍ ଅନୁପାତ ରହିଥିବାରୁ ଏହା ଏଲ୍‌ଡିଏଲ୍ ହ୍ରାସ ଏବଂ ଏଚ୍‌ଡିଏଲ୍ ବୃଦ୍ଧିରେ ସହାୟକ ହୁଏ। ଏଆଇଜି ହସ୍ପିଟାଲର ଚେୟାରମ୍ୟାନ ଡା. ଡି. ନାଗେଶ୍ୱର ରେଡ୍ଡିଙ୍କ ଦ୍ୱାରା ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ରାଇସ୍ ବ୍ରାନ୍ ଅଏଲ ଏବଂ ଅଲିଭ ଅଏଲ୍ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି। ରାଇସ୍ ବ୍ରାନ୍ ଅଏଲରେ ଯଥେଷ୍ଟ ପରିମାଣର ଗାମା ଅରାଇଜନାଲ ଥିବାରୁ ଏହା କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରୁଥିବା ଉଲ୍ଲେଖ କରିଛନ୍ତି। ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲର ବରିଷ୍ଠ ଉପସଭାପତି ପି .ଚନ୍ଦ୍ରଶେଖର ରେଡ୍ଡି କହିଛନ୍ତି, ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖି ଏହି ତେଲ ପ୍ରସ୍ତୁତ କରାଯାଉଛି। ଏହା ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ୟୁନିସିଆକୁ ଫିଫା ବିଶ୍ୱକପ୍ ଯୋଗ୍ୟତା


ମ୍ୟାଚ ଜିତିବା ପରେ ଉଲ୍ଲସିତ ଟ୍ୟୁନିସିଆ ଖେଳାଳିମାନେ।

**ଟ୍ୟୁନିସ୍ (ଟ୍ୟୁନିସିଆ), ୯।୯(ଏପି)**

ଟ୍ୟୁନିସିଆ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଇକ୍ୱେଟୋରିଆଲ ଗିନିକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୪ର୍ଥ ମିନିଟ୍‌ରେ ଟ୍ୟୁନିସିଆ ତରଫରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ମହମ୍ମଦ ଅଲି ବେନ୍ ରମଧାନେ। ଏହି ଦଳ ଆଉ ଦୁଇଟି ଗେମ୍ ବାକିଥାଇ ଆସନ୍ତାବର୍ଷ ନର୍ଥ ଆମେରିକାରେ ହେବାକୁଥିବା ଏହି ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ ପାଇଁ ଏକମାତ୍ର ବିଜୟ ଆବଶ୍ୟକ କରୁଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ୮ଟି ଗେମ୍‌ରୁ ୨୨ ପଏଣ୍ଟ ଅର୍ଜନକରି ଗ୍ରୁପ୍ 'ଏଚ୍' ଟେବୁଲ ଶୀର୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନାମ୍ବିଆଠାରୁ ୧୦ ପଏଣ୍ଟ ଆଗୁଆ ରହିଛି। ନାମ୍ବିଆ ହାତରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ଗୋଟିଏହେଲେ ଗୋଲ୍ ବରଣ କରିନାହିଁ। ଟ୍ୟୁନିସିଆ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୭ମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ୨୦୧୮ ଓ ୨୦୨୨ରେ ଦଳ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଆଫ୍ରିକା ମହାଦେଶରୁ ପୂର୍ବରୁ ଅନ୍ୟତମ ଦଳ ମରକ୍କୋ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛି। ଏସିଆରୁ ଜାପାନ, ଇରାନ, ଜୋର୍ଡାନ, ଦକ୍ଷିଣ କୋରିଆ, ଉଜ୍‌ବେକିସ୍ତାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରିସାରିଛନ୍ତି। ସେହିପରି ଓସେନିଆରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଇକ୍ୱେଡର ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋ ଆପେ ଯୋଗ୍ୟତା ହାସଲ କରିଛନ୍ତି।

# ସାତ୍ୱିକ-ଚିରାଗ, କିରଣ ଜର୍ଜ ବିଜୟୀ

**ହଂକଂ, ୯।୯ (ପି.ଟି.)**

ଭାରତର ଶ୍ରେଷ୍ଠ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଜୟ ସହ ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ କିରଣ ଜର୍ଜ କ୍ୱାଲିଫାଇଂରେ ଲଢୁଆ ପ୍ରଦର୍ଶନ କରି ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇପାରିଛନ୍ତି। ନିକଟରେ ପ୍ୟାରିସଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିବା ସାତ୍ୱିକ ଓ ଚିରାଗ ସେମାନଙ୍କ ଓପନିଂ ରାଉଣ୍ଡରେ ତାଇୱାନର ଚିଉ ହିଆଙ୍ଗ ଚିଏ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୧୮-୨୧, ୨୧-୧୦ରେ ହରାଇ ଦେଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର-୧ ଯୋଡ଼ି ତଥା ୮ମ ସିଡ୍ ଦ୍ୱିତୀୟ ରାଉଣ୍ଡରେ ଜାପାନର କେନ୍ୟା ମିତ୍‌ସୁହାସି/ହିରୋକି ଓକାମୁରା ଓ ଥାଇଲାଣ୍ଡର ପିରାଚାଇ ସୁକପାହୁନ/ ପାକାପନ ତିରାରାତ୍‌ସାକୁଲ ଯୋଡ଼ିଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଅନ୍ୟପକ୍ଷରେ କିରଣ କ୍ୱାଲିଫାଇଙ୍ଗରେ ପଛକୁ ପଛ ବିଜୟ ସହ ମୁଖ୍ୟ ଡ୍ର'ରେ ତାଙ୍କ ସ୍ଥାନ ପକ୍କା କରିଛନ୍ତି। ସେ ପ୍ରଥମେ ମାଲେସିଆର ଚିମ୍ ଜୁନ୍ ୱିଙ୍କୁ ଏବଂ ପରେ ନିଜ ଦେଶର ଏସ୍. ଶଙ୍କର ମୁଥୁସାମୀ ସୁବ୍ରମଣ୍ୟନଙ୍କୁ ପରାସ୍ତ କରିଥିଲେ।

# ଭାରତ ଆଜି କୋରିଆକୁ ଭେଟିବ

**ହାଙ୍ଗ୍‌ଝୋ (ଚାଇନା), ୯।୯ (ପି.ଟି.)**

ଭାରତ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟରେ ଏହାର ପ୍ରଥମ ମ୍ୟାଚ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଜିତି ଦଳ ଟୁର୍ନାମେଣ୍ଟରେ ଏହାର ଅପରାଜେୟ ଧାରା ବଜାୟ ରଖିବାକୁ ଚେଷ୍ଟା କରିବ। ଭାରତ ପୁଲ୍ 'ବି'ରେ ଥାଇଲାଣ୍ଡକୁ ୧୧-୦ ରେ ପରାସ୍ତ କରିଥିବା ବେଳେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ ୨-୨ରେ ଡ୍ର ରଖିଥିଲା। ପରେ ସିଙ୍ଗାପୁର ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚକୁ ଭାରତ ୧୨-୦ ଗୋଲରେ ଜିତି ନେଇଥିଲା। ପୁଲ୍ 'ବି'ରେ ଜାପାନ ସମାନ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନ ଭିତ୍ତିରେ ଭାରତ ଶୀର୍ଷରେ ରହିଥିଲା। ଭାରତ ଏଠାରେ ଟାଇଟଲ ବିଜୟୀ ହୋଇ ବେଲଜିୟମ ଓ ନେଦରଲାଣ୍ଡରେ ଆୟୋଜନ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି।

# ଲଦାଖ ମାରାଥନ୍

**ଲେହ (ଲଦାଖ), ୯।୯(ପି.ଟି.):** ଲଦାଖ ମାରାଥନ୍‌ରେ ଭାରତ ସମେତ ମୋଟ୍ ୩୧ଟି ଦେଶରୁ ୬,୬୦୦ ଧାବକ ଅଂଶଗ୍ରହଣ କରିବେ। ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଇଭେଣ୍ଟ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ହେବ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

ମନେ ପଡ଼ନ୍ତି


# Classified Everyday

0674-2580101, 9692975378



## MATRIMONIAL

### BRIDE WANTED

Wanted a beautiful, well Educated Tall Girl within the age group of 26 to 30 years for a B.TECH+ MBA qualified boy (MBA from KIIT School of Management, Bhubaneswar), working as a Manager, Talent Acquisition in a Bangalore based IT-AI Company. Presently working from home (Dhenkanal). Bride from Karana, Kshatriya or Khandayat Family is preferred, Contact- Father (Call-9937717477, Whatsapp-9438772415). D-1895

**Wanted bride from Odia Brahmin Family for son 29 years, 5'11", 25/11 working as Manager in RBI. Kindly contact- 8200357446.** D-1849

### GROOM WANTED

Wanted suitable service groom for beautiful Kshyatrya Girl 1995, 5'4", MSC (Geology) "SUNASANSAR". 9937512659. D-1886

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



## REAL ESTATE

### SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୫କିଲୋମିଟର ଦୂର ମଙ୍ଗରାଜପୁର ଛକ ନିକଟରେ 200ଫୁଟ ରାସ୍ତା ପାଖରେ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗ ଫୁଟକୁ **2700** ଟଙ୍କା। **Genuine Buyer please Call- 9438109040/ 8144658008.** D-1921

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923




The massage felt totally professional! & comfortable at all times- 7978109255. D-76492

## AFFIDAVIT

By virtue of an affidavit before Notary Public, Kantabanji bearing No.- 791 on 16.08.2025 that in my Aadhaar Card and other documents my name spells as "Ambika Bariha" W/o- Gurudeb Bariha of Village – Saraspara P.O.- Patrapali P.S.- Bangomunda Dist.- Balangir, Odisha but in my S.B. Account of Bank of Baroda, Kantabanji my name is wrongly entered as Ambika Padhan whereas Ambika Bariha and Ambika Padhan W/o Gurudeb Bariha is same and one person. D-1926

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate/Notary Public, Muniguda, Dated - 08/09/2025, Bisikeshan Kumuruka, Village- Koramohan, P.O.- Kumudabali, P.S.-Ambadola, Dist.- Rayagada, Odisha my son old name Premananda Kumuruka declare that I have changed the new name of to Paramananda Kumuruka. Henceforth, he/she shall be known as newname Paramananda Kumuruka for all purposes. D-1925

Before the Court of Notary Public, Jajpur Road, I Minakshi Malik, aged about 35 year W/o Manoj Jena of Village -Mundamal, P.O./P.S.- Jajpur Road, Dist. - Jajpur, Odisha, PIN -755019. My Adhaar No.- xxxx xxxx 3578, My daughter namely Manisha Jena. Hereby declare that Minakshi Jena and Minakshi Malik both the name are one and same person. D-1924

By virtue of an affidavit sworn before Executive Magistrate, Bhubaneswar, dated- 08.09.2025 bearing C.F. No.- 50, 08.09.2025, I, Susila Palei(New Name) Address: At- Dalakhai Basti, Laxmisagar, P.O.- Budheswari Colony, P.S.- Laxmisagar, Bhubaneswar, PIN-751006, Dist.- Khordha, Odisha, declare that I have changed my name from Bouri Palei (Old Name) to Susila Palei (New Name). Henceforth, I shall be known as Susila Palei (New Name) for all purposes. D-1916

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Talasu Sanjib Kumar Patra, S/o- Late T. Syambabu Patro, resident, At- Aska Main Road, Kalinga Road, Aska, Post/ P.S.- Aska, Dist.- Ganjam, Odisha, PIN- 761110, declare by this affidavit No.- 1475, dtd.- 06.09.2025 that now onwards I shall be known as T.Sanjeeb Kumar Patro for all future purposes. D-1922

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my minor son's name from Kamaleswar Rajual to Kamaleswar Ray. Henceforth, he shall be known as Kamaleswar Ray for all purposes.
Kamaleswar Ray D-1917

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Ramachandra Rajual to Ramachandra Ray. Henceforth, I shall be known as Ramachandra Ray for all purposes.
Ramachandra Ray. D-1918

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Pramila Ray, W/o- Ramachandra Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Pramila Rajual to Pramila Ray. Henceforth, she shall be known as Pramila Ray for all purposes.
Pramila Ray. D-1919

**I, Dheeraj Kumar Daga, S/o- Lunkaran Daga, resident of Niharika Apartment, Laxmi Sagar, Bhubaneswar, State- Odisha, PIN- 751006 declare by this affidavit No.- 39, dtd. 09.09.2025, that now onwards I shall be known as Dhiraj Kumar Daga for all future purposes.** D-1920

I was known as Sampad Kumar Khara, S/o- Late Nilambara Khora, resident of Village- Kelar, P.O.- Kusumaguda, P.S.- Kakiriguma, Dist.- Koraput, Odisha, PIN- 765013, declare by this affidavit No.- 310, date- 04.09.2025, that now onwards I shall be known as Sampad Kumar Khora, resident of Village- Kelar, P.O.- Kusumaguda, P.S.- Kakiriguma, Dist.- Koraput, Odisha, PIN- 765013 for my all future purposes. D-1931

By virtue of an affidavit sworn before the Executive Magistrate, Jajpur Road dated on 09.09.25, I Arundhoti Sahoo W/o Pravat Kumar Nayak of vill- Tarailo, Uchabali, P.S.- Tamaka, Dist.- Jajpur do hereby declare that name of my husband in my son's (Auroprasanta Nayak) birth certificate is Pravat Ku. Nayak, & his name mentioned in his Aadhaar Card is Pravat kumar Nayak. Both these name of my husband are of same person. This is true & best of my knowledge & belief. D-1927

By the virtue of an affidavit sworn before the Notary Public, Cuttack dated 12.2.2025, I, Subash Chandra Jena, S/o - Prananath Jena, At-sobera, Post- Ostapal, P.S.-Tamaka, Dist.- Jajpur. my daughter's correct name is Champabati Jena but in Aadhaar Card recorded as Sweet Sampurna Jena. I have changed my daughter name from Sweet Sampurna Jena to Champabati Jena. Henceforth, she will known as Champabati Jena for all purposes.
Subash Chandra Jena D-1932

### ୧୧ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ବାଞ୍ଛାନିଧି ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଡାଲଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର
ବାପା! ଚାହୁଁ ଚାହୁଁ ୧୧ବର୍ଷ ବିତିଗଲା। ଏଇ ୧୧ବର୍ଷରେ ଆପଣଙ୍କ ଅନୁପସ୍ଥିତି ଆମକୁ କେତେ ଯେ କଷ୍ଟ ଦେଇଛି ତାହା ସେଇ ଈଶ୍ୱର ଜାଣନ୍ତି। ଯେଉଁଠିବି ଅଛନ୍ତି ଖୁସିରେ ଥାଆନ୍ତୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ଆପଣଙ୍କର ଆଦରଣୀୟ- ରକ୍ମିଣୀ, ଝିଅ- ଜ୍ୱାଇଁ ଓ ନାତି- ନାତୁଣୀମାନେ।
ଧ-1930

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଉଷାରାଣୀ ଶତପଥୀ**
ସୋମନାଥନଗର ଦ୍ୱିତୀୟଲେନ, ବ୍ରହ୍ମପୁର
ଆବିର୍ଭାବ: ୧୫।୦୮।୧୯୫୮
ତିରୋଧାନ: ୩୦।୦୮।୨୦୨୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ- ପରିବାରବର୍ଗ, ସ୍ୱାମୀ- ସୁରେଶଚନ୍ଦ୍ର ଶତପଥୀ, ବଡ଼ପୁଅ- ସୁରଜିତ, ସାନପୁଅ- ସତ୍ୟଜିତ, ମନସ୍ୱିନୀ, ପ୍ଲାବରୀ, ଶସ୍ତଶ୍ରୀ, ଶ୍ରୀଜିତ, ଶ୍ରୀୟାଶ୍ରୀ, ଜ୍ଞାନେନ୍ଦ୍ର, ଶୁଭଶ୍ରୀ, ସ୍ତୁତି, ସୌମ୍ୟକା
Ph- 8806550066
ଧ-1929

### ଷଷ୍ଠ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶୁଭଙ୍କର ମଲ୍ଲିକ୍ (ବର୍ଣ୍ଣି)**
ବାଣିତିଆ, ଭଦ୍ରକ
ଆବିର୍ଭାବ:୨୪।୦୩।୨୦୦୪
ତିରୋଧାନ:୧୦।୦୯।୨୦୧୯
ବର୍ଣ୍ଣିରେ....!
ଚାହୁଁ ଚାହୁଁ ବିତିଗଲା ଛଅବର୍ଷ, ତୁ ଯିବା ପରଠାରୁ ଆଖିରୁ ଆମ ଶୁଖୁନି ଲୁହର ଧାରା। ଇଏ କେବଳ ଏକ ଔପଚାରିକ ମାତ୍ର। ତୋ ଦାୟିତ୍ୱ ଦେଇଛୁ ଈଶ୍ୱରଙ୍କୁ ସେ ତୋତେ ଭଲରେ ରଖିଥାନ୍ତୁ। ଆଜି ତୋର ଷଷ୍ଠ ପୁଣ୍ୟତିଥିରେ ଏତିକି ଗୁହାରି ତାଙ୍କ ପାଦତଳେ।
ଶୋକସନ୍ତପ୍ତ: ତୋର ହତଭାଗ୍ୟ- ବାବା, ମାମା, ଭଉଣୀ ଶୀତୁ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।
ଧ-1928

## କୁକୁଡ଼ା ପାଳନ କରୁଥିଲେ...

ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।



## ମାଛଚାଷ ସମୟରେ...

ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆକୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ସୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆକୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।

## ଅଳ୍ପରେ...

- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।
- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



# ଫସଲ ଉତ୍ପାଦନରେ ସିଲିକନ୍ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଉଦ୍ଭିଦରେ ୯ ଗୋଟି ଉପାଦାନ ଥିବାର ରାସାୟନିକ ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ସେଥିମଧ୍ୟରୁ ୧୮ ଗୋଟି ଅତ୍ୟାବଶ୍ୟକ ଖାଦ୍ୟ ଉପାଦାନ। ଅନ୍ୟ ୭୨ ଗୋଟି ଉଦ୍ଭିଦର ଖାଦ୍ୟ ଉପାଦାନ ନୁହେଁ। କିନ୍ତୁ ଉକ୍ତ ଉପାଦାନସବୁ ଉଦ୍ଭିଦ ବା ଫସଲ ଉତ୍ପାଦନରେ ବିଭିନ୍ନ ଭୂମିକା ନେଇଥାନ୍ତି । ଉକ୍ତ ୭୨ଟି ଉପାଦାନ ମଧ୍ୟରୁ ସିଲିକନ ଅନ୍ୟତମ । ଫସଲ ଉତ୍ପାଦନରେ ସିଲିକନ୍ର ଭୂମିକା ସବୁଠାରୁ ଅଧିକ। ଫସଲ ସିଲିକନ୍କୁ ଚେର ମାଧ୍ୟମରେ ସିଲିସିଲିକ ଅମ୍ଳ ଭାବେ ମାଟିରୁ ଶୋଷଣ କରିଥାଏ । ମାଟିରେ ସିଲିସିଲିକ ଅମ୍ଳ ଅଦ୍ରବଣୀୟ ସିଲିକା ନାମରେ ଥାଏ। ଫସଲର ଚେରରୁ ଅଙ୍ଗାରକାମ୍ଳଜାନ ନିର୍ଗତ ହୋଇ ଜୈବ କାର୍ବୋନିକ୍ ଅମ୍ଳ ସିଲିକାକୁ ଦ୍ରବୀଭୂତ କରି ସିଲିସିଲିକ ଅମ୍ଳ ଭାବେ ଫସଲ ଚେର ଦ୍ୱାରା ଗ୍ରହଣ ହୁଏ। ସିଲିସିଲିକ ଅମ୍ଳ ଫସଲର ଖାଦ୍ୟ ନୁହେଁ। କିନ୍ତୁ ଫସଲର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ପହଞ୍ଚି ଅଦ୍ରବଣୀୟ ସିଲିକାରେ ପରିଣତ ହୁଏ। ଉକ୍ତ ସିଲିକା ଫସଲକୁ ବିଭିନ୍ନ ଉପାୟରେ ସୁରକ୍ଷାଦେଇ ଉତ୍ପାଦନ ବଢ଼ାଏ।

ସିଲିକା, ଫସଲର ବିଭିନ୍ନ ଅଂଶରେ ସ୍ତରୀକୃତ ଭାବେ ରହି ଫସଲର ଓଜନ ବଢ଼ାଏ । ଏହାଛଡ଼ା ସ୍ତରୀକୃତ ସିଲିକା ଫସଲକୁ ବାହ୍ୟ ରୋଗ ଓ ପୋକ ଆକ୍ରମଣରୁ ସୁରକ୍ଷା ଦିଏ । ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ ଦ୍ୱାରା ଧାନ ଫସଲ ଛନଛନିଆ ହୋଇ ବଢ଼େ। ଏହାଦ୍ୱାରା ଫସଲ ମହିଷା, ବ୍ଲାଇଟ୍, ପତ୍ରଦାଗ ଆଦି କବକ ରୋଗରେ ଆକ୍ରାନ୍ତ ହୁଏ । ଧାନ ପତ୍ରରେ ସ୍ତରୀକୃତ ସିଲିକା ଥିବାରୁ କବକ ରୋଗର କାରକ ମାଇସେଲ (ସରୁ ସୂତା ପରି ଏକ ପଦାର୍ଥ) ସିଲିକା ସ୍ତରକୁ ଭେଦ କରିପାରେ ନାହିଁ। ଏହାଦ୍ୱାରା ଧାନ ଫସଲ କବକଜନିତ ରୋଗରୁ ରକ୍ଷା ପାଏ। ଧାନ ଫସଲ ବିଭିନ୍ନ ପୋକ ଯଥା କାଣ୍ଡବିନ୍ଧା, ଗନ୍ଧିବଗ୍, ଥ୍ରିପସ୍, ମାଇଟ୍, ଚକଡା (ଗଲମିଜ) ଆଦି ଦ୍ୱାରା ବହୁଳ ଭାବରେ ଆକ୍ରାନ୍ତ ହୁଏ। ଧାନଗଛର ପତ୍ର ଏବଂ କାଣ୍ଡରେ ସ୍ତରୀକୃତ ସିଲିକା ଥିବାରୁ ପୋକର ଶୁଣ୍ଢ ସିଲିକା ସ୍ତରକୁ ଭେଦକରି ନ ପାରିବା ହେତୁ ଫସଲ ପୋକ ଆକ୍ରମଣରୁ ଶତକଡ଼ା ୭୦ ରୁ ୮୦ ଭାଗ ସୁରକ୍ଷା ପାଏ । ଧାନର ଚଷୁରେ ୨୦ରୁ ୨୫ ଶତକଡ଼ା ସିଲିକା ଥିବାରୁ ସାଇତା ଧାନରେ ରୋଗ ଏବଂ ପୋକ ଆକ୍ରମଣ କମ୍ । ଧାନ ଫସଲ ପରି ଆଖୁ, ବାଜରା ଜୁଆର ଏବଂ ମକା ଆଦି ଫସଲର ପତ୍ର ଏବଂ କାଣ୍ଡରେ ସିଲିକା ଥିବାରୁ ଏହି ସବୁ ଫସଲରେ ରୋଗ ଏବଂ ପୋକ ଆକ୍ରମଣ କମ୍। ପରୀକ୍ଷାରୁ ଜଣାପଡ଼ିଛି ଯେ ଆଖୁରେ ସିଲିକା ଥିବା ପଦାର୍ଥ ପ୍ରୟୋଗକଲେ ଆଖୁର ଓଜନ ବଢ଼ିବା ସହ ଆଖୁରୁ ଅଧିକ ରସ ବାହାରେ ଏବଂ ଏହି ରସରୁ ପ୍ରସ୍ତୁତ ଗୁଡ଼ର ମାନ ବଢ଼େ । ପରୀକ୍ଷାରୁ ଆହୁରି ଜଣାପଡ଼ିଛି ଯେ ସବୁଜ ଗୋଖାଦ୍ୟ ଫସଲରେ ସିଲିକା ପ୍ରୟୋଗ ଦ୍ୱାରା ଏହି ଫସଲ ରୋଗ ଏବଂ ପୋକ ଆକ୍ରମଣରୁ ରକ୍ଷା ପାଇବା ସହ ଓଜନ ବଢ଼ିଛି।

"ସିଲିକା ଅଭାବରେ ଢିପ ଜମିର ଫସଲକୁ ଶୀଘ୍ର ମରୁଡ଼ି ବାଧେ। କାରଣ ଫସଲର ପତ୍ରରେ ଥିବା ସିଲିକା ସ୍ତର ପତ୍ର ଛିଦ୍ର ଖୋଲିବା ଏବଂ ବନ୍ଦକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ପତ୍ରର ସ୍ୱେଦ ବା ଉତ୍ସ୍ୱେଦ (ଟ୍ରାନ୍ସପିରେଶନ) ପ୍ରକ୍ରିୟା ନିୟନ୍ତ୍ରଣ ହୁଏ। ସିଲିକା ସ୍ତର ପତ୍ରରେ ନ ରହିଲେ ଅଧିକ ଜଳ ଫସଲରୁ ବାଷ୍ପୀଭୂତ ହୋଇ ଗଛ ଝାଉଁଳେ। ଫସଲ ଚେର ଦ୍ୱାରା ମାଟିରୁ ସିଲିସିଲିକ ଅମ୍ଳ ଶୋଷଣକରେ। ଏହି ପ୍ରକ୍ରିୟା ସମୟରେ କିଛି ସିଲିସିଲିକ ଅମ୍ଳ ଚେର ମଧ୍ୟରେ ରହି କଠିନ ସିଲିକାରେ ପରିଣତ ହୁଏ। ଚେରରେ ସିଲିକା ଅଭାବରେ ଚେର ଦୁର୍ବଳ ହୁଏ। ଏହାଦ୍ୱାରା ମାଟିରେ ଥିବା ରୋଗ ବୀଜାଣୁ ଏବଂ କେତେକ କ୍ଷୁଦ୍ର ପୋକ ଫସଲକୁ ଆକ୍ରମଣ କରନ୍ତି ।"



ସିଲିକା ଅଭାବରେ ଢିପଜମିର ଫସଲକୁ ଶୀଘ୍ର ମରୁଡ଼ି ବାଧେ। କାରଣ ଫସଲର ପତ୍ରରେ ଥିବା ସିଲିକା ସ୍ତର ପତ୍ର ଛିଦ୍ର ଖୋଲିବା ଏବଂ ବନ୍ଦକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ପତ୍ରର ସ୍ୱେଦ ବା ଉତ୍ସ୍ୱେଦ (ଟ୍ରାନ୍ସପିରେଶନ) ପ୍ରକ୍ରିୟା ନିୟନ୍ତ୍ରଣ ହୁଏ । ସିଲିକା ସ୍ତର ପତ୍ରରେ ନ ରହିଲେ ଅଧିକ ଜଳ ଫସଲରୁ ବାଷ୍ପୀଭୂତ ହୋଇ ଗଛ ଝାଉଁଳେ । ଫସଲ ଚେର ଦ୍ୱାରା ମାଟିରୁ ସିଲିସିଲିକ ଅମ୍ଳ ଶୋଷଣ କରେ । ଏହି ପ୍ରକ୍ରିୟା ସମୟରେ କିଛି ସିଲିସିଲିକ ଅମ୍ଳ ଚେର ମଧ୍ୟରେ ରହି କଠିନ ସିଲିକାରେ ପରିଣତ ହୁଏ । ଚେରରେ ସିଲିକା ଅଭାବରେ ଚେର ଦୁର୍ବଳ ହୁଏ । ଏହାଦ୍ୱାରା ମାଟିରେ ଥିବା ରୋଗ ବୀଜାଣୁ ଏବଂ କେତେକ କ୍ଷୁଦ୍ର ପୋକ ଫସଲକୁ ଆକ୍ରମଣ କରନ୍ତି । ଫସଲରେ ସିଲିକା ପରିମାଣ କମିଗଲେ ଗଛର ଶାଖା ପ୍ରଶାଖା ଦୁର୍ବଳ ହୋଇ ଭାଙ୍ଗିପଡ଼େ । ପରୀକ୍ଷାରୁ ଜଣା ପଡ଼ିଛି ଯେ ଧାନ ଫସଲ ଏବଂ ସବୁଜ ଗୋଖାଦ୍ୟରେ ସିଲିକା ପରିମାଣ କମିଲେ ଫସଲ ପବନରେ ଶୋଇପଡ଼େ । ଧାନର ନଡ଼ା ଏବଂ ଗୋଖାଦ୍ୟର ମାନ କମେ।

ମାଟିରେ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟଠାରୁ ସିଲିକାର ପରିମାଣ ସବୁଠାରୁ ଅଧିକ । ଅମ୍ଳ ମାଟିରେ ଲୁହା ଏବଂ ଆଲୁମିନିୟମ ସଂଲଗ୍ନରେ ଆସି ସିଲିସିଲିକ ଅମ୍ଳ ଅଦ୍ରବଣୀୟ ସିଲିକାରେ ପରିଣତ ହୁଏ । ଅଙ୍ଗାରକାମ୍ଳ ବାଷ୍ପରେ ମିଶି ଏହା ସିଲିସିଲିକ ଅମ୍ଳରେ ପରିଣତ ହୁଏ । ଅମ୍ଳ ମାଟିରେ ଅଦ୍ରବଣୀୟ ସିଲିକା ଅଧିକ । ତେଣୁ ଅମ୍ଳ ମାଟିରେ ଚୂନ ପ୍ରୟୋଗ କଲେ ସିଲିକା ଦ୍ରବୀଭୂତ ହୋଇ ସିଲିସିଲିକ ଅମ୍ଳ ଭାବେ ଫସଲ ପାଏ। ତେଣୁ ଅମ୍ଳ ମାଟିରେ ଚୂନ ପ୍ରୟୋଗ କରିବା ଉଚିତ୍। ଏହା ଦ୍ୱାରା ଉଭୟେ ଫସ୍ଫରସ୍ ଏବଂ ସିଲିକନ୍କୁ ଫସଲ ପାଇଥାଏ । ହେକ୍ଟର ପିଛା ଏକ ହଜାର କିଲୋଗ୍ରାମ ଚୂନ ପ୍ରୟୋଗ କରିବା ଉଚିତ୍ । ଚୂନ ବଦଳରେ ହେକ୍ଟର ପିଛା ୧୫୦୦ କିଲୋଗ୍ରାମ କାଗଜକଳର ମଇଳା ପ୍ରୟୋଗ କରାଯାଇ ପାରେ । ରାୟଗଡ଼ାସ୍ଥ କାଗଜକଳ ମଇଳାକୁ ଚାଷୀ ତା' ନିକଟବର୍ତ୍ତୀ ଅମ୍ଳ ମାଟିରେ ସହଜରେ ପ୍ରୟୋଗ କରିପାରିବେ। ଆମ ରାଜ୍ୟରେ ପ୍ରାୟ ୭୦ ଭାଗ ଚାଷ ଜମିର ମାଟି ଅମ୍ଳ। ତେଣୁ ଉକ୍ତ ମାଟିରେ ଉଭୟ ଫସ୍ଫରସ୍ ଏବଂ ସିଲିକନ୍ ଅଭାବ ରହିଛି । ଅଧିକ ଫସଲ ଅମଳ ପାଇଁ ଅମ୍ଳ ମାଟିରେ ଚୂନ ପ୍ରୟୋଗ ଜରୁରୀ । ମାଟିର ପିଏଚ୍ ପରୀକ୍ଷାକରି ଚୂନ ପ୍ରୟୋଗ କରାଯାଏ । ମାଟିର ପିଏଚ୍ ୬.୫ରୁ ଅଧିକ ହେଲେ ଚୂନ ପ୍ରୟୋଗର ଆବଶ୍ୟକତା ନାହିଁ । ଖାରୀ ଏବଂ ବୁନିଆ ମାଟିର ପିଏଚ୍ ୬.୫ ରୁ ୭.୫ ମଧ୍ୟରେ ଥାଏ । ଉକ୍ତ ମାଟିରେ ସିଲିକନ୍ ଫସଲକୁ ଗ୍ରହଣ ଯୋଗ୍ୟ ଅବସ୍ଥାରେ ଥାଏ।

ରାଉରକେଲାସ୍ଥ ଲୁହା କାରଖାନରୁ ନିର୍ଗତ ହେଉଥିବା ବେସିକ୍ ସ୍ଲାଗ୍ରେ ୧୭ ରୁ ୨୧ ଭାଗ ସିଲିକା ସହ ୪୩ ରୁ ୪୮ ଭାଗ କାଲ୍ସିୟଅକ୍ସାଇଡ୍ ଥାଏ । ଏହାର ଗୁଣ୍ଡ ହେକ୍ଟରକୁ ୧୦୦୦ କି.ଗ୍ରା. ଅମ୍ଳମାଟିରେ ପ୍ରୟୋଗକଲେ ମାଟିର ଅମ୍ଳତ୍ୱ କମିବା ସହ ଉଭୟ ସିଲିକନ୍ ଏବଂ ଫସ୍ଫରସ୍ ଫସଲକୁ ମିଳିଥାଏ। ବଜାରରେ ସୋଡିୟମ ସିଲିକେଟ୍ ନାମରେ ଏକ ରାସାୟନିକ ପଦାର୍ଥ ମିଳେ। ଏଥିରୁ ହେକ୍ଟର ପିଛା ୪୫୦ କିଲୋଗ୍ରାମ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲକୁ ସିଲିକନ୍ ମିଳିଥାଏ। ତାଳଚେରସ୍ଥ ବିଦ୍ୟୁତ୍ଚାଳିତ କୋଇଲା ଚୁଲାରୁ ନିର୍ଗତ ଫ୍ଲାଏଆଶ୍ ବା ପାଉଁଶରୁ ଶତକଡ଼ା ୪୦ ରୁ ୪୫ ଭାଗ ସିଲିକା ଥାଏ । ଏହାକୁ ଢିପ ଜମିସ୍ଥ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲ ସିଲିକନ୍ ପାଇବା ସହ ମାଟିର ଜଳଧାରଣ ଶକ୍ତି ବଢ଼ିଥାଏ। ଉକ୍ତ ପାଉଁଶରୁ ହେକ୍ଟର ପ୍ରତି ୫ଟନ୍ ପ୍ରୟୋଗ କଲେ ଧାନ ଫସଲ ସିଲିକନ୍ ପାଇବା ସହ ଫସଲ ମରୁଡ଼ିରୁ ରକ୍ଷାପାଏ। ଧାନରୁ ବାହାରୁଥିବା ଚଷୁରେ ପ୍ରାୟ ୨୦ ରୁ ୨୫ ଭାଗ ସିଲିକା ଏବଂ ଧାନ ନଡ଼ାରେ ପ୍ରାୟ ୧୦ ରୁ ୧୨ ଭାଗ ସିଲିକା ଥାଏ । ଏହାକୁ କ୍ଷେତରେ ନ ପୋଡ଼ି ଧାନକ୍ଷେତରେ ପ୍ରୟୋଗକରି ହେକ୍ଟର ପ୍ରତି ୧୦ କିଲୋ ୟୁରିଆ ପ୍ରୟୋଗ କଲେ ଚଷୁ ଏବଂ ନଡା ଶୀଘ୍ର ପଚି ସିଲିକା କ୍ଷେତରେ ମିଶେ । ସିଲିକା ସହ ଜୈବ ଅଙ୍ଗାର ମଧ୍ୟ ଫସଲକୁ ମିଳିଥାଏ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣା ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର୍ ଫସ୍ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।



## ଡାଲି ଜାତୀୟ ଫସଲ ବୁଣିବା ପୂର୍ବରୁ..

ଜମି ପ୍ରସ୍ତୁତକରି ନିଗିଡ଼ା ଢିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ଧାନ ଅମଳ ପୂର୍ବରୁ...

ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗକରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ ଗୁଣ ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ। ଲେଡ଼ାପୋକ ଦମନ ପାଇଁ ଲାମ୍ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ ।



ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୦/୨୦୨୫ Bhubaneswar, Wednesday, September 10/ 2025




ଏସିଆ କପ୍ କ୍ରିକେଟ ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ଦୁବାଇରେ ଟ୍ରଫି ସହ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ।

# ଆଜିଠୁ ଭାରତର ଅଭିଯାନ

**ଦୁବାଇ, ୯।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍-୨୦୨୫ରେ ଭାରତର ଅଭିଯାନ ବୁଧବାର ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଦଳୀୟ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ ମୁଖ୍ୟ କାର୍ଯ୍ୟ ହେବ। ତେଣୁ ତୃତୀୟ ସ୍ପିନର

**ଏସିଆ କପ୍ କ୍ରିକେଟ**

**(ଆଜିର ମ୍ୟାଚ୍)**

**ଭାରତ ବନାମ ୟୁଏଇ**

**ଭେନ୍ୟୁ: ଦୁବାଇ,**

**ସମୟ: ରାତି ୮ଟା**

**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

କିମ୍ବା ଜଣେ ଅତିରିକ୍ତ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ଖେଳାଯିବ ତା' ଉପରେ ନଜର ରହିବ। ଗୌତମ ଗମ୍ଭୀର ଭାରତୀୟ ଦଳର କୋଚ୍ ଦାୟିତ୍ୱ ନେବାପରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିପାରୁଥିବା ଖେଳାଳିଙ୍କ ଗୁରୁତ୍ୱ ବଢ଼ିଛି। ଅର୍ଥାତ୍ ୮ ନମ୍ବର ପର୍ଯ୍ୟନ୍ତ ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ସେ ଦୃଢ଼ ରଖିବାକୁ ଚାହୁଁଛନ୍ତି। ଆସନ୍ତା ୧୪ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ତେଣୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏହାର ଡ୍ରେସ୍ ରିହର୍ସାଲ ଭାବେ ବିବେଚନା କରାଯାଉଛି। ବିଶେଷକରି ୟୁଏଇ ବିପକ୍ଷ ମ୍ୟାଚ୍‌ରୁ ଦଳୀୟ ସନ୍ତୁଳନ ସଜାଡ଼ିବା ଉପରେ ନଜର ରଖାଯିବ।

ୟୁଏଇର ଅନେକ ଖେଳାଳିଙ୍କ ପାଇଁ ଭାରତ ବିପକ୍ଷ ମ୍ୟାଚ୍ ଗୁରୁତ୍ୱ ରଖିବ। କାରଣ ଆଇସିସିର ସହଯୋଗୀ ଦେଶର ଖେଳାଳିଭାବେ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ସମ୍ମୁଖୀନ ହେବା କିମ୍ବା ଶୁବମନ ଗିଲ୍‌ଙ୍କୁ ବୋଲିଂ କରିବା କେବେହେଲେ ସହଜ ହେବନାହିଁ। ଏଥିରୁ ସେମାନଙ୍କୁ ପର୍ଯ୍ୟାପ୍ତ ଅଭିଜ୍ଞତା ମିଳିବ।

ଭାରତୀୟ ସେଟ୍‌ଅପ୍‌ରେ ସଞ୍ଜୁ ସାମ୍‌ସନ ବନାମ ଜୀତେଶ ଶର୍ମାଙ୍କୁ ନେଇ ଦେଖା ଦେଇଥିବା ଦ୍ୱନ୍ଦ୍ୱ ସମାଧାନ ହୋଇଥିବା ପରି ଲାଗୁଛି। ଜଣେ ସଫଳ ଫିନିଶର ଭାବେ ବିଦର୍ଭର ଜୀତେଶ କେରଳର ସାମ୍‌ସନଙ୍କୁ ପଛରେ ପକାଇ ଦେଇଥିବା ନେଟ୍ସ ଅବସରରେ ପରିଲକ୍ଷିତ ହୋଇଛି। ଟପ୍ ଅର୍ଡରରେ ଶୁବମନ ଗିଲ୍‌ଙ୍କ ଉପସ୍ଥିତି ଫଳରେ ବିସ୍ଫୋରକ ବ୍ୟାଟର ସଞ୍ଜୁଙ୍କୁ ବାହାରେ ବସିବାକୁ ପଡ଼ିବ। ଗିଲ୍ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଆଇସିସି ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନକୁ ଉନ୍ନୀତ ହୋଇଥିବା ତିଳକ ବର୍ମା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩ ଏବଂ ୪ ନମ୍ବର ସ୍ଥାନ ପାଇଁ ଫିଟ୍। ଏହାପରେ ଆସିବ ଅଲ୍‌ରାଉଣ୍ଡରଙ୍କ ପାଳି। ପେସ୍ ବୋଲର ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା, ସ୍ଲୋ ଟ୍ରାକ୍‌ରେ ଭଲ ବୋଲିଂ କରିବାର ଦକ୍ଷତା ରଖିଥିବା ଶିବମ୍ ଦୁବେ ୬ ଏବଂ ଜୀତେଶ ୭ ନମ୍ବରରେ ଆସିବା ଏକପ୍ରକାର ନିଶ୍ଚିତ। ଏହି ସ୍ଥାନରେ ପ୍ରଭାବୀ ପ୍ରଦର୍ଶନକରି ଜୀତେଶ ରୟାଲ ଚ୍ୟାଲେଞ୍ଜର୍ସଙ୍କୁ ପ୍ରଥମ ଆଇପିଏଲ୍ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କୋଚ୍ ଗମ୍ଭୀର ବ୍ୟାଟିଂ ଲାଇନ୍‌ଅପ୍‌ରେ ଗଭୀରତା ଚାହୁଁଥିବାରୁ ସ୍ପିନ୍ ବୋଲିଂ ସହ ଭଲ ବ୍ୟାଟିଂ କରିବାର ଦକ୍ଷତା ରଖିଥିବା ଅକ୍ଷର ପଟେଲ ନମ୍ବର ୮ରେ ଆସିବେ। କପିଲ ଦେବଙ୍କ ପରେ ଭାରତର ସବୁଠୁ ଭଲ ଫାଷ୍ଟ ବୋଲର ବିବେଚିତ ହେଉଥିବା ଯଶ୍‌ପ୍ରୀତ୍ ବୁମ୍‌ରା ଏବଂ ଭାରତର ସବୁଠାରୁ ସଫଳ ଟି୨୦ ବୋଲର ଅର୍ଶଦୀପ ସିଂ ପରବର୍ତ୍ତୀ ୨ଟି ସ୍ଥାନ ପାଇଁ ସ୍ୱାଭାବିକ ପସନ୍ଦ ଭାବେ ଉଭା ହେବେ। ଅବଶିଷ୍ଟ ଗୋଟିଏ ସ୍ଥାନ ପୂରଣ ଲାଗି ମ୍ୟାଚ ଦିନ ପିଚ୍ ଦେଖି ନିଷ୍ପତ୍ତି ନିଆଯିବ।

ସେପ୍ଟେମ୍ବରରେ ଏସିଆ କପ୍ ହେଉଛି ଅର୍ଥ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପିଚ୍ ଗ୍ରୀନ୍ ଏବଂ ସତେଜ ରହିବ। ତେଣୁ ଏଥିରୁ ବାଉନ୍ସ ମିଳିବ ଏବଂ ବଲ୍ ଭଲଭାବେ କ୍ୟାରି କରିବ। ଏଭଳି ସ୍ଥିତିରେ ୫୦ ଓଭରବିଶିଷ୍ଟ ଚାମ୍ପିୟନ ଟ୍ରଫିରେ ଭାରତ ୪ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳାଇଥିଲା। ଏପରି ସ୍ଥିତିରେ ଆଗାମୀ ମ୍ୟାଚ୍ ପାଇଁ ଆଉ ଜଣେ ସ୍ପିନର ବରୁଣ କିମ୍ବା କୁଲଦୀପଙ୍କୁ ସାମିଲ କରାଯାଇପାରେ। ଭାରତର ଅଭ୍ୟାସ ସେସନରେ ଅଭିଷେକ ମଧ୍ୟ ବେଶ୍ କିଛି ସମୟ ସ୍ପିନ୍ ବୋଲିଂ କରିଥିବା ଦେଖିବାକୁ ମିଳିଥିଲା।

ୟୁଏଇ ପାଇଁ କୋଚ୍ ଲାଲ୍‌ଚାନ୍ଦ ରାଜପୁତଙ୍କ ଅଧୀନରେ ଟ୍ରେନିଂ ନେଇଥିବା ମହମ୍ମଦ ୱାସିମ୍, ରାହୁଲ ଚୋପ୍ରା ଓ ସିମରନ୍‌ଜିତ ସିଂଙ୍କ ପାଇଁ ଦକ୍ଷତା ଦେଖାଇବାର ସମୟ ଆସିଛି। ଭାରତ ବିପକ୍ଷ ଗେମ୍ କଷ୍ଟସାଧ ହେବ ବୋଲି ରାଜପୁତ ସ୍ୱୀକାର କରିଛନ୍ତି। ତେବେ ୟୁଏଇ ଖେଳାଳିମାନଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ଭଲ ସୁଯୋଗ ରହିଛି। ଅନ୍ୟପକ୍ଷେ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବନାହିଁ ବୋଲି ସେ ପୂର୍ବାନୁମାନ କରିଛନ୍ତି।



ନ୍ୟୁ ଲୁକ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା।

## ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସିନ୍‌ୱାରିଙ୍କ ଅବସର

**କରାଚୀ, ୯।୯ (ପି.ଟି.):** ପାକିସ୍ତାନର ବାମହାତୀ ପେସର ଉସ୍‌ମାନ ସିନ୍‌ୱାରି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ତରଫରୁ ସେ ଶେଷଥର ପାଇଁ ୬ ବର୍ଷ ପୂର୍ବେ ଖେଳିଥିଲେ। ୩୧ ବର୍ଷୀୟ ସିନ୍‌ୱାରି ୨୦୧୩ରୁ ୨୦୧୯ ମଧ୍ୟରେ ସମସ୍ତ ଫର୍ମାଟ୍‌ରେ ମାତ୍ର ୩୪ ମ୍ୟାଚ୍ ଖେଳିଛନ୍ତି। ତେବେ ସେ କ୍ରିକେଟ୍ ଲିଗ୍‌ରେ ଖେଳିବା ଜାରି ରଖିଛନ୍ତି। ସେ ଗୋଟିଏ ଟେଷ୍ଟ, ୧୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସିନ୍‌ୱାରି ୨୦୧୩ ଡିସେମ୍ବରରେ ଦୁବାଇଠାରେ ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।

## ଶ୍ରୀଲଙ୍କା ଦଳରେ ଜାନିଥ ଲିୟାଙ୍ଗେ

**କଲମ୍ବୋ, ୯।୯ (ପି.ଟି.):** ଏସିଆ କପ୍ କ୍ରିକେଟ ପାଇଁ ଘୋଷଣା କରାଯାଇଥିବା ଶ୍ରୀଲଙ୍କା ଦଳରେ ଜାନିଥ ଲିୟାଙ୍ଗେ ସ୍ଥାନ ପାଇଛନ୍ତି। ଏହି ମିଡଲଅର୍ଡର ବ୍ୟାଟର ୨ ବର୍ଷ ପରେ ଅନ୍ତର୍ଜାତୀୟ ଟି୨୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚାରିଥ ଆସାଲାଙ୍କାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳର ସଂଖ୍ୟା ୧୭ରେ ପହଞ୍ଚିଛି। ସେପ୍ଟେମ୍ବର ୧୩ରେ ଆବୁଧାବିଠାରେ ବାଂଲାଦେଶ ବିପକ୍ଷରେ ଖେଳି ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ୩୦ ବର୍ଷୀୟ ଲିୟାଙ୍ଗେ ହେଉଛନ୍ତି ଜଣେ ହ୍ୱାଇଟ୍ ବଲ୍ ସ୍ପେସାଲିଷ୍ଟ। ସେ ୨୮ ଅନ୍ତର୍ଜାତୀୟ ଦିନିକିଆ ଖେଳି ୮୨୪ ରନ ସଂଗ୍ରହ କରିଛନ୍ତି।

# ପାରା ସ୍ପୋର୍ଟ୍ସରେ ଉଦୟଙ୍କ ଭାଗ୍ୟୋଦୟ

**ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)**

**ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ**

ଜାପାନର ଟୋକିଓରେ ବୁଧବାରଠାରୁ ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ-୨୦୨୫ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ପାରା ସ୍ପୋର୍ଟ୍ସ ଇତିହାସରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ଉଦୟ କୁମାର ରାଉତ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ଉଦୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଜାମଧର ଗ୍ରାମର ବାସିନ୍ଦା। ସେ ଗୀତାଞ୍ଜଳି ରାଉତ ଓ ବିଜୟ କୁମାର ରାଉତଙ୍କ ପୁଅ। ବାପାଙ୍କୁ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବା ସମୟରେ ପରିବାରର ଆର୍ଥିକଭାର କମାଇବା ପାଇଁ ଦିଲ୍ଲୀର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଦିନେ କାମ ସମୟରେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇ ଟ୍ରାନ୍ସଭର୍ସ ମାଇଲାଇଟିସ୍ ରୋଗରେ ପୀଡ଼ିତ ହେଲେ। ଫଳରେ ଶାରୀରିକ ଶକ୍ତି ହରାଇ ସେ ଦିବ୍ୟାଙ୍ଗ ଜୀବନ ବାଛିବାକୁ ବାଧହେଲେ। ଏହିଠାରୁ ହିଁ ହୋଇଥିଲା ତାଙ୍କ ଭାଗ୍ୟ ପରିବର୍ତ୍ତନ। କଠିନ ପରିସ୍ଥିତିରେ ଉଦୟ ମନୋବଳ ହରାଇ ନ ଥିଲେ। ପାରା ସ୍ପୋର୍ଟ୍ସକୁ ନୂଆ ଆଶାର ମାର୍ଗ କରିନେଲେ। ଖେଲୋ ଇଣ୍ଡିଆରେ ବ୍ରୋଞ୍ଜ୍ ଏବଂ ଇନ୍ଦୋରରେ ଜାତୀୟ ଖେଳରେ ରୌପ୍ୟ ପଦକ ଭଳି ସଫଳତା ଲାଭ କରି ସେ ନିଜ ଭାଗ୍ୟୋଦୟର ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ ଗୁଜରାଟର ଗାନ୍ଧୀ ନଗରରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ରେ ପ୍ରଶିକ୍ଷଣ ନେଉଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନର ସଭାପତି କମଳାକାନ୍ତ ରଥ କହିଛନ୍ତି, ଉଦୟଙ୍କ ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ସେ ଅନେକ ପ୍ରତିଭାଙ୍କ ଲାଗି ପ୍ରେରଣା ସାଜିଛନ୍ତି।



ଉଦୟ କୁମାର ରାଉତ

# ଫେବୃଆରୀ ୭ରୁ ମାର୍ଚ୍ଚ ୮ ସମ୍ଭାବନା

**ନୂଆଦିଲ୍ଲୀ, ୯।୯ (ପି.ଟି.)**

**୨୦୨୬ ଟି୨୦ ବିଶ୍ୱକପ**

୨୦୨୬ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ହେବା ସମ୍ଭାବନା ରହିଛି। ମ୍ୟାଚ୍‌ଗୁଡ଼ିକ ଭାରତର ୫ ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଫାଇନାଲ ଅହମଦାବାଦ୍ କିମ୍ବା କଲମ୍ବୋରେ ଆୟୋଜନ କରାଯିବ। ପ୍ରତିଯୋଗିତାରେ ପାକିସ୍ତାନ କିପରି ପ୍ରଦର୍ଶନ କରୁଛି ତା' ଉପରେ ଫାଇନାଲ ଭେନ୍ୟୁ ନିର୍ଦ୍ଧାରଣ ହେବ। ପାକିସ୍ତାନ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟରେ ଏ ସମ୍ପର୍କରେ ଚୁକ୍ତି ହୋଇଛି। ପ୍ରତିଯୋଗିତା ପାଇଁ ଆଇସିସି ୱିଣ୍ଡୋ ବାହାର କରି ଅନ୍ୟ ବୋର୍ଡଗୁଡ଼ିକୁ ଅବଗତ କରାଇଛି। ତେବେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇବା ବାକି ରହିଛି। ୱେଷ୍ଟଇଣ୍ଡିଜ୍ ଓ ୟୁଏସ୍‌ଏରେ ଅନୁଷ୍ଠିତ ୨୦୨୪ ଟି୨୦ ବିଶ୍ୱକପ୍ ଫର୍ମାଟ୍ ଅନୁସାରେ ଆଗାମୀ ପ୍ରତିଯୋଗିତା ହେବ। ଭାଗନେବାକୁ ଥିବା ୨୦ଟି ଦଳ ୪ଟି ଗ୍ରୁପ୍‌ରେ ବିଭକ୍ତ ହେବେ। ପ୍ରତି ଗ୍ରୁପ୍‌ରେ ୫ ଲେଖାଏ ଦଳ ରହିବେ। ଲିଗ୍ ପର୍ଯ୍ୟାୟ ପରେ ସୁପର ଏଇଟ୍ ଏବଂ ସେମିଫାଇନାଲ ହେବ। ଇଟାଲୀ ପ୍ରଥମଥର ପାଇଁ ବିଶ୍ୱକପ ଲାଗି ଯୋଗ୍ୟତା ଅର୍ଜନ କରିଛି। ଗତଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡ଼ା ଓ ନେଦରଲାଣ୍ଡସ ଆଦି ୧୫ଟି ଦଳ ଏଥିରେ ଭାଗନେବା ସ୍ପଷ୍ଟ ହୋଇସାରିଛି। ଅବଶିଷ୍ଟ ୨ଟି ଦଳ ଆଫ୍ରିକା କ୍ୱାଲିଫାୟର୍ସ ଏବଂ ୩ଟି ଦଳ ଏସିଆ ଏବଂ ଇଷ୍ଟ ଏସିଆ ପାସିଫିକ୍ କ୍ୱାଲିଫାୟର୍ସରୁ ଆସିବେ।



ଲିଭରପୁଲ୍‌ରେ ଜାପାନର ୟୁମା ନିଶିନାକାଙ୍କ ବିପକ୍ଷ ଲଢ଼େଇ ଅବସରରେ ଭାରତର ନିଖତ ଜରିନ।

## କ୍ୱାର୍ଟରରେ ନିଖତ ଜରିନ୍

**ଲିଭରପୁଲ, ୯।୯**

ଦୁଇଥର ବିଶ୍ୱ ଚାମ୍ପିୟନ ଭାରତର ନିଖତ ଜରିନ୍ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୧ କେଜି ପ୍ରି-କ୍ୱାର୍ଟର ଫାଇନାଲରେ ନିଖତ ଜାପାନର ୟୁମା ନିଶିନାକାଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ୨୯ ବର୍ଷୀୟ ନିଖତ୍ ପ୍ରଥମ ରାଉଣ୍ଡରେ ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ମାତ୍ର ପରେ ଅଭିଜ୍ଞତାର ଉପଯୋଗ କରି ସେ ଏହି ଲଢ଼େଇକୁ ସହଜ କରି ଦେଇଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଇଭେଣ୍ଟ। ନିଖତଙ୍କ ରିଦିମ ଭାଙ୍ଗିବାକୁ ନିଶିନାକା ଚେଷ୍ଟ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆଉ ୩ ମହିଳା ବକ୍ସର ମଧ୍ୟ ପୋଡିୟମ ମଣ୍ଡନଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୱାର୍ଲ୍ଡ ବକ୍ସିଂ ଅଧୀନରେ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ୨୦ ବକ୍ସର ଭାଗ ନେଇଛନ୍ତି।

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୯।୯(ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ପରିସୀମା ମଧ୍ୟରେ ଥିବା ସ୍ୱୀକୃତିପ୍ରାପ୍ତ ସ୍କୁଲ, କଲେଜ, କ୍ଲବ, ସଙ୍ଗଠନ, ସରକାରୀ, ଅର୍ଦ୍ଧସରକାରୀ ଅଫିସ ଆଦି ଅନୁଷ୍ଠାନଗୁଡ଼ିକ ଭାଗ ନେଇପାରିବେ। କୌଣସି ଅଣସ୍ୱୀକୃତିପ୍ରାପ୍ତ କ୍ଲବ କିମ୍ବା ସଙ୍ଗଠନ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସ୍ପଷ୍ଟ କରିଛନ୍ତି। ଯଦି କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ଆସୋସିଏଶନ ସହ ଅନୁବନ୍ଧିତ ନୁହନ୍ତି ତେବେ ସେମାନଙ୍କୁ ଆସୋସିଏଶନର କୌଣସି ଦୁଇଜଣ ଆଜୀବନ କିମ୍ବା ବାର୍ଷିକ ସଦସ୍ୟଙ୍କଠାରୁ ଲିଖିତଭାବେ ସୁପାରିସ୍ ଦାଖଲ କରିବାକୁ ହେବ। ବିଶଦ୍ ବିବରଣୀ ପାଇଁ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ